www.nirbhaysuchana.com
nirbhaysuchanaepaper.com

www.twitter.com/
NirbhaySuchana

www.facebook.com/
Nirbhaysuchana

NIRBHAY SUCHANA

ନିର୍ଭୟ ସୂଚନା

RNI No. ODIODI/2015/65606

Postal RegNo.-CK(N)/22/2021-2023

Vol.No.-12, Issue- 60 Tuesday 03 November, 2026, JAJPUR , Page-8, Rs. 5/- | ବର୍ଷ-୧୨, ସଂଖ୍ୟା-୬୦ ମଙ୍ଗଳବାର, ୦୩ ନଭେମ୍ବର, ୨୦୨୬, ଯାଜପୁର, ପୃଷ୍ଠା-୮, ମୂଲ୍ୟ-୫ଟଙ୍କା



ଓଁ ଗୌରୀପରଂ ମଦନମନ୍ଦିରା ସୌମ୍ୟାଷ୍ଟମ୍
ଲାଙ୍ଗୁଳାଶୂଳାପରୀମଣ୍ଡିତା ହସ୍ତଯୁଗାଂ
ବ୍ରହ୍ମେନ୍ଦ୍ରରୁଦ୍ର ଗଣବନ୍ଦିତା ପାଦପଦ୍ମଂ
ନିତ୍ୟମ୍ ଭଜାମୀ ବିରଜାମ୍ ବିଗାତନୁରଗମ୍

ବଡ଼ ଅଘଟଣ ୧୧ କେଭି ତାର ନେଲା ୮ ଶ୍ରମିକଙ୍କ ଜୀବନ



ଜୟପୁର, ୨।୧ଂ: ରାଜସ୍ଥାନର ଝୁନ୍‌ଝୁନୁ ଜିଲ୍ଲାର ଛାପୋଲୀ ଗାଁରେ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ୮ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । କଦମ କୁଣ୍ଡ ଆଡ଼କୁ ଯାଉଥିବା ରାସ୍ତାରେ ନିର୍ମାଣ କାର୍ଯ୍ୟ ଚାଲିଥିବା ସମୟରେ ଉପର ଦେଇ ଯାଇଥିବା ୧୧ ହଜାର ଭୋଲ୍ଟର ଏକ ହାଇଟେନସନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ରାସ୍ତା ତିଆରି କରୁଥିବା ଏକ ମେସିନ ଆସିଯାଇଥିଲା । ଫଳରେ ମେସିନରେ ବିଦ୍ୟୁତ୍ ପ୍ରବାହିତ ହେବାରୁ ସେଠାରେ କାମ କରୁଥିବା ଶ୍ରମିକମାନେ ଏହାର ଶିକାର ହୋଇଥିଲେ । ସୂଚନା ଅନୁଯାୟୀ, ଛାପୋଲୀ ଗାଁରେ କଦମ କୁଣ୍ଡ ନିକଟରେ ରାସ୍ତା ନିର୍ମାଣ କାମ ଚାଲିଥିଲା । ଏହି କାମରେ ଗୋଡ଼ି ମିଶାଉଥିବା ଏକ ମେସିନ୍ ଲଗାଯାଇଥିଲା । ଶ୍ରମିକମାନେ ରାସ୍ତା ନିର୍ମାଣ କାମରେ ବ୍ୟସ୍ତ ଥିବା ବେଳେ ହଠାତ୍ ମେସିନଟି ୧୧ ହଜାର ଭୋଲ୍ଟ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲା । ହାଇଟେନସନ ଲାଇନରୁ ବିଦ୍ୟୁତ୍ ପ୍ରବାହ ମେସିନକୁ ଆସିଯିବାରୁ ଶ୍ରମିକମାନଙ୍କୁ ଭୀଷଣ ବିଦ୍ୟୁତ୍ ଝଟକା ଲାଗିଥିଲା । ଯାହାକୁ ସମ୍ଭାଳିବାର ସୁଯୋଗ ମଧ୍ୟ ମିଳିନଥିଲା ଏବଂ ଘଟଣାସ୍ଥଳରେ ହିଁ ୮ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା । ଏକାଥରକେ ଏତେସଂଖ୍ୟକ ଶ୍ରମିକଙ୍କ ମୃତ୍ୟୁ ଖବର ପାଇ ଗାଁରେ ଶୋକର ଛାୟା ଖେଳିଯାଇଛି ଏବଂ ଘଟଣାସ୍ଥଳରେ ପ୍ରବଳ ଭିଡ଼ ଜମିଥିଲା । ଏହି ଦୁର୍ଘଟଣାରେ ତିନି ଜଣ ଶ୍ରମିକ ଗୁରୁତର ଭାବେ ପୋଡ଼ି ହୋଇ ଆହତ ହୋଇଛନ୍ତି । ସେମାନଙ୍କୁ ଚିକିତ୍ସା ପାଇଁ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି, ଯେଉଁଠାରେ ସେମାନଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବା ଜଣାପଡ଼ିଛି । ଏହି ଦୁର୍ଘଟଣା ପରେ ମୃତକଙ୍କ ପରିବାରରେ କାନ୍ଦବୋବାଳି ପଡ଼ିଯାଇଥିବା ବେଳେ ସମଗ୍ର ଅଞ୍ଚଳରେ ଶୋକାହତ ପରିବେଶ ସୃଷ୍ଟି ହୋଇଛି । ହାଇଟେନସନ ବିଦ୍ୟୁତ୍ ତାର ନିକଟରେ ଏଭଳି ନିର୍ମାଣ କାର୍ଯ୍ୟ ଏବଂ ମେସିନ ବ୍ୟବହାରକୁ ନେଇ ସୁରକ୍ଷା ବ୍ୟବସ୍ଥା ଉପରେ ବଡ଼ଧରଣର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେବେ କେଉଁ ପରିସ୍ଥିତିରେ ଏହି ଦୁର୍ଘଟଣା ଘଟିଲା ଏବଂ କାମ ସମୟରେ ବିଦ୍ୟୁତ୍ ଲାଇନକୁ ନେଇ କ'ଣ ସତର୍କତା ଅବଲମ୍ବନ କରାଯାଇଥିଲା, ତାହା ପ୍ରଶାସନ ଓ ସମ୍ପୃକ୍ତ ବିଭାଗର ତଦନ୍ତ ପରେ ହିଁ ସ୍ପଷ୍ଟ ହେବ ।

ବନ୍ୟାରେ ୩ ଜିଲ୍ଲାର ୪୧ ବ୍ଲକ ପ୍ରଭାବିତ

ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି ପୁନରୁଦ୍ଧାର

ଭୁବନେଶ୍ୱର, ୨।୧୧(ନି.ସୂ): ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ସୃଷ୍ଟି ହୋଇଥିବା ଗମ୍ଭୀର ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ଗ୍ରହଣ କରାଯାଇଛି । ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛନ୍ତି ଭୟଭୀତ ନ ହୋଇ ସଚେତନ ରହିବାକୁ ରାଜସ୍ୱ ମନ୍ତ୍ରୀ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି ।

ରାଜୀବ ଭବନ ସ୍ଥିତ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି) ରାଜେଶ ପ୍ରଭାକର ପାଟିଲଙ୍କ ଉପସ୍ଥିତିରେ ବନ୍ୟା ପ୍ରଭାବିତ ଅଞ୍ଚଳ ଏବଂ ସମ୍ଭାବ୍ୟ ଆଉ ଏକ ବାତ୍ୟା ପାଇଁ ନିଆଯାଇଥିବା ପଦକ୍ଷେପ ସଂପର୍କରେ ଆଲୋଚନା କରିଥିଲେ ।

ଆଗାମୀ ବାତ୍ୟା ମୁରାସୁ ପ୍ରଭାବରେ ଓଡ଼ିଶାର ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡ଼ା, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି ଏବଂ ପୁରୀ ଭଳି ଉପକୂଳ ଜିଲ୍ଲାଗୁଡ଼ିକ ପ୍ରଭାବିତ ହେବାର ସମ୍ଭାବନା ରହିଛି ।

ଅନ୍ୟପକ୍ଷରେ ଅର୍ଣ୍ଣବ' ପ୍ରଭାବରେ ହୋଇଥିବା ବନ୍ୟାରେ ଗଞ୍ଜାମ, ଗଜପତି ଏବଂ କନ୍ଧମାଳ ଜିଲ୍ଲା ସର୍ବାଧିକ ପ୍ରଭାବିତ ହୋଇଛନ୍ତି। ଏହି ବାତ୍ୟା ଓ ବନ୍ୟା ଯୋଗୁଁ ରାଜ୍ୟର ଗଞ୍ଜାମ, ଗଜପତି ଏବଂ କନ୍ଧମାଳ ମୋଟ ୪୧ଟି ବ୍ଲକର ୪୮୮ଟି ପଞ୍ଚାୟତ ଏବଂ ୨,୧୩୭ଟି ଗ୍ରାମ ପ୍ରଭାବିତ ହୋଇଛି। ସେହିପରି ୨୩ଟି ସହରାଞ୍ଚଳର ୩୦୭ଟି ୱାର୍ଡର ଲୋକମାନେ ମଧ୍ୟ ଏହା ଦ୍ୱାରା ପ୍ରଭାବିତ ହୋଇଛନ୍ତି । ସମୁଦାୟ ୨,୧୦,୯୨୦ ଜଣ ଲୋକ ଏହି ବିପର୍ଯ୍ୟୟର ଶିକାର ହୋଇଛନ୍ତି । ସୁରକ୍ଷା ଦୃଷ୍ଟିରୁ ୧,୪୧,୭୯୭ ଜଣ ବ୍ୟକ୍ତିଙ୍କୁ ସ୍ଥାନାନ୍ତରିତ କରାଯାଇଥିବା ବେଳେ



,ପ୍ରଭାବିତ ଅଞ୍ଚଳରୁ ମୋଟ ୫୭୯ ଜଣ ଗର୍ଭବତୀ ମହିଳାଙ୍କୁ ସ୍ଥାନାନ୍ତରିତ କରାଯାଇଛି ।

ଯୁଦ୍ଧକାଳୀନ ଭିତ୍ତିରେ ଗ୍ରାମ୍ୟ ଉନ୍ନୟନ ବିଭାଗର ପୁନରୁଦ୍ଧାର କାର୍ଯ୍ୟ ଚଳିଛି । ବାତ୍ୟା ଓ ବନ୍ୟା ମୁକାବିଲା ପାଇଁ ନିୟନ୍ତ୍ରଣ କକ୍ଷ ଏବଂ ଉଦ୍ଧାରକାରୀ ଦଳଗୁଡ଼ିକୁ ୨୪ ଘଣ୍ଟା ସକ୍ରିୟ ରଖାଯାଇଛି । ଭୂସ୍ଖଳନ ଯୋଗୁଁ ଜମିଥିବା ମାଟି ଓ ଆବର୍ଜନା ସଫା କରାଯାଇଛି। ଏପରିକି କେତେ ସ୍ଥାନରେ ପ୍ରଭାବିତ ହୋଇଥିବା ରାସ୍ତାରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଛି । ବନ୍ୟା ପ୍ରଭାବିତ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରିବା ପାଇଁ ଟିପିଏସଓଡିଏଲ୍ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରାଯାଉଛି । ପ୍ରଭାବିତ ଜିଲ୍ଲାଗୁଡ଼ିକରେ କମ୍ପାନୀ ଅଧୀନରେ ଥିବା ମୋଟ୍ ୯୯.୦୫% ଗ୍ରାହକଙ୍କ ପାଇଁ ବିଦ୍ୟୁତ୍ ସେବା ପୁନଃସ୍ଥାପିତ ହୋଇସାରିଛି। ଗଞ୍ଜାମ, ଗଜପତି ଏବଂ କନ୍ଧମାଳର ପ୍ରଭାବିତ ଜିଲ୍ଲାଗୁଡ଼ିକରେ ୪୫,୭୨୨ ଟି ନଳକୂପ ପ୍ରଭାବିତ ହୋଇଥିଲା । ଏହା ମଧ୍ୟରୁ ୪,୪୭୫ ପୁନରୁଦ୍ଧାର ଏବଂ ବିଶୋଧନ କରାଯାଇଛି । ଡାଏରିଆ, ମଲେରିଆ, ଡେଙ୍ଗୁ ଭଳି ରୋଗର ମୁକାବିଲା ପାଇଁ ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା 'ରାପିଡ୍ ରେସପନ୍ସ ଟିମ୍' ଏବଂ ମୋବାଇଲ୍ ହେଲଥ ଟିମ୍ ନିୟୋଜିତ କରାଯାଇଛି ବୋଲି ସୂଚନା ଦେଇଛନ୍ତି।

ବାତ୍ୟା କ୍ଷୟକ୍ଷତିର ସମୀକ୍ଷା ପାଇଁ ଭୁବନେଶ୍ୱରରେ ପହଞ୍ଚିଲେ କେନ୍ଦ୍ରୀୟ କମିଟି



ଭୁବନେଶ୍ୱର ୨/୧୧ (ନି.ସୂ): ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ହୋଇଛି ବ୍ୟାପକ କ୍ଷତି । ଏବେ ମଧ୍ୟ ଅନେକ ଗାଁରେ ବିଜୁଳି ଜଳୁନଥିବାବେଳେ ଲୋକେ ଦୁର୍ଦ୍ଦିନରେ ରହିଛନ୍ତି । ରାଜ୍ୟରେ ବ୍ୟାପକ କ୍ଷତି ହୋଇଥିବାବେଳେ କ୍ଷୟକ୍ଷତି ଓ ପ୍ରଭାବର ସମୀକ୍ଷା ପାଇଁ ଭୁବନେଶ୍ୱରରେ ପହଞ୍ଚିଛନ୍ତି କେନ୍ଦ୍ରୀୟ କମିଟିର ୮ଜଣ ସଦସ୍ୟ। ଦିଲ୍ଲୀରୁ ଆସି ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଛନ୍ତି ସଦସ୍ୟ। ତେବେ ଆସନ୍ତାକାଲି ସକାଳେ ହେବ ପ୍ରଥମ ବ୍ରିଫିଙ୍ଗ। ୮ଜଣିଆ ସଦସ୍ୟଙ୍କ ଦୁଇଟି ଟିମ୍ କରିବେ ବାତ୍ୟା କ୍ଷୟକ୍ଷତିର ସମୀକ୍ଷା। ପ୍ରଥମେ ଗଞ୍ଜାମ ଏବଂ ପରେ ଅନ୍ୟ ଜିଲ୍ଲାକୁ କରିବେ ପରିଦର୍ଶନ। ଦିଲ୍ଲୀ ସେଣ୍ଟ୍ରାଲ ଟିମଙ୍କ ସହ ବ୍ରିଫିଙ୍ଗରେ ସାମିଲ ରହିବେ ମୁଖ୍ୟ ଶାସନ ସଚିବ ଓ ବରିଷ୍ଠ ଅଧିକାରୀ। ରାଜ୍ୟ ସରକାରଙ୍କ ସହ ସମନ୍ୱୟ ରଖି ହେବ ବାତ୍ୟା ପ୍ରଭାବିତ ଅଞ୍ଚଳର ଗସ୍ତ।

ଏସିଏଫ୍ ସୌମ୍ୟରଞ୍ଜନ ମୃତ୍ୟୁ ମାମଲା

ଜେଲ୍ ଗଲେ ବିଦ୍ୟାଭାରତୀ

ପାରଳାଖେମୁଣ୍ଡି ୧୧/୦୨ : ପାଞ୍ଚ ବର୍ଷ ଧରି ରାଜ୍ୟବ୍ୟାପୀ ଚର୍ଚ୍ଚାରେ ଥିବା ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ମାମଲାର ଅନ୍ୟତମ ଅଭିଯୁକ୍ତ ତଥା ସୌମ୍ୟରଞ୍ଜନଙ୍କ ପତ୍ନୀ ବିଦ୍ୟାଭାରତୀ ପଣ୍ଡା ଆଜି କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। କୋର୍ଟ ଜାମିନ ଆବେଦନକୁ ଖାରଜ କରିବା ପରେ ତାଙ୍କୁ ୧୩ ଦିନିଆ ବିଚାରବିଭାଗୀୟ ହାଜତକୁ ପଠାଇଦିଆଯାଇଛି। ବିଦ୍ୟାଭାରତୀଙ୍କ ଓକିଲ ଶିଶିର କୁମାର ଜେନାଙ୍କ ସୂଚନାନୁସାରେ, ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ ଖାରଜ ହେବା ପରେ ସୋମବାର ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍ ଅଦାଲତରେ ବିଦ୍ୟାଭାରତୀ ଆତ୍ମସମର୍ପଣ କରିଥିଲେ। ଏହାପରେ ବିଦ୍ୟାଭାରତୀୟଙ୍କ ନିୟମିତ ଜାମିନ ଆବେଦନ ନାମଞ୍ଜୁର କରି କୋର୍ଟ ତାଙ୍କୁ ୧୩ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇଛନ୍ତି। ଏହାପରେ ପୁଲିସ ହେଫାଜତରେ ତାଙ୍କୁ ପାରଳାଖେମୁଣ୍ଡି ଉପ କାରାଗାରକୁ ନିଆଯାଇଛି। ଏହି ମାମଲାର ଅନ୍ୟ ଦୁଇ ଅଭିଯୁକ୍ତ ତତ୍କାଳୀନ ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା ଓ ରୋକ୍ଷେୟା ମନ୍ମଥ କୁମ୍ଭ ମଧ୍ୟ ଏହି କାରାଗାରରେ ଅଛନ୍ତି। ସୂଚନାଯୋଗ୍ୟ, ୨୦୨୧ ଜୁଲାଇ ମାସରେ ପାରଳାଖେମୁଣ୍ଡିରେ ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ଶରୀରରେ ନିଆଁ ଲାଗିବା ପରେ ସେ ଗୁରୁତର ହୋଇଥିଲେ। ପରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ପାରଳାଖେମୁଣ୍ଡି ଥାନାରେ ହତ୍ୟା ଓ ଷଡ଼ଯନ୍ତ୍ର ଅଭିଯୋଗରେ ମାମଲା ରୁଜୁ ହୋଇଥିଲା। ପରେ ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର ହୋଇଥିଲା। କ୍ରାଇମବ୍ରାଞ୍ଚ ବିଦ୍ୟାଭାରତୀଙ୍କ ବିରୋଧରେ ଆଇପିସିର ଧାରା ୨୮୫ ଓ ୩୦୪-ଏ ଅନୁଯାୟୀ ଅଭିଯୋଗପତ୍ର ଦାଖଲ କରିଥିଲା। ତତ୍କାଳୀନ ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା ଓ ରୋକ୍ଷେୟା ମନ୍ମଥ କୁମ୍ଭଙ୍କୁ



ଏଥିରେ ଅଭିଯୁକ୍ତ କରାଯାଇ ନଥିଲା। ତେବେ କ୍ରାଇମବ୍ରାଞ୍ଚର ତଦନ୍ତ ଓ ଅଭିଯୋଗପତ୍ରକୁ ନେଇ ଅସନ୍ତୋଷ ପ୍ରକାଶ କରି ସୌମ୍ୟରଞ୍ଜନଙ୍କ ବାପା ଅଭିରାମ ମହାପାତ୍ର ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍ ଅଦାଲତରେ ପ୍ରତିବାଦ ପିଟିସନ୍ ଦାଖଲ କରିଥିଲେ। ଏହାର ଶୁଣାଣି କରି ଅଦାଲତ ୨୦୨୩ ଏପ୍ରିଲ ୧୨ ତାରିଖରେ ବିଦ୍ୟାଭାରତୀଙ୍କ ସମେତ ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ ଆଇପିସିର ଧାରା ୩୦୨ ଓ ୧୨୦-ବି ଅନୁଯାୟୀ ସଂଜ୍ଞାନ ଗ୍ରହଣ କରିଥିଲେ। ଏହି ଆଦେଶକୁ ବିଦ୍ୟାଭାରତୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ୨୦୨୫ ଜୁଲାଇ ୩ ତାରିଖରେ ହାଇକୋର୍ଟ ଏଥିରେ ହସ୍ତକ୍ଷେପ କରିବାକୁ ମନା କରିଥିଲେ। ଏହାସହ ନିମ୍ନ ଅଦାଲତରେ ଡିସ୍‌ଚାର୍ଜ ଆବେଦନ କରିବାର ଆଇନଗତ ସୁଯୋଗ ରହିଥିବା ଉଲ୍ଲେଖ କରିଥିଲେ। ଏହାପରେ ନିମ୍ନ ଅଦାଲତରେ ବ୍ୟକ୍ତିଗତ ହାଜରରୁ ଛାଡ଼ ପାଇଁ ବିଦ୍ୟାଭାରତୀ କରିଥିବା ଆବେଦନ ଖାରଜ ହୋଇଥିଲା। ଏହାକୁ ହାଇକୋର୍ଟ ୨୦୨୫ ସେପ୍ଟେମ୍ବର ୩ ତାରିଖରେ କାଏମ ରଖିଥିଲେ। ପରେ ସୁପ୍ରିମକୋର୍ଟରେ ମଧ୍ୟ ତାଙ୍କ ଆବେଦନ ଖାରଜ ହୋଇଥିଲା। ତେବେ ଆଗୁଆ ଜାମିନ ପାଇଁ ଆବେଦନ କରିବାକୁ ତାଙ୍କୁ ସୁଯୋଗ ମିଳିଥିଲା। ଏହାପରେ ବିଦ୍ୟାଭାରତୀ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ଗତ ୩୧ ତାରିଖରେ ହାଇକୋର୍ଟ ତାଙ୍କ ଆବେଦନ ଖାରଜ କରିଥିଲେ।

'ମୁରାସୁ' ମୁକାବିଲା ପାଇଁ ପ୍ରଶାସନର ଜୋରଦାର ପ୍ରସ୍ତୁତି

ଭୁବନେଶ୍ୱର ୨/୧୧ (ନି.ସୂ): ବାତ୍ୟା ଅର୍ଣ୍ଣବର ତାଣ୍ଡବରେ ଛାରଖାର ହୋଇଥିବା ଦକ୍ଷିଣ ଓଡ଼ିଶା ଏବେ ଧୀରେ ଧୀରେ ସ୍ୱାଭାବିକ ସ୍ଥିତିକୁ ଫେରୁଛି । ହେଲେ ଅର୍ଣ୍ଣବର କ୍ଷୟକ୍ଷତି ଓ ଦୁର୍ଦ୍ଦଶାରୁ ଲୋକେ ମୁକୁଳି ନ ଥିବାବେଳେ ଏବେ ପୁଣି ମାଡ଼ି ଆସୁଛି ଆଉ ଏକ ସମ୍ଭାବ୍ୟ ବିପଦ । ସମୁଦ୍ରରେ ସୃଷ୍ଟି ହୋଇଥିବା ବାତ୍ୟା 'ମୁରାସୁ'କୁ ନେଇ ବଢ଼ିଛି ଚିନ୍ତା । ଏପଟେ ଅର୍ଣ୍ଣବରେ ଏଯାଏଁ ୪ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଥିବାବେଳେ ବିଭିନ୍ନ ପ୍ରଭାବିତ ଅଞ୍ଚଳରେ ଏବେ ବି ଉଦ୍ଧାର ଓ ଅନୁସନ୍ଧାନ କାର୍ଯ୍ୟ ଜାରି ରହିଛି ।

ଗଞ୍ଜାମ ଜିଲ୍ଲାର ଗିଡ଼ିପାବାଲି ଭୂସ୍ଖଳନ ସ୍ଥଳରେ ନିଖୋଜ ବ୍ୟକ୍ତିଙ୍କ ସନ୍ଧାନ ପାଇଁ ଉଦ୍ଧାର ଅଭିଯାନକୁ ଜୋରଦାର କରାଯାଇଛି। ଏଥିରେ ଏକାଧିକ ଉଦ୍ଧାରକାରୀ ଦଳ ସହ ବୈଷୟିକ ଉପକରଣ ଓ ସ୍ଥାନୀୟ ଶ୍ରମିକଙ୍କୁ ନିୟୋଜିତ କରାଯାଇଛି । ସ୍ପେଶାଲ ଅପରେସନ୍ସ ଗ୍ରୁପ୍ (ଏସ୍‌ଓଜି)ର ୨ଟି ଟିମ୍‌ର ୪୨ ଜଣ, ଓଡ୍ରାଫ୍‌ର ୧୫ ଜଣ ଏବଂ ଏନ୍‌ଡିଆରଏଫ୍‌ର ୨ଟି ଟିମ୍‌ର ୩୪ ଜଣ ଯବାନଙ୍କ ସହ ୪ ଜଣ ଅଧିକାରୀ ନିୟୋଜିତ ଅଛନ୍ତି । ଏନ୍‌ଡିଆରଏଫ୍ ସହ ରକି ଓ ଭିକି ନାମକ ଦୁଇଟି ସନ୍ଧାନୀ କୁକୁର ମଧ୍ୟ ରହିଛନ୍ତି। ଅଗ୍ନିଶମ ସେବାର ୩୫ ଜଣ କର୍ମଚାରୀ ଓ ସୁଲତାନ ନାମକ ଏକ ସନ୍ଧାନୀ କୁକୁର,



୬ ଜିଲ୍ଲା ଉପରେ ପ୍ରଶାସନର ନଜର

ରେଳବାଇ ବିଭାଗର ୩୫ ଜଣ କର୍ମଚାରୀ ଏବଂ ପ୍ରାଣୀ ସମ୍ପଦ ବିଭାଗର ୧୨ ଜଣିଆ ଟିମ୍ ମଧ୍ୟ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛନ୍ତି । ଉଦ୍ଧାର କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଆଧୁନିକ ଯନ୍ତ୍ରପାତିର ବ୍ୟବହାର କରାଯାଉଛି । ଏନଡିଆରଏଫ୍ ପକ୍ଷରୁ ଲାଇଫ୍ ଡିଟେକ୍ଟର ଓ ରାଡାର ଉପକରଣ ନିୟୋଜିତ ହୋଇଥିବାବେଳେ ଓଡ୍ରାଫ୍ ପକ୍ଷରୁ ଡ୍ରିଲ୍ ମେସିନ୍ ବ୍ୟବହାର କରାଯାଉଛି । ସେହିପରି ରେଳବାଇ ବିଭାଗ ପକ୍ଷରୁ ଜେନେରେଟର, ଦୁଇଟି ଡ୍ରିଲ୍ ମେସିନ୍ ଓ ୧୦୦ଟି ବ୍ଲାଷ୍ଟିଂ ଜେଲାଟିନ୍ ଷ୍ଟିକ୍ ଯୋଗାଇ ଦିଆଯାଇଛି । ଅଗ୍ନିଶମ ବିଭାଗ ମଧ୍ୟ ଜେନେରେଟର ନିୟୋଜିତ କରିଛି । ସ୍ଥାନୀୟ ଶ୍ରମିକମାନେ ଉଦ୍ଧାରକାରୀ ଦଳ ସହ ମିଶି କାର୍ଯ୍ୟ କରୁଛନ୍ତି । ବିଭିନ୍ନ ବିଭାଗର ସମନ୍ୱିତ ଉଦ୍ୟମରେ ନିଖୋଜଙ୍କ ସନ୍ଧାନ ଜାରି ରହିଛି । ଅନ୍ୟପଟେ ମୁରାସୁର ସମ୍ଭାବ୍ୟ ଗତିପଥ ଓ ପ୍ରଭାବକୁ ନେଇ ପ୍ରଶାସନ ସତର୍କ ହୋଇଉଠିଛି । ଘଣ୍ଟାପ୍ରତି ପ୍ରାୟ ୨୨ କିଲୋମିଟର ବେଗରେ ଗତି କରୁଥିବା ଏହି ବାତ୍ୟା ଚେନ୍ନାଇଠାରୁ ୧୮୦ କିଲୋମିଟର ଏବଂ ମଛଳିପଟ୍ଟନମ୍‌ଠାରୁ ୨୪୦ କିଲୋମିଟର ଦୂରରେ ରହିଥିବା ସୂଚନା ମିଳିଛି । ଏହା ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଆସନ୍ତା ୩ ତାରିଖରେ ସ୍ଥଳଭାଗ ଛୁଇଁବାର ଆକଳନ କରାଯାଇଛି । ସ୍ଥଳଭାଗ ଛୁଇଁବା ସମୟରେ ପବନର ବେଗ ଘଣ୍ଟାପ୍ରତି ୧୦୦ରୁ ୧୧୦ କିଲୋମିଟର ରହିପାରେ ବୋଲି ଆକଳନ କରାଯାଇଛି । ମୁରାସୁର ସମ୍ଭାବ୍ୟ ପ୍ରଭାବକୁ ଦେଖି ଦକ୍ଷିଣ ଓଡ଼ିଶାର ୬ଟି ଜିଲ୍ଲାକୁ ନେଇ ସତର୍କ ପ୍ରଶାସନ । ଗଞ୍ଜାମ, ଗଜପତି ଓ କନ୍ଧମାଳରେ ଆରମ୍ଭ ହୋଇଛି ଲୋକଙ୍କ ସ୍ଥାନାନ୍ତରଣ ପ୍ରକ୍ରିୟା। ଗଞ୍ଜାମରେ ୩୨ଟି ଓଡ୍ରାଫ୍ ଓ ୩ଟି ଏନ୍‌ଡିଆରଏଫ୍ ଟିମ୍ ମୁତୟନ ହେବେ । ବିପଦ ମୁକାବିଲା ପାଇଁ ଉଦ୍ଧାରକାରୀ ଦଳକୁ ପ୍ରସ୍ତୁତ ରଖାଯାଇଛି ।

ପାନୀୟ ଜଳ ଯୋଗାଣ ଓ ରାସ୍ତାଘାଟ ମରାମତିକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ଗଞ୍ଜାମରେ ୪୫୭୨ଟି ଜଳ ଉତ୍ସ ଅକାମୀ ହୋଇଥିବାବେଳେ ୪୪୭୫ଟିର ମରାମତି ଓ ବିଶୋଧନ କାମ ସରିଛି । ୨୬୫ଟି ପାଣି ଟ୍ୟାଙ୍କର ନିୟୋଜିତ ହୋଇଛି । ଭୂସ୍ଖଳନ ଯୋଗୁଁ ଭଞ୍ଜନଗରରେ ଅଧିକ କ୍ଷତି ହୋଇଥିଲେ ମଧ୍ୟ ଏବେ ରାସ୍ତାଘାଟ ପୁନରୁଦ୍ଧାର କାମ ଚାଲିଛି । ବାତ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟ ସମସ୍ୟା ଉପରେ ମଧ୍ୟ ରହିଛି ପ୍ରଶାସନର ନଜର । ଡାଇରିଆ ଓ ଝାଡ଼ାବାନ୍ତି ରୋକିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି । ବିଭିନ୍ନ ସ୍ଥାନରେ ମେଡିକାଲ ଟିମ୍ ମୁତୟନ ଅଛନ୍ତି । ଅର୍ଣ୍ଣବର କ୍ଷତିରୁ ମୁକୁଳିବା ସହ ମୁରାସୁର ମୁକାବିଲା ଏବେ ପ୍ରଶାସନ ପାଇଁ ବଡ଼ ଚ୍ୟାଲେଞ୍ଜ ।

ଭିଜିଲାନ୍ସ ଜାଲରେ ରେଳ ଲାଇନ୍ ପ୍ରକଳ୍ପର ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ

ସମ୍ବଲପୁର, ୨।୧୧ (ନି.ସୂ): ୩ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ସମ୍ବଲପୁର-ତାଳଚେର ରେଳପଥ ଦୋହରୀକରଣ ପ୍ରକଳ୍ପର ସ୍ୱତନ୍ତ୍ର ଜମିଅଧିଗ୍ରହଣ ଅଧିକାରୀ ଧରାପଡିଛନ୍ତି। ଅଧିକାରୀ ଜଣକ ହେଲେ ଅଜୟ କୁମାର ଗଡ଼ନାୟକ। ରେଳପଥ ଦୋହରୀକରଣ ପାଇଁ ଜମି ଅଧିଗ୍ରହଣ କ୍ଷତିପୂରଣ ଅର୍ଥ ପ୍ରଦାନ ପାଇଁ ୩.୧୦ଲକ୍ଷ ଟଙ୍କା ଲାଞ୍ଚ ନେଉଥିଲେ। ଅଭିଯୋଗକାରୀଙ୍କ ଜମି ଅଧିଗ୍ରହଣ ବାବଦରେ ୮୪ ଲକ୍ଷ ୬୨ ହଜାର ୨୮୮ ଟଙ୍କା କ୍ଷତିପୂରଣ ଅର୍ଥ ପାଇବାକୁ ଥିଲା। ଏଥିପାଇଁ ମୋଟ ୫ ଲକ୍ଷ ୧୦ ହଜାର ଟଙ୍କା ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀଲାଞ୍ଚ ମାଗିଥିଲେ । ପୂର୍ବରୁ ଗତ ୨୭ ତାରିଖ ଦିନ ୨ ଲକ୍ଷ ଟଙ୍କା ନେଇସାରିଥିବା ବେଳେ ବାକି ୩ ଲକ୍ଷ ୧୦ ହଜାର ଟଙ୍କା ତୁରନ୍ତ ଦେବା ପାଇଁ ଚାପ ପକାଉଥିଲେ । ଯଦି ଏହି ବାକି ଟଙ୍କା ନ ଦିଆଯାଏ, ତେବେ ତୃତୀୟ ରେଳ ଲାଇନ୍ ପ୍ରକଳ୍ପ ସମୟରେ ଜମି ଅଧିଗ୍ରହଣରେ ବିଭିନ୍ନ ଅସୁବିଧା ସୃଷ୍ଟି କରାଯିବ ବୋଲି ଅଜୟ କହିଥିଲେ । ଏଥିରେ ଅତିଷ୍ଠ ହୋଇ ଅଭିଯୋଗକାରୀ ଜଣକ ଭିଜିଲାନ୍ସ ଦ୍ୱାରସ୍ଥ ହୋଇଥିଲେ । ଯୋଜନା ମୁତାବକ ଅଭିଯୋଗକାରୀଙ୍କ ଠାରୁ ଅଜୟ ଲାଞ୍ଚ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ମାଡିବସିଥିଲେ।



ରାମ ମନ୍ଦିର ଦାନ ଟଙ୍କା ହେରଫେର ମାମଲା

୧୦୫ଥର ହୋଇଛି ଟଙ୍କା ହେରଫେର



ନୂଆଦିଲ୍ଲୀ ୨/୧୧ : ରାମ ମନ୍ଦିର ଦାନ ଅର୍ଥ ଚୋରି ମାମଲା: ତଦନ୍ତ ତଦାରଖରୁ ଓହରିଲେ ସୁପ୍ରିମକୋର୍ଟ ୮ ଅଭିଯୁକ୍ତଙ୍କ ବିରୋଧରେ ଦାଖଲ ହୋଇଛି ୬୦ ହଜାର ପୃଷ୍ଠାର ଅଭିଯୋଗପତ୍ର ନୂଆଦିଲ୍ଲୀ: ଅଯୋଧ୍ୟାର ରାମ ମନ୍ଦିରକୁ ଆସିଥିବା ଦାନ ଅର୍ଥ ଚୋରି ଅଭିଯୋଗ ମାମଲାରେ ତଦନ୍ତ ଉପରେ ତଦାରଖ ବନ୍ଦ କରିଛନ୍ତି ସୁପ୍ରିମକୋର୍ଟ। ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ୮ ଜଣ ଅଭିଯୁକ୍ତଙ୍କ ବିରୋଧରେ ଅଭିଯୋଗପତ୍ର ଦାଖଲ ହୋଇଥିବା ସୂଚନା ମିଳିବା ପରେ ସୋମବାର ଏହି ନିଷ୍ପତ୍ତି ନେଇଛନ୍ତି ସର୍ବୋଚ୍ଚ ଅଦାଲତ। ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ଭି ମୋହନାଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଆଇନ ଅନୁଯାୟୀ ମାମଲା ଆଗକୁ ବଢ଼ାଇବାକୁ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କୌଣସି ପକ୍ଷଙ୍କୁ ପକ୍ଷପାତ କରିବା ଉଚିତ୍ ନୁହେଁ କାରଣ ଏହା ଅଭିଯୋଗର ଯୋଗ୍ୟତା ଉପରେ କୌଣସି ମତ ପ୍ରକାଶ କରିନାହିଁ।ତଦନ୍ତକାରୀ ଦଳ ମନ୍ଦିର ପରିସରରେ ଦାନ ଟଙ୍କା ଗଣତି ସମୟରେ ୧୦୫ଟି ସ୍ଥାନରେ ଅନଧିକୃତ ଭାବେ ଟଙ୍କା ଚୋରି ହେବା ଘଟଣା ଚିହ୍ନଟ କରିଥିବା ସରକାର ଅଦାଲତଙ୍କୁ ଜଣାଇଛନ୍ତି। ସେପ୍ଟେମ୍ବରରେ ଅଯୋଧ୍ୟାର ଦୁର୍ନୀତି ନିରୋଧୀ ଅଦାଲତରେ ୬୦ ହଜାରରୁ ଅଧିକ ପୃଷ୍ଠାର ଅଭିଯୋଗପତ୍ର ଦାଖଲ ହୋଇଛି। ତଦନ୍ତରେ ୧୭୩ ଜଣ ସାକ୍ଷୀଙ୍କ ବୟାନ ନିଆଯାଇଛି। ମନ୍ଦିରର ଦାନ ଅର୍ଥ ଓ ମୂଲ୍ୟବାନ ସାମଗ୍ରୀର ହିସାବ ମଧ୍ୟ ଯାଞ୍ଚ କରାଯାଇଛି। ଜୁନ୍ ୭ରେ ମନ୍ଦିରରୁ ୫ ରୁ ୭.୫ କୋଟି ଟଙ୍କାର ଦାନ ଅର୍ଥ ହଡ଼ପ ଅଭିଯୋଗ ଉଠିଥିଲା। ଜୁନ୍ ୨୬ରେ ଦାନ ଟଙ୍କା ପରିଚାଳନା ସହ ଜଡ଼ିତ ୮ ଜଣ କର୍ମଚାରୀ ଗିରଫ ହୋଇଥିଲେ।

ଦୁଇଦିନିଆ ନୂଆଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

ଭୁବନେଶ୍ୱର ୨/୧୧: ଆଜି ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀମୋହନ ଚରଣ ମାଝୀ ଦୁଇଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଇଥିବା ଜଣାଯାଇଛି। ସେ ସେଠାରେ ଭାରତ ଅକ୍ଷୟ ଶକ୍ତି ସମ୍ମିଳନୀରେ ଯୋଗ ଦେବେ। ଏହାଛଡ଼ା କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ବାତ୍ୟାଜନିତ କ୍ଷୟକ୍ଷତି ନେଇ ଆଲୋଚନା କରିବେ ଏବଂ କେନ୍ଦ୍ରୀୟ ସହାୟତା ଲୋଡ଼ିବେ ବୋଲି ସୂଚନା ରହିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ବି ଗସ୍ତ କରିବେ ବୋଲି ଜଣାଯାଇଛି।

ଜନସାଧାରଣଙ୍କ ସୁରକ୍ଷା ଓ ଜୀବନ ରକ୍ଷା ଆମ ସରକାରଙ୍କର ସର୍ବୋଚ୍ଚ ପ୍ରାଥମିକତା। ଭୂସ୍ଖଳନ ପ୍ରଭାବିତ ପ୍ରତ୍ୟେକଟି ଅଞ୍ଚଳରେ ଉଦ୍ଧାର କାର୍ଯ୍ୟକୁ ଦ୍ରୁତଗତିରେ ଆଗେଇ ନିଆଯାଉ ଏବଂ ମାଟି ତଳେ ଫସି ରହିଥିବା ନିଖୋଜ ବ୍ୟକ୍ତିଙ୍କ ସନ୍ଧାନ ପାଇଁ ସମସ୍ତ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଓ ବୈଷୟିକ ଜ୍ଞାନକୌଶଳର ଉପଯୋଗ କରାଯାଉ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର କହିଛନ୍ତି। ବାତ୍ୟା କ୍ଷୟକ୍ଷତିର ସଠିକ୍ ଆକଳନ ସହ ଆଗାମୀ ବାତ୍ୟାର ସଫଳ ମୁକାବିଲା ନିମନ୍ତେ ପ୍ରଶାସନର ସମସ୍ତ ବିଭାଗ ସମ୍ପୂର୍ଣ୍ଣ ସଜାଗ ରହି କାର୍ଯ୍ୟ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟରେ ସମ୍ପ୍ରତି ବାତ୍ୟା 'ଅର୍ଣ୍ଣବ' ପରେ ଘଟିଥିବା ଭୂସ୍ଖଳନ ଜନିତ ସ୍ଥିତି, ବାତ୍ୟା ଦ୍ୱାରା ହୋଇଥିବା କ୍ଷୟକ୍ଷତିର ଆକଳନ ଏବଂ ଆଗାମୀ ସମ୍ଭାବ୍ୟ ବାତ୍ୟାର ମୁକାବିଲାର ପୂର୍ବ ପ୍ରସ୍ତୁତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବିପର୍ଯ୍ୟୟ ସମୟରେ ଗଣମାଧ୍ୟମକୁ ସମ୍ପୂର୍ଣ୍ଣ ଆଧିକାରିକ ଓ ସଠିକ୍ ତଥ୍ୟ ଯୋଗାଇ ଦିଆଯାଉ। ଗଣମାଧ୍ୟମ ଓ ବିଭିନ୍ନ ସୂତ୍ରରୁ ଆସୁଥିବା ତଥ୍ୟ ଓ ଖବରର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରି ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା



ଭ୍ରମାତ୍ମକ ଖବରର ନିରାକରଣ ହୋଇପାରିବ ଏବଂ ଜନସାଧାରଣଙ୍କ ନିକଟରେ ସତ୍ୟ ଓ ନିର୍ଭୁଲ ତଥ୍ୟ ପହଞ୍ଚିବା ସହ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଅଧିକ ଫଳପ୍ରଦ ହୋଇପାରିବ।

ଏହି ସମୀକ୍ଷା ବୈଠକ ପରିପ୍ରେକ୍ଷୀରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଆଲୋଚନା କରି ଉଦ୍ଧାର କାର୍ଯ୍ୟରେ ରେଳ ବିଭାଗର ସକ୍ରିୟ ସହଯୋଗ ଲୋଡ଼ିଛନ୍ତି। କେନ୍ଦ୍ର ରେଳ ମନ୍ତ୍ରଣାଳୟ ପକ୍ଷରୁ ଏଥିପାଇଁ ସମସ୍ତ ପ୍ରକାର ଆବଶ୍ୟକୀୟ ସହାୟତା ପ୍ରଦାନ ସୁନିଶ୍ଚିତ କରାଯାଇଛି। ଭୂସ୍ଖଳନ ପ୍ରଭାବିତ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରିବା ପାଇଁ ରେଳବାଇ ସହାୟତାରେ ଚେନ୍ ପୁଲି ସିଷ୍ଟମ୍ ବ୍ୟବହାର ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଛି। ଇଷ୍ଟ କୋଷ୍ଟ ରେଳୱେ ପକ୍ଷରୁ ଏହି ଚେନ୍ ପୁଲି ବ୍ୟବସ୍ଥାକୁ ତୁରନ୍ତ ଘଟଣାସ୍ଥଳକୁ ପଠାଇବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି।

ସୂଚନାଯୋଗ୍ୟ ଯେ ଉଦ୍ଧାର କାର୍ଯ୍ୟକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଜି.ଉଦୟଗିରି ଭୂସ୍ଖଳନ ସ୍ଥଳରେ ସିଧାସଳଖ କାମ କରିବା ନିମନ୍ତେ ହେଲିକପ୍ଟର ଯୋଗେ ଅତ୍ୟାଧୁନିକ 'ସିସ୍ମିକ୍ ଲାଇଫ୍ ଡିଟେକ୍ସନ୍ ୟୁନିଟ୍' ପହଞ୍ଚାଇବା ପାଇଁ ବ୍ୟବସ୍ଥା କରାଯାଇଛି। ଭାରତୀୟ ନୌସେନା ଦ୍ୱାରା ବ୍ୟବହୃତ ଏହି ଅତ୍ୟାଧୁନିକ ପ୍ରଯୁକ୍ତିରେ ଥିବା ସ୍ୱତନ୍ତ୍ର ସେନ୍ସର ଓ ସ୍କାନିଂ ମାଧ୍ୟମରେ ମାଟି, ପଙ୍କ କିମ୍ବା ଭଗ୍ନାବଶେଷ ତଳେ ଥିବା ଜୈବିକ ସଙ୍କେତକୁ ସହଜରେ ଚିହ୍ନଟ କରାଯାଇପାରିବ।

ବିପର୍ଯ୍ୟୟ ପରେ ଦ୍ରୁତଗତିରେ ଚାଲିଛି ପୁନରୁଦ୍ଧାର

ଗଞ୍ଜାମ ଓ ଗଜପତି ଜିଲ୍ଲାରେ ସଡକ ଯୋଗାଯୋଗ ବ୍ୟବସ୍ଥାରେ ଆସୁଛି ସୁଧାର

ଗଞ୍ଜାମ, ୨।୧୧(ନି.ସୂ) : ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ କ୍ଷତିଗ୍ରସ୍ତ ଗଞ୍ଜାମ ଓ ଗଜପତି ଜିଲ୍ଲାର ବିଭିନ୍ନ ସଡ଼କର ପୁନରୁଦ୍ଧାର କାର୍ଯ୍ୟକୁ ପୂର୍ତ୍ତ ବିଭାଗ ପକ୍ଷରୁ ତ୍ୱରାନ୍ୱିତ କରାଯାଇଛି। ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଏବଂ ବିଭାଗୀୟ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ନିରନ୍ତର ସମୀକ୍ଷାର ଫଳ ସ୍ୱରୂପ ଜନସାଧାରଣଙ୍କ ଯାତାୟାତକୁ ସ୍ୱାଭାବିକ କରିବା ଲକ୍ଷ୍ୟରେ ବିଭାଗୀୟ ଅଧିକାରୀ ଓ ଇଞ୍ଜିନିୟରିଂ ଟିମ୍‌ଙ୍କ ନିରନ୍ତର ପ୍ରୟାସ ଫଳରେ ବିଭିନ୍ନ କ୍ଷତିଗ୍ରସ୍ତ ରାସ୍ତାର ସ୍ଥିତିରେ ଉଲ୍ଲେଖନୀୟ ସୁଧାର ଆସିଛି ।ଏହି କ୍ରମରେ ଗଞ୍ଜାମ ଜିଲ୍ଲାର ପଳାଶପୁର ବ୍ରିଜ୍ ଆପ୍ରୋଚ୍ ରାସ୍ତା (ଏ୧ ଓ ଏ୨) ଏବଂ ତପ୍ତପାଣି ଘାଟରେ ପୁନରୁଦ୍ଧାର କାର୍ଯ୍ୟ ଦ୍ୱରିତ ବେଗରେ ସମ୍ପର୍ଣ୍ଣ ହୋଇଛି । ପ୍ରବଳ ବର୍ଷା ଓ ବନ୍ୟାଜଳ ଆସିବା ଯୋଗୁଁ ଏହି ରାସ୍ତାଗୁଡ଼ିକ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ରାସ୍ତାରୁ ମାଟି, ପଥର ଓ ଆବର୍ଜନା ହଟାଇବା ସହ ମରାମତି କାର୍ଯ୍ୟ ହାତକୁ ନିଆଯାଇ ଯାତାୟାତ ଉପଯୋଗୀ କରାଯାଇଛି।



ସେହିପରି ଗଜପତି ଜିଲ୍ଲାର ମୋହନା ଅଞ୍ଚଳସ୍ଥିତ ଲେଡ଼ାବନ୍ଧ ବ୍ରିଜ୍ ଆପ୍ରୋଚ୍ ରାସ୍ତାରେ ମଧ୍ୟ ବିପର୍ଯ୍ୟୟ ଯୋଗୁଁ ବ୍ୟାପକ କ୍ଷତି ହୋଇଥିଲା। ରାସ୍ତାର ପିଚୁ ଉଠିଯିବା ସହ ବଡ଼ ବଡ଼ ପଥର ଓ ମାଟି ଜମା ହୋଇ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ବିଭାଗୀୟ ତତ୍ପରତାର ସହ ପୁନରୁଦ୍ଧାର କାର୍ଯ୍ୟ କରାଯାଇ ରାସ୍ତାର ସ୍ଥିତିରେ ଉନ୍ନତି ଅଣାଯାଇଛି। ଏହାଦ୍ୱାରା ସ୍ଥାନୀୟ ଜନସାଧାରଣଙ୍କ ସମେତ ଯାତ୍ରୀ ଓ ଯାନବାହନ ଚଳାଚଳ ପାଇଁ ଯୋଗାଯୋଗ ବ୍ୟବସ୍ଥାରେ ସୁଧାର ଆସିଛି।ବିପର୍ଯ୍ୟୟ ପରବର୍ତ୍ତୀ ସମୟରେ ଜନସାଧାରଣଙ୍କ ଯାତାୟାତକୁ ସୁଗମ ଓ ସୁରକ୍ଷିତ କରିବା ସହ ରାଜ୍ୟର ସଡ଼କ ଭିତ୍ତିଭୂମିର ଶୀଘ୍ର ପୁନରୁଦ୍ଧାର ପାଇଁ ବିଭାଗୀୟ ଟିମ୍ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଓ କାର୍ଯ୍ୟ ଜାରି ରହିଛି।

ପାରାଦୀପରେ ଆକର୍ଷଣ ପାଲଟିଛି ପାରାଜୁଡୋ ଚାମ୍ପିୟାନସିପ୍

ପାରାଦୀପ, ୨।୧୧(ନି.ସୂ) : ଓଡିଶାରରୁ ୨୧ ଜିଲ୍ଲାର ପାଖାପାଖି ୨୫୦ ପ୍ରତିଯୋଗି ଏହି ଦୃଷ୍ଟିହୀନ ପାରାଜୁଡୋ ଚମ୍ପିୟାନସିପରେ ଯୋଗଦେଇ ଆକର୍ଷଣ ପାଲଟିଛନ୍ତି । ଓଡିଶାରେ ତିନିବର୍ଷ ହେବ ରାଜ୍ୟ ସ୍ତରୀୟ ପାରାଜୁଡୋ ଚାମ୍ପିୟାନସିପ୍ ଅନୁଷ୍ଠିତ ହେଉଥିବା ବେଳେ ପାରାଦୀପର ଇଣ୍ଡୋର ଷ୍ଟାଡିୟମରେ ପ୍ରଥମ ଥର ପାଇଁ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି । ଆଜି ଦ୍ୱିତୀୟ ଦିନରେ ଓଡିଶା ସରକାରଙ୍କ ଶିକ୍ଷମନ୍ତ୍ରୀ ସମ୍ପଦ ସ୍ୱାଇଁ ଯୋଗଦେଇ ଚଳିତ ରାଜ୍ୟ ସ୍ତରୀୟ ପାରାଜୁଡୋ ମାସ୍କଟ୍ ଉନ୍ମୋଚନ କରିବା ସହିତ ବିଗତ ଦିନରେ ଜାତୀୟ, ଅନ୍ତର୍ଜାତୀୟ ଓ ରାଜ୍ୟ ସ୍ତରରେ କୃତିତ୍ୱ ଅର୍ଜନ କରିଥିବା କ୍ରୀଡ଼ାବିତ ମାନଙ୍କୁ ପୁରସ୍କୃତ କରିବା ସହିତ ସମସ୍ତ ଖେଳାଳି, ଅଫିସିଆଲ ଓ ଆୟୋଜକ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷମନ୍ତ୍ରୀ ।

ଏହା ସହିତ ଦୃଷ୍ଟିହୀନ କ୍ରୀଡ଼ାବିତ୍ ମାନଙ୍କ ଧୌର୍ଯ୍ୟ, ଶକ୍ତି ଓ ସାହସ ପ୍ରଦାନ କରିବା ସହିତ ସମସ୍ତ ବର୍ଗର ଏହି ପାରାଜୁଡୋ ଖେଳାଳି ମାନେ କେବଳ ଓଡିଶା କାହିଁକି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନାମ କରନ୍ତୁ ବୋଲି କହିଛନ୍ତି ଶିକ୍ଷମନ୍ତ୍ରୀ । ବିଗତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରୁ କୃତି କ୍ରୀଡ଼ାବିତ୍ ମାନେ ରାଜସ୍ଥାନରେ ଆୟୋଜିତ ଜାତୀୟ ପାରାଜୁଡୋ ଚମ୍ପିୟାନସିପରେ ଯେଉଁଭଳି ସଫଳତା ଅର୍ଜନ କରିଥିଲେ ନିଶ୍ଚିତ ଭାବରେ ଚଳିତ ବର୍ଷର ଏହି ରାଜ୍ୟସ୍ତରୀୟ ପାରାଜୁଡୋ ଚାମ୍ପିୟାନସିପ ସମସ୍ତ ଖେଳାଳି ମାନଙ୍କ ମନୋବଳ ବଢାଇବ ବୋଲି କହିଛନ୍ତି କୋଚ୍ ଲୋପାମୁଦ୍ରା ପତି । ଆଜି ଯେଉଁଭଳି ପାରାଜୁଡୋ ଖେଳାଳି ମାନେ ସଫଳତା ଅର୍ଜନ କରିଛନ୍ତି ସେମାନଙ୍କ ପାଇଁ ଯଦି ରାଜ୍ୟ ସରକାରଙ୍କ ତରଫରୁ ଏକ ଛାତ୍ରବାସ ନିର୍ମାଣ କରାଯାଇ ପ୍ରଶିକ୍ଷଣ ଦିଆଯାଇ ପାରନ୍ତା ତେବେ ନିଶ୍ଚିତ ଭାବରେ ଏହି ଦୃଷ୍ଟିହୀନ ଖେଳାଳି ମାନେ ଭାରତବର୍ଷ ପାଇଁ ଗୌରବ ଆଣିପାରିବେ ବୋଲି କହିଛନ୍ତି ଓଡିଶା ପାରାଜୁଡୋ ଆସୋସିଏସନର ସଭାପତି ।



କଲମପୁର ବ୍ଲକସ୍ତରୀୟ କଳାହାଣ୍ଡି ଜିଲ୍ଲା ଗଠନ ଦିବସ ପାଳିତ

କଲମପୁର, ୨।୧୧(ନି.ସୂ) : କଳାହାଣ୍ଡି ଜିଲ୍ଲା ଗଠନ ଦିବସ ଅବସରରେ କଲମପୁର ବ୍ଲକ ପରିସରସ୍ଥିତ ସଭାଗୃହରେ ବ୍ଲକସ୍ତରୀୟ ଜିଲ୍ଲା ଗଠନ ଦିବସ ସମାରୋହ ମହା ଆଡ଼ମ୍ବର ଓ ଉତ୍ସାହର ସହ ପାଳିତ ହୋଇଯାଇଛି।



ବ୍ଲକ ଉନ୍ନୟନ ଅଧିକାରୀ (ବିଡିଓ) ବିଜୟ ମାଣ୍ଡାଙ୍ଗିଙ୍କ ଆହ୍ୱାନକ୍ରମେ ଆୟୋଜିତ ଏହି ସମାରୋହରେ ଅଞ୍ଚଳର ବିଭିନ୍ନ ବର୍ଗର ଅଧିକାରୀ, ଜନପ୍ରତିନିଧି ଓ ସମାଜସେବୀ ଯୋଗଦେଇ କଳାହାଣ୍ଡି ଜିଲ୍ଲାର ଗୌରବମୟ ଐତିହ୍ୟ ଓ ପରମ୍ପରାକୁ ସ୍ମରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ଚିନ୍ତାମଣି ବେହେରା, ବିଧାୟକ ପ୍ରତିନିଧି ସୁଶାନ୍ତ ରାଉତ, ଗୋଷ୍ଠୀ ଶିକ୍ଷା ଅଧିକାରୀ ବାଞ୍ଛାନିଧି ପଣ୍ଡା, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲୀପ ବେହେରା, ଡାକ୍ତର ଏବଂ ସମାଜସେବୀ ବିଜୟ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ମିଶନ ଶକ୍ତିର ବ୍ଲକ ପ୍ରକଳ୍ପ ପରିଚାଳକ (ବିପିଏମ୍) ରିଗାନ୍ୟୁସ ଏକ୍କା କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ।

ସଭାରେ ଉପସ୍ଥିତ ବକ୍ତାମାନେ କଳାହାଣ୍ଡି ଜିଲ୍ଲାର ଗଠନ ଇତିହାସ, ଜିଲ୍ଲାର ଗୌରବମୟ ଅତୀତ, ଐତିହ୍ୟ, କଳା, ସଂସ୍କୃତି ଓ ପାରମ୍ପରିକ ଜୀବନଶୈଳୀ ସମ୍ପର୍କରେ ଆଲୋକପାତ କରିଥିଲେ। କଳାହାଣ୍ଡିର ସ୍ୱତନ୍ତ୍ର ପରିଚୟ ଓ ସମୃଦ୍ଧ ପରମ୍ପରାକୁ ଆଗାମୀ ପିଢ଼ି ନିକଟରେ ପହଞ୍ଚାଇବା ସହ ଜିଲ୍ଲାର ବିକାଶ ଓ ଗୌରବକୁ ଅକ୍ଷୁଣ୍ଣ ରଖିବା ଦିଗରେ ସମସ୍ତଙ୍କ ସହଯୋଗର ଆବଶ୍ୟକତା ଉପରେ ବକ୍ତାମାନେ ଗୁରୁତ୍ୱ ଦେଇଥିଲେ। ଛୁଟି ଦିବସ ସତ୍ତ୍ୱେ ବ୍ଲକ ପ୍ରଶାସନ ପକ୍ଷରୁ ଏହି ଦିବସକୁ ସଫଳତାର ସହ ଆୟୋଜନ କରାଯାଇଥିବାରୁ ଏହାକୁ ନେଇ ଉପସ୍ଥିତ ମହଲରେ ଉତ୍ସାହ ପ୍ରକାଶ ପାଇଥିଲା। କେବଳ ବ୍ଲକ ସଦର ମହକୁମାରେ ନୁହେଁ, ବ୍ଲକ ପ୍ରଶାସନର ନିର୍ଦ୍ଦେଶକ୍ରମେ କଲମପୁର ବ୍ଲକ ଅନ୍ତର୍ଗତ ସମସ୍ତ ଗ୍ରାମ ପଞ୍ଚାୟତରେ ମଧ୍ୟ ଏହି ଦିବସକୁ ମହାସମାରୋହରେ ପାଳନ କରାଯାଇଥିଲା। ଏହାଦ୍ୱାରା ଗ୍ରାମାଞ୍ଚଳରେ ମଧ୍ୟ କଳାହାଣ୍ଡି ଜିଲ୍ଲାର ଗଠନ ଦିବସ ପାଳନର ବାର୍ତ୍ତା ପହଞ୍ଚିପାରିଥିଲା। ସମଗ୍ର କାର୍ଯ୍ୟକ୍ରମର ପରିଚାଳନା ଦାୟିତ୍ୱ ବିଭାଗୀୟ ଅଧିକାରୀ ବୈକୁଣ୍ଠ ବାଗ ତୁଲାଇଥିବା ବେଳେ ବ୍ଲକର ସମସ୍ତ କର୍ମଚାରୀ ଆୟୋଜନରେ ସହଯୋଗ କରିଥିଲେ। ସମସ୍ତଙ୍କ ସହଯୋଗ ଓ ଉଦ୍ୟମ ଯୋଗୁଁ କଲମପୁର ବ୍ଲକସ୍ତରୀୟ କଳାହାଣ୍ଡି ଜିଲ୍ଲା ଗଠନ ଦିବସ ସମାରୋହ ସଫଳତାର ସହ ସମ୍ପନ୍ନ ହୋଇଥିଲା।

ସରକାରୀ ଜମିରେ ଥିବା ମୂଲ୍ୟବାନ ଶାଗୁଆନ ଗଛ ଉପରେ କାଠ ମାଫିଆଙ୍କ ଅରାଜକତା

ରାତାରାତି ଗଛ କାଟି ସଫା କରିବା ସହ ଜମି ହଡପ ପାଇଁ ଉଦ୍ୟମ

ପାପଡାହାଣ୍ଡି, ୨।୧୧(ନି.ସୂ) : ଜଙ୍ଗଲ ସୁରକ୍ଷା ପାଇଁ ସରକାରଙ୍କ ପକ୍ଷରୁ ରହିଛି ବିଭିନ୍ନ ଯୋଜନା ଓ କଡ଼ା ନିୟମ। ହେଲେ ଏହି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା ଭଳି ଏକ ଅଭିଯୋଗ ଆସିଛି ନବରଙ୍ଗପୁର ଜିଲ୍ଲାରୁ। ଜଙ୍ଗଲ ଜମିରେ ଥିବା ଶାଗୁଆନ ଗଛକୁ ରାତାରାତି କାଟି ଜମିକୁ ଚାଷ ଉପଯୋଗୀ କରାଯାଉଥିବା ଅଭିଯୋଗ ହୋଇଛି।

ଘଟଣା ଡାବୁଗାଁ ବନାଞ୍ଚଳ ଅଧୀନସ୍ଥ ଜଟାବାଲ ଗ୍ରାମର। ଆହୁରି ଚିନ୍ତାର ବିଷୟ ହେଉଛି, ଏହି ଜଙ୍ଗଲ ଜମିରେ ରହିଛି ଆଦିବାସୀ ସମାଜର ପାରମ୍ପରିକ ଶ୍ମଶାନ ଘାଟ। ଏପରିକି ଜଙ୍ଗଲ ଜମି ଜବରଦଖଲ ଯୋଗୁଁ ଗାଇଗୋରୁଙ୍କ ଚରିବା ପାଇଁ ମଧ୍ୟ ସ୍ଥାନ ନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ବାରମ୍ବାର ଅଭିଯୋଗ ପରେ ମଧ୍ୟ ବନ ବିଭାଗର ନିରବତାକୁ ନେଇ ଉଠିଛି ପ୍ରଶ୍ନ । ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବନାଞ୍ଚଳ ଅଧୀନରେ ଥିବା ଜଟାବାଲ ଗ୍ରାମର ଶାଗୁଆନ ପ୍ଲାଣ୍ଟେସନରୁ ରାତାରାତି ଗଛ କାଟି ନିଆଯାଇଥିବା ନେଇ ସଙ୍ଗୀନ ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ଗ୍ରାମବାସୀ। ଅଭିଯୋଗ ଅନୁସାରେ, ପ୍ଲାଣ୍ଟେସନରେ ଥିବା ଶାଗୁଆନ ଗଛଗୁଡ଼ିକୁ କାଟିବା ପରେ ସେହି ଜଙ୍ଗଲ ଜମିକୁ ଚାଷ କାର୍ଯ୍ୟରେ ବ୍ୟବହାର କରାଯାଉଛି। ଧୀରେ ଧୀରେ ଜଙ୍ଗଲ ଜମି ନିଜ ଅକ୍ତିଆରକୁ ନେବାକୁ ଉଦ୍ୟମ ଚାଲିଥିବା ମଧ୍ୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି।





ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଜମିରେ ଆଦିବାସୀ ସମାଜର ପାରମ୍ପରିକ ଶ୍ମଶାନ ଘାଟ ରହିଛି। ପୁରୁଷ ପୁରୁଷ ଧରି ଏହି ସ୍ଥାନ ସହ ଆଦିବାସୀ ସମାଜର ସାମାଜିକ ଓ ସାଂସ୍କୃତିକ ପରମ୍ପରା ଜଡ଼ିତ ରହିଛି। ଏଭଳି ସ୍ଥିତିରେ ଶ୍ମଶାନ ଜମିର ସୁରକ୍ଷାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ଗ୍ରାମବାସୀ। କେବଳ ଶ୍ମଶାନ ଜମି ନୁହେଁ, ଜଙ୍ଗଲ ଜମି ଜବରଦଖଲ ଓ ଗଛ କଟା ଯୋଗୁଁ ଗ୍ରାମର ଗାଇଗୋରୁଙ୍କ ପାଇଁ ମଧ୍ୟ ଚରାଭୂମିର ଅଭାବ ଦେଖାଦେଇଥିବା ଅଭିଯୋଗ ହୋଇଛି। ପୂର୍ବରୁ ଯେଉଁ ସ୍ଥାନରେ ଗାଇଗୋରୁ ଚରୁଥିଲେ, ସେହି ସ୍ଥାନ ଏବେ ଚାଷ ଜମିରେ ପରିଣତ ହେଉଥିବାରୁ ପଶୁପାଳନ କରୁଥିବା ପରିବାର ମଧ୍ୟ ଅସୁବିଧାରେ ପଡ଼ିଛନ୍ତି।

ଏହି ସମସ୍ୟାକୁ ନେଇ ଗ୍ରାମବାସୀ ଡାବୁଗାଁ ରେଞ୍ଜ ଅଧୀନସ୍ଥ ଜଟାବାଲ ଫରେଷ୍ଟରଙ୍କୁ ବାରମ୍ବାର ଲିଖିତ ଓ ମୌଖିକ ଭାବେ ଅଭିଯୋଗ କରିଥିବା କହିଛନ୍ତି। ମାତ୍ର ଏପର୍ଯ୍ୟନ୍ତ କୌଣସି ଠୋସ୍ ପଦକ୍ଷେପ ନିଆଯାଇନଥିବା ସେମାନଙ୍କ ଅଭିଯୋଗ। ଘଟଣା ସମ୍ପର୍କରେ ଗ୍ରାମବାସୀ ଡାବୁଗାଁ ବନାଞ୍ଚଳ ଅଧିକାରୀଙ୍କ ସହ ଫୋନ୍ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଫୋନ୍ ରିସିଭ୍ ନହେବାରୁ ପରେ ବନାଞ୍ଚଳ କାର୍ଯ୍ୟାଳୟକୁ ଯାଇ ଅଧିକାରୀଙ୍କ ପ୍ରତିକ୍ରିୟା ନେବାକୁ ଉଦ୍ୟମ କରିଥିଲେ। ଅନ୍ୟପଟେ ଗଛ କଟା ଓ ଜଙ୍ଗଲ ଜମି ଜବରଦଖଲ ଘଟଣାରେ କିଛି ଗଛ ମାଫିଆଙ୍କ ସହ ବନ ବିଭାଗର କେତେକ ଅଧିକାରୀଙ୍କ ଭିତିରିଆ ସମ୍ପର୍କ ଥାଇପାରେ ବୋଲି ମଧ୍ୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ଏହି ଅଭିଯୋଗର ସତ୍ୟତା ନିରପେକ୍ଷ ତଦନ୍ତ ପରେ ହିଁ ସ୍ପଷ୍ଟ ହେବ।

ଭିଜିଲାନ୍ସ ସଚେତନତା ସପ୍ତାହ

ଦୁର୍ନୀତି ବିରୋଧରେ ଜନସାଧାରଣ ଜାଗ୍ରତ ହୁଅନ୍ତୁ

ଖୋରଧା, ୨।୧୧(ନି.ସୂ) : ଖୋରଧାରେ ଦୁର୍ନୀତିମୁକ୍ତ ସମାଜ ଗଠନ ସହ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଓ ଜବାବଦେହିତା ପ୍ରତିଷ୍ଠା ଲକ୍ଷ୍ୟରେ ଖୋରଧାର ଐତିହାସିକ ପାଇକ ମାଟିରୁ ଦୁର୍ନୀତି ବିରୋଧୀ ଜନଜାଗରଣର ଆହ୍ୱାନ ଦିଆଯାଇଛି। ଭିଜିଲାନ୍ସ ସଚେତନତା ସପ୍ତାହ ଅବସରରେ ଖୋରଧା ଶ୍ରୀରାମ ନଗରସ୍ଥିତ ସୈନିକ ସଦନ (ପାଇକ ସଦନ)ଠାରେ ଦୁର୍ନୀତି ବିରୋଧୀ ଗୁଇନ୍ଦା ସମିତି (ଏସିଆଇସି), ଖୋରଧା ଜିଲା ପକ୍ଷରୁ ଏକ ବୈଠକ ଓ ସଚେତନତା ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ସମିତିର ଜାତୀୟ ସମ୍ପାଦକ ଡଃ ବିପିନ ବିହାରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସମାଜରୁ ଦୁର୍ନୀତି ଦୂର କରିବା, ନାଗରିକଙ୍କୁ ସେମାନଙ୍କ ଆଇନଗତ ଅଧିକାର ସମ୍ପର୍କରେ ସଚେତନ କରିବା ଏବଂ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ଉପରେ ମତପ୍ରକାଶ ପାଇଥିଲା।



ଅଧ୍ୟକ୍ଷତା କରି ଡଃ ମିଶ୍ର କହିଥିଲେ ଯେ, ଦୁର୍ନୀତି ବିରୋଧୀ ସଂଗ୍ରାମ କେବଳ କୌଣସି ଗୋଟିଏ ସଂଗଠନର ଦାୟିତ୍ୱ ନୁହେଁ, ଏହା ପ୍ରତ୍ୟେକ ସଚେତନ ନାଗରିକଙ୍କ ସାମୂହିକ କର୍ତ୍ତବ୍ୟ। ନିଜ ଅଧିକାର ସମ୍ପର୍କରେ ଜ୍ଞାନ ରଖିବା, ଅନିୟମିତତା ବିରୋଧରେ ଆଇନସମ୍ମତ ଭାବେ ସ୍ୱର ଉତ୍ତୋଳନ କରିବା ଏବଂ ସମାଜରେ ସତ୍ୟନିଷ୍ଠାର ପରିବେଶ ସୃଷ୍ଟି କରିବା ଆଜିର ସମୟର ଆହ୍ୱାନ। ବୈଠକରେ ସମିତିର ଓଡ଼ିଶା ରାଜ୍ୟ ଜନସମ୍ପର୍କ ଅଧିକାରୀ ବିଶ୍ୱଜିତ କାନୁନଗୋ, ଖୋରଧା ଜିଲା ସଭାପତି ରମେଶ ଚନ୍ଦ୍ର ପଟ୍ଟନାୟକ, ଉପସଭାପତି କେ.ଏନ୍. ରାଓ, କାର୍ଯ୍ୟକାରୀ ସଭାପତି ମଧୁସୂଦନ ଦାସ, ଜିଲା ସମ୍ପାଦକ ରତ୍ନାକର ଗୁମାନସିଂହ ଏବଂ ଗଣମାଧ୍ୟମ ବିଭାଗର ବାଲାଜୀ ପାତ୍ରଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ସେମାନେ ଦୁର୍ନୀତି ନିରାକରଣ କ୍ଷେତ୍ରରେ ଜନସାଧାରଣଙ୍କ ସକ୍ରିୟ ସହଯୋଗ ଓ ସାମାଜିକ ଦାୟିତ୍ୱବୋଧର ଗୁରୁତ୍ୱ ଉପରେ ମତ ରଖିଥିଲେ।

କନ୍ଧମାଳ ଓ ଗଞ୍ଜାମ ସୀମାନ୍ତ ଅଞ୍ଚଳରେ ଭୟାବହ

ଭୂସ୍ଖଳନରେ ୯ ପରିବାରର ୧୩ ନିଖୋଜ

ବାଲିଗୁଡା, ୨।୧୧(ନି.ସୂ) : ଉଦୟଗିରି ବ୍ଲକ ଅନ୍ତର୍ଗତ କତିଙ୍ଗିଆ ଗ୍ରାମ ପଞ୍ଚାୟତ ଅଞ୍ଚଳର,ବଲିଙ୍ଗିଆ. ସିପାଏଜୁ. ଗୁଡ୍ରିବାଡ଼ା ଓ ରାଇକିଆ ବ୍ଲକ ର କୃହୁବାଡ଼ା - ଏହିଭଳି ଅନେକ ଅଞ୍ଚଳରେ ଭୁସ୍ଖଳନ ହୋଇଥିବା ଦେଖିବାକୁ ମିଳୁଛି । ଏବଂ ଏହି ଗ୍ରାମ ଗୁଡ଼ାକର ଅନେକ ପଶୁଜନ୍ତୁ ସହିତ ଆସବାବ ଧନ ସମ୍ପତି ନଷ୍ଟହୋଇଥିବା ମଧ୍ୟ କହିଛନ୍ତି ପୀଡିତା ପରିବାର । ଅନ୍ୟପକ୍ଷରେ, ଗଞ୍ଜାମ ଜିଲ୍ଲା ବାଇବାଲି ଅଞ୍ଚଳ ର ଗିଡ଼ିପାବାଲି ଗ୍ରାମର ୯ ପରିବାରର ୧୩ ନିଖୋଜ ଥିବା ସୂଚନା ମିଳିଛି ।





କନ୍ଧମାଳ ଜିଲ୍ଲା ପାଳ ଓ ଉପଜିଲ୍ଲାପାଳ ପ୍ରାଣୀତା ଦାଶ ଓ ରାଇକିଆ ଥାନା ଭାରପ୍ରାପ୍ତ ଅଧିକାରୀ ଶର୍ମିତା ମାଡାମ ଏବଂ ଅନ୍ୟ ଲାଇନ ଡିପାରମେଣ୍ଟ, ନିଖୋଜଙ୍କୁ ଉଦ୍ଧାରକରିବା ସହିତ, ପୀଡ଼ିତା ମାନଙ୍କୁ ରିଲିପି ଓ ଥଇଥାନ ବ୍ୟବସ୍ଥା ଜାରି ରଖିଛନ୍ତି । ଉଦ୍ଧାରକାରି ବିଭାଗ ଭିବିନ୍ନ ସ୍ଥାନରୁ ଆସି ଉଦ୍ଧାର ଚେଷ୍ଟା କରିଥିଲେ ସୁଦ୍ଧା ଏବେ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ

ନିଖୋଜ ହେଲେ, ରବି ମଲିକ (୪୫), ସଲମନ ପ୍ରଧାନ (୪୨), ବଳଦେବ ପ୍ରଧାନ (୪୦), ପ୍ରଦୀପ ପ୍ରଧାନ (୪୦), ବିଜୟ ପ୍ରଧାନ (୪୦) ଟିମ୍ପା ପ୍ରଧାନ ଏଟିମ୍ପୁ ପ୍ରଧାନ (୪) ହୋଇଥିବାବେଳେ ମହିଳା ହେଲେ ଜୟନ୍ତୀ ପ୍ରଧାନ (୪୫) ଭୂମିକାପ୍ରଧାନ (୪୦), ସୁମିତ୍ରା ପ୍ରଧାନ (୬୫) ପଦ୍ମା ପ୍ରଧାନ (୬୨), ତାରାବତୀ ପ୍ରଧାନ (୬୫), ରାଜଲକ୍ଷ୍ମୀ ପ୍ରଧାନ (୨) ବିଜୟଲକ୍ଷ୍ମୀ (୩) ବୋଲି ଜଣାପଡିଛି ।

ଏଥିମଧ୍ୟରେ ବିଜୟ ପ୍ରଧାନ ଶବ ମିଳିଥିବା ଜଣା ପଡ଼ିଛି । ଏହି ଖବରକୁ ନେଇ ସମଗ୍ର ସୀମାନ୍ତ ଅଞ୍ଚଳ ଓ ଓଡିଶା ରାଜ୍ୟକୁ ଆତଙ୍କ ଓ ଚିନ୍ତାର ବାତାବରଣ ଖେଳିଯାଇଛି । ପ୍ରବଳ ବର୍ଷା ଓ ଭୁସ୍ଖଳନ ଯୋଗୁଁ ଅଞ୍ଚଳ ବାସିଙ୍କ ଜୀବନ ଜୀବିକା ବିପଦରେ ପଡ଼ିଥିବା ଆଶଙ୍କା କରାଯାଇଛି । ନିଖୋଜ ବ୍ୟକ୍ତିଙ୍କୁ ତୁରନ୍ତ ଠାବ କରିବା ସହ ଉଦ୍ଧାର ଜାରିରଖିବାକୁ ଅଞ୍ଚଳବାସୀଙ୍କ ଦାବି କ୍ଷ ଏହିଭଳି ସମ୍ବେଦନ ଶିଳ ପରିସ୍ଥିତିରେ ଜିଲ୍ଲା ପ୍ରଶାସନ ଅଗ୍ନିଶ୍ରମ ବିଭାଗ ଓ ଉଦ୍ଧାରକାରିଦଳ ତୁରନ୍ତ ଘଟଣା ସ୍ଥଳରେ,ପହଞ୍ଚି ନିଖଜଙ୍କ ସନ୍ଧାନ କରିବା ସହ ବିପଦ ସଂକୁଳ ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବାକୁ ଚେଷ୍ଟା ଜାରି ରଖିଥିବା ଦେଖିବାକୁ ମିଳିଛି ।

ସନ୍ଥ ଭକ୍ତଚରଣ ପ୍ରତିଭା ସମ୍ମାନରେ ସମ୍ମାନିତ ହେଲେ ପ୍ରଣବେଶ

ସାରସକଣା, ୨।୧୧(ନି.ସୂ) : ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲାର ପ୍ରମୁଖ କେନ୍ଦ୍ର ରାଜସୁନାଖଳା ସ୍ଥିତ ଆର୍ଶୀବାଦ କଲ୍ୟାଣୀ ମଣ୍ଡପର ସଭାଗୃହରେ ଉତ୍କଳୀୟମ ଫାଉଣ୍ଡେସନ ଟ୍ରଷ୍ଟ, ଭୁବନେଶ୍ୱର, ଓଡିଶା ପକ୍ଷରୁ ରାଜ୍ୟ ସ୍ତରୀୟ ସନ୍ଥ ଭକ୍ତଚରଣ ପ୍ରତିଭା ସମ୍ମାନ -୨୦୨୬ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ମୟୂରଭଞ୍ଜ ଜିଲ୍ଲାର ଯୁବ ସମାଜସେବୀ ତଥା ତାଙ୍କର ଖବର ପରିବେଷଣରେ ସମାଗ୍ରହ ଏକନିଷ୍ଠତାର ପ୍ରଦର୍ଶନ ପାଇଁ ସାମ୍ବାଦିକ ପ୍ରଣବେଶ ପାଲଙ୍କୁ ଉତ୍କଳୀୟମ ଫାଉଣ୍ଡେସନ ଭାରତ ପକ୍ଷରୁ ସମ୍ମାନିତ କରାଯାଇଥିବା ଜଣାପଡିଛି। ସେ ଏକାଧାରରେ ଜଣେ ସମାଜସେବୀ ଓ ସାମ୍ବାଦିକ ହୋଇ ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ, ସମାଜ ସଚେତନତା ସହିତ କୋରନା ସମୟରେ ସଚେତନତା, ଅସହାୟ ଗରିବ ଲୋକଙ୍କୁ ସହାୟତା ପ୍ରଦାନ ସହିତ ଗରିବ ଅସହାୟ ଲୋକଙ୍କ ସମସ୍ୟାକୁ ଗଣମାଧ୍ୟମ ଜରିଆରେ ଲୋକଲୋଚନକୁ ଆଣିବା ସହିତ ସହାୟତା ଯୋଗାଇ ଦେଇଥାନ୍ତି । ତାଙ୍କର ଏହି ସେବା ମନ ବୃତ୍ତି ପାଇଁ ରାଜ୍ୟ ସ୍ତରୀୟ ସନ୍ଥ ଭକ୍ତଚରଣ ପ୍ରତିଭା ସମ୍ମାନ -୨୦୨୬ କାର୍ଯ୍ୟକ୍ରମରେ ଉତ୍କଳୀୟମ ଫାଉଣ୍ଡେସନ ଭାରତ ପକ୍ଷରୁ ପ୍ରଣବେଶ ପାଲଙ୍କୁ ବ୍ୟକ୍ତିତ୍ୱ ଉଦଭାଷ ପତ୍ର ସମ୍ମାନରେ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ନୟାଗଡ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ମୁଖ୍ୟ ବକ୍ତା ଭାବେ ନୟାଗଡ ଜିଲ୍ଲା କଞ୍ଜ୍ୟୁମର କୋର୍ଟର ପୂର୍ବତନ ବିଚାରପତି ନାରାୟଣ ମହାପାତ୍ର, ସମ୍ମାନୀତ ଅତିଥି ଭାବେ ପୂର୍ବତନ ରାଜସୁନାଖଳା ଜିଲ୍ଲାପରିଷଦ ସଭ୍ୟା ଭୁବନେଶ୍ୱରୀ ସାହୁ, ଯୁବ ସମାଜସେବୀ ବାସୁଦେବ ସାହୁ, ଶିକ୍ଷାବିତ୍ ସଦାଶିବ ସାହୁ, ସମାଜସେବୀ ସୁରେଶ କୁମାର ସ୍ୱାଇଁ, ଖୋର୍ଦ୍ଧା ଜିଲ୍ଲା ଓକିଲ ସଂଘ ସଭାପତି ଲୋତକବିନ୍ଦୁ ପଟ୍ଟନାୟକ ଓ ଉତ୍କଳୀୟମ ଫାଉଣ୍ଡେସନର ଅଧ୍ୟକ୍ଷ ରାଜୀବ ଲୋଚନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ ।



ବିପର୍ଯ୍ୟୟ ପରେ ବିପନ୍ନ ପରିବାର

କ୍ଷୟକ୍ଷତି ଆକଳନ ପାଇଁ ପ୍ରଶାସନକୁ ଅପେକ୍ଷା

ନୂଆଗଡ, ୨।୧୧(ନି.ସୂ) : ପ୍ରାକୃତିକ ବିପର୍ଯ୍ୟୟ କେବଳ ଧନସମ୍ପତ୍ତି ନଷ୍ଟ କରେ ନାହିଁ, ବରଂ ଅନେକ ଗରିବ ପରିବାରଙ୍କ ମୁଣ୍ଡ ଉପରୁ ସୁରକ୍ଷାର ଛାତ ମଧ୍ୟ ଛଡ଼ାଇ ନିଏ। ଏହାର ଏକ ଦୁଃଖଦ ଉଦାହରଣ ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ ଅନ୍ତର୍ଗତ ଅତରସିଂ ଗ୍ରାମ ପଞ୍ଚାୟତରେ। ଅର୍ଣ୍ଣବ ବାତ୍ୟାର ପ୍ରଭାବରେ ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ଶ୍ରୀ ତ୍ରିନାଥ ମଣ୍ଡଳଙ୍କ ଘର ଭାଙ୍ଗି ଯାଇଥିବାରୁ ତାଙ୍କ ପରିବାର ଏବେ ଗଭୀର ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ଯେଉଁ ଘର ଥିଲା ପରିବାରର ଆଶ୍ରୟସ୍ଥଳ, ବର୍ଷା ଓ ବାତ୍ୟାର ତାଣ୍ଡବରେ ତାହା କ୍ଷତିଗ୍ରସ୍ତ ହୋଇପଡ଼ିଛି।

ଘର ଭାଙ୍ଗିଯିବା ପରେ ପରିବାରର ସୁରକ୍ଷା ଓ ଦୈନନ୍ଦିନ ଜୀବନଯାପନକୁ ନେଇ ଚିନ୍ତା ବଢ଼ିଛି। ପ୍ରାକୃତିକ ବିପର୍ଯ୍ୟୟର ଏହି ଆଘାତରୁ ମୁକୁଳିବା ପାଇଁ ସରକାରୀ ସହାୟତା ହିଁ ଏବେ ତାଙ୍କ ପାଇଁ ଏକମାତ୍ର ଆଶା। ଶ୍ରୀ ତ୍ରିନାଥ ମଣ୍ଡଳଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଘର ବାତ୍ୟାଜନିତ ବର୍ଷାରେ ଭାଙ୍ଗିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କ୍ଷୟକ୍ଷତିର ସ୍ଥିତି ଅନୁଧ୍ୟାନ କରିବା ପାଇଁ କୌଣସି ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିନାହାନ୍ତି। ଫଳରେ ସରକାରୀ ସହାୟତା ପାଇବା ନେଇ ସେ ଅନିଶ୍ଚିତତାରେ ରହିଛନ୍ତି।



ବିପର୍ଯ୍ୟୟ ପରବର୍ତ୍ତୀ ସମୟରେ ପ୍ରଭାବିତ ପରିବାରଙ୍କ କ୍ଷୟକ୍ଷତି ଆକଳନ, ଦ୍ୱରିତ ସହାୟତା ଓ ପୁନର୍ବାସ ବ୍ୟବସ୍ଥା କରିବା ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ। ତେଣୁ ଏହି ଘଟଣାକୁ ଗୁରୁତ୍ୱର ସହ ବିଚାର କରି ପ୍ରଶାସନ ତୁରନ୍ତ କ୍ଷତିଗ୍ରସ୍ତ ଘର ପରିଦର୍ଶନ କରି ବାସ୍ତବ କ୍ଷୟକ୍ଷତିର ନିରପେକ୍ଷ ଆକଳନ କରିବା ଆବଶ୍ୟକ। ଏଥିସହ ସରକାରୀ ବିପର୍ଯ୍ୟୟ ସହାୟତା ନିୟମ ଅନୁଯାୟୀ ବିପନ୍ନ ପରିବାରକୁ ଉପଯୁକ୍ତ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଓ ଆବଶ୍ୟକ ସହାୟତା ପ୍ରଦାନ କରିବା ସହ ଯୋଗ୍ୟତା ଆଧାରରେ ଆବାସ ଯୋଜନାରେ ସାମିଲ କରି ଏକ ସୁରକ୍ଷିତ ବାସଗୃହ ଯୋଗାଇଦେବାକୁ ଦାବି ହୋଇଛି। ବିପର୍ଯ୍ୟୟ ପରେ କ୍ଷତିଗ୍ରସ୍ତଙ୍କ ଦୁର୍ଦ୍ଦଶା ଦୂର କରିବା କେବଳ ଆଶ୍ୱାସନାରେ ସୀମିତ ନ ରହି ବାସ୍ତବ କାର୍ଯ୍ୟାନୁଷ୍ଠାନରେ ପ୍ରତିଫଳିତ ହେବା ଆବଶ୍ୟକ।

କୁଆଖିଆ ଥାନାରେ ଏକତା ଦିବସ ପାଳନ

୧୫ ଛାତ୍ରଛାତ୍ରୀ ପୁରସ୍କୃତ

ଖୁଆଖିଆ, ୨।୧୧(ନି.ସୂ) : ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୧ ତମ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ କୁମାର ସେଠୀଙ୍କ ଅଧକ୍ଷତା ର ଆୟୋଜିତ ଉତ୍ସବ ରେ ମୁଖ୍ୟ ଅତିଥିଭାବେ ୩୩ ନମ୍ବର ଜିଲ୍ଲା ପରିଷଦ ଶିଶିର କୁମାର ମହାନ୍ତି, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ ବୈଦ୍ୟନାଥ ସାହୁ, ବରିଷ୍ଠ ନାଗରିକ ବିଜୟ କୁମାର ଦାଶ,ଯୋଗଦେଇ ସର୍ଦ୍ଦାର ପଟେଲଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ସାମ୍ବାଦିକ କାଳନ୍ଦୀ ଚରଣ କଣ୍ଡ, ଯୁବ ନେତା ଦୁଷ୍ମନ୍ତ କୁମାର ମଲିକ, ଆନନ୍ଦ ସାହୁ ପ୍ରମୁଖ ଆଲୋଚନା ରେ ଅଂଶ ଗ୍ରହଣ କରି ଏକ ସୁସ୍ଥ ଦେଶ ଗଠନରେ ପଟେଲଙ୍କ ନୀତି ଆଦର୍ଶ ରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସର୍ଦ୍ଦାର ଙ୍କ ଜୀବନୀ ସମ୍ପର୍କୀତ ଡିବେଟ ପ୍ରତିଯୋଗିତା ରେ କୃତିତ୍ୱ ହାସଲ କରିଥିବା ୧୫ ଜଣ ଛାତ୍ରଛାତ୍ରୀଙ୍କୁ ଥାନା ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଥାନାର ସମସ୍ତ ପଦାଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ।

ପୂରଣ ହେଲା ଦୀର୍ଘ ଦିନର ଦାବି

କଲମପୁର ଦେଇ ଇନ୍ଦ୍ରାବତୀ-ଭୁବନେଶ୍ୱର ଓଏସ୍ଆରଟିସି ବସ୍ ସେବା ଆରମ୍ଭ

ଭବାନୀପାଟଣା, ୨।୧୧(ନି.ସୂ) : କଳାହାଣ୍ଡି ଜିଲ୍ଲା,କଲମପୁର ତଥା ଆଖପାଖ ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ପ୍ରତୀକ୍ଷାର ଅନ୍ତ ଘଟିଛି। ଭାୟା କଲମପୁର ଦେଇ ଇନ୍ଦ୍ରାବତୀରୁ ରାଜଧାନୀ ଭୁବନେଶ୍ୱରକୁ ସିଧାସଳଖ ଓଏସଆରଟିସି ବସ୍ ଚଳାଚଳ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି। ଏହି ନୂତନ ବସ୍ ସେବା ଆରମ୍ଭ ହେବା ଫଳରେ ସ୍ଥାନୀୟ ଜନସାଧାରଣଙ୍କ ବହୁ ପ୍ରତୀକ୍ଷିତ ଦାବି ପୂରଣ ହେବା ସହ ସମଗ୍ର ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।

ସୂଚନା ଅନୁଯାୟୀ, କଲମପୁର ଅଞ୍ଚଳରୁ ରାଜଧାନୀ ଭୁବନେଶ୍ୱରକୁ ସିଧାସଳଖ ସରକାରୀ ପରିବହନ ସୁବିଧା ନଥିବାରୁ ଉଚ୍ଚଶିକ୍ଷା ପାଇଁ ଯାଉଥିବା ଛାତ୍ରଛାତ୍ରୀ, ଉନ୍ନତ ଚିକିତ୍ସା ନିମନ୍ତେ ରାଜଧାନୀ ନିର୍ଭର କରୁଥିବା ରୋଗୀ ଓ ସାଧାରଣ ଯାତ୍ରୀମାନେ ନାହିଁ ନଥିବା ହଇରାଣ ହେଉଥିଲେ। ଏହି ଗମ୍ଭୀର ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କଳାହାଣ୍ଡି ସାମ୍ବାଦିକ ସଂଘ ସଭାପତି ଦୀପକ କୁମାର ସାହୁ ବାରମ୍ବାର ରାଜ୍ୟ ପରିବହନ ମନ୍ତ୍ରୀ ତଥା ପରିବହନ କମିଶନରଙ୍କ ନିକଟରେ ଲିଖିତ ଦାବିପତ୍ର ଉପସ୍ଥାପନ କରି ଆସୁଥିଲେ। ଅନ୍ୟପକ୍ଷରେ କଲମପୁରର ବିଶିଷ୍ଟ ସମାଜସେବୀ ଚନ୍ଦ୍ରଶେଖର ସାହୁ ମଧ୍ୟ ଏହି ରୁଟ୍‌ରେ ବସ୍ ଚଳାଚଳ ପାଇଁ ଓଏସ୍ଆରଟିସି କର୍ତ୍ତୃପକ୍ଷ, ଜିଲ୍ଲାପାଳ, ସ୍ଥାନୀୟ ବିଧାୟକ ତଥା ସାଂସଦଙ୍କ ନିକଟରେ ବାରମ୍ବାର ଦାବି ଜଣାଇ ନିରବଚ୍ଛିନ୍ନ ପ୍ରୟାସ ଜାରି ରଖିଥିଲେ।



ଉଭୟ ସାମ୍ବାଦିକ ସଂଘ ଓ ସମାଜସେବୀଙ୍କ ମିଳିତ ଉଦ୍ୟମ ତଥା ପ୍ରଶାସନ ଓ ପରିବହନ ବିଭାଗର ଦ୍ୱରିତ ପଦକ୍ଷେପ ଯୋଗୁଁ ଆଜି ଏହି ରୁଟ୍‌ରେ ନୂତନ ବସ୍ ଗଡ଼ିବା ସମ୍ଭବ ହୋଇଛି। ଏହି ବସ୍ ଚଳାଚଳ ଦ୍ୱାରା ଅଞ୍ଚଳର ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଥିବା ଯାତାୟାତ ପ୍ରତିବନ୍ଧକ ଦୂର ହୋଇପାରିଛି। ବସ୍ ସେବା ଆରମ୍ଭ ହେବା ପରେ କଲମପୁର ବୁଦ୍ଧିଜୀବୀ ମହଲ, ଯୁବପିଢ଼ି ଓ ସାଧାରଣ ଜନତା ଏହି ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିବା ସହ ସଂପୃକ୍ତ ନେତୃବୃନ୍ଦ, ପ୍ରଶାସନ ତଥା ବିଭାଗୀୟ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି।

କେନାଲରେ ପଡ଼ି ଯୁବକଙ୍କ ମୃତ୍ୟୁ

ବାଲିଆପାଳ, ୨/୧୧ (ନି.ସୂ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ବୁଲଙ୍ଗ ପଞ୍ଚାୟତରେ ଏକ



ଦୁଃଖଦ ଘଟଣା। କେନାଲରେ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଖବର ସାମ୍ନାକୁ ଆସିଛି। ମୃତ ଯୁବକ ହେଉଛନ୍ତି ମହେନ୍ଦ୍ର ମଣ୍ଡଳ। ସେ କପିଳାସ ମଣ୍ଡଳଙ୍କ ପୁଅ ଏବଂ ବୁଲଙ୍ଗ ଗ୍ରାମର ସନ୍ତୋଷ ମଣ୍ଡଳଙ୍କ ଜ୍ୱାଇଁ ବୋଲି ଜଣାପଡ଼ିଛି। ମହେନ୍ଦ୍ର ମଣ୍ଡଳ ନିଜ ସ୍ତ୍ରୀ ପଦ୍ମାବତୀ ମଣ୍ଡଳଙ୍କ ସହ ବୁଲଙ୍ଗ କେନାଲ ନିକଟରେ ରହୁଥିଲେ। ସୂଚନା ଅନୁଯାୟୀ, ମହେନ୍ଦ୍ର ଜଣେ ଦିବ୍ୟାଙ୍ଗ ଥିଲେ ଏବଂ ପ୍ରାୟ ୧୨ ବର୍ଷ ଧରି ବୁଲଙ୍ଗ ଅଞ୍ଚଳରେ ରହୁଥିଲେ। ତାଙ୍କର ମୂଳ ଘର ବାଲେଶ୍ୱରର ମୁଲ୍ହା ନଗରରେ। ସେ କୌଣସି କାରଣରୁ କେନାଲ ନଈରେ ପଡ଼ି ମୃତ୍ୟୁ ହୋଇଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି ଏହି ଘଟଣାକୁ ନେଇ ପରିବାର ଓ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

କନ୍ଧମାଳ ଓ ଗଞ୍ଜାମ ସୀମାନ୍ତ ଅଞ୍ଚଳରେ ଭୟାବହ ଭୂସ୍ଖଳନ ୯ ପରିବାରର ୧୩ ନିଖୋଜ

ବାଲିଗୁଡ଼ା, (ନି.ସୂ): ଲଗାଣ ବର୍ଷାରେ କନ୍ଧମାଳ ଓ ଗଞ୍ଜାମ ଜିଲ୍ଲା ସୀମାନ୍ତ ଅଞ୍ଚଳରେ ଭୟାବହ ପରିସ୍ଥିତି ଦେଖାଦେଇଛି । ଉଦୟଗିରି ବ୍ଲକ ଅନ୍ତର୍ଗତ କଟିଙ୍ଗିଆ ଗ୍ରାମ ପଞ୍ଚାୟତ ଅଞ୍ଚଳର, ବଲିଙ୍ଗିଆ.ସିପାଏଜୁ. ଗୁଡ଼ିବାଡ଼ା ଓ ରାଇକିଆ ବ୍ଲକର କୃହୂବାଡ଼ା -ଏହିଭଳି ଅନେକ ଅଞ୍ଚଳରେ ଭୁସ୍ଖଳନ ହୋଇଥିବା ଦେଖିବାକୁ ମିଳୁଛି । ଏବଂ ଏହି ଗ୍ରାମ ଗୁଡ଼ାକ ର ଅନେକ



ପଶୁଜନ୍ତୁ ସହିତ ଆସଭାବ ଧନ ସମ୍ପତି ନଷ୍ଟହୋଇଥିବା ମଧ କହିଛନ୍ତି ପୀଡିତା ପରିବାର । ଅନ୍ୟପକ୍ଷରେ, ଗଞ୍ଜାମ ଜିଲ୍ଲା ବାଇବାଲି ଅଞ୍ଚଳର ଗିଡ଼ିପାବାଲି ଗ୍ରାମ ର ୯ ପରିବାରର ୧୩ ନିଖୋଜ ଥିବା ସୂଚନା ମିଳିଛି । କନ୍ଧମାଳ ଜିଲ୍ଲା ପାଳ ଓ ଉପଜିଲ୍ଲାପାଳ ପ୍ରାଣୀତା ଦାଶ ଓ ରାଇକିଆ ଥାନା ଭାରପ୍ରାପ୍ତ ଅଧିକାରୀ ଶର୍ମିତା ମାଡାମ ଏବଂ ଅନ୍ୟ ଲାଇନ ଡିପାରମେଣ୍ଟ, ନିଖୋଜଙ୍କୁ ଉଦ୍ଧାରକରିବା ସହିତ, ପୀଡ଼ିତା ମାନଙ୍କୁ ରିଲିପି ଓ ଥଇଥାନ ବ୍ୟବସ୍ଥା ଜାରି ରଖିଛନ୍ତି । ଉଦ୍ଧାରକାରି ବିଭାଗ ଭିବିନ୍ନ ସ୍ଥାନ ରୁ ଆସି ଉଦ୍ଧାର ଚେଷ୍ଟା କରିଥିଲେ ସୁଦ୍ଧା ଏବେ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ନିଖୋଜ ହେଲେ, ରବି ମଲିକ ୪୫ ସଲମନ ପ୍ରଧାନ ୪୨ ବଳଦେବ ପ୍ରଧାନ ୪୦ ପ୍ରଦୀପ ପ୍ରଧାନ ୪୦ ବିଜୟ ପ୍ରଧାନ ୪୦ ଟିମ୍ପା ପ୍ରଧାନ ଏଟିମ୍ପୁ ପ୍ରଧାନ ୪ ହୋଇଥିବାବେଳେ ମହିଳା ହେଲେ ଜୟନ୍ତୀ ପ୍ରଧାନ ୪୫ ଭୂମିକାପ୍ରଧାନ ୪୦ସୁମିତ୍ରା ପ୍ରଧାନ ୬୫ ପଦ୍ମା ପ୍ରଧାନ ୬୨ ତାରାବତୀ ପ୍ରଧାନ ୬୫ ରାଜଲକ୍ଷ୍ମୀ ପ୍ରଧାନ ୨ ବିଜୟଲକ୍ଷ୍ମୀ ୩ । ଏଥିମଧ୍ୟରେ ବିଜୟ ପ୍ରଧାନଙ୍କୁ ଶବ ମିଳିଥିବା ଜଣା ପଡ଼ିଛି । ଏହି ଖବରକୁ ନେଇ ସମଗ୍ର ସୀମାନ୍ତ ଅଞ୍ଚଳ ଓ ଓଡିଶା ରାଜ୍ୟକୁ ଆତଙ୍କ ଓ ଚିନ୍ତାର ବାତାବରଣ ଖେଳିଯାଇଛି । ପ୍ରବଳ ବର୍ଷା ଓ ଭୁସ୍ଖଳନ ଯୋଗୁଁ ଅଞ୍ଚଳ ବାସିଙ୍କ ଜୀବନ ଜୀବିକା ବିପଦରେ ପଡ଼ିଥିବା ଆଶଙ୍କା କରାଯାଉଛି । ନିଖୋଜ ବ୍ୟକ୍ତିଙ୍କୁ ତୁରନ୍ତ ଠାବ କରିବା ସହ ଉଦ୍ଧାର ଜାରିରଖିବାକୁ ଅଞ୍ଚଳବାସୀଙ୍କ ଦାବି । ଏହିଭଳି ସମ୍ବେଦନ ଶିଳ ପରିସ୍ଥିରେ ଜିଲ୍ଲା ପ୍ରଶାସନ ଅଗ୍ନିଶ୍ରମ ବିଭାଗ ଓ ଉଦ୍ଧାରକାରିଦଳ ତୁରନ୍ତ ଘଟଣା ସ୍ଥଳରେ, ପହଞ୍ଚି ନିଖଜଙ୍କ ସନ୍ଧାନ କରିବା ସହ ବିପଦ ସଂକୁଳ ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବାକୁ ଚେଷ୍ଟା ଜାରି ରଖିଥିବା ଦେଖିବାକୁ ମିଳିଛି ।

ବିଜେପିର ଗଣତନ୍ତ୍ର ବଞ୍ଚାଓ, ଅରାଜକତା ହଟାଓ କାର୍ଯ୍ୟକ୍ରମ

ଜିଲ୍ଲା ବିଜେପି ପକ୍ଷରୁ ବାରିପଦାରେ ପଦଯାତ୍ରା ଓ ଜନସମାବେଶ

ବାରିପଦା, ୨/୧୧, ଅବିନାଶ ମହାନ୍ତି (ନି.ସୂ): ଗଣତନ୍ତ୍ର ବଞ୍ଚାଓ, ଅରାଜକତା ହଟାଓ ନାରା ଦେଇ ମୟୂରଭଞ୍ଜ ଜିଲ୍ଲା ବିଜେପି ପକ୍ଷରୁ ବାରିପଦାରେ ଆଜି ଏକ ବିଶାଳ ପଦଯାତ୍ରା ଓ ଜନସମାବେଶ ଆୟୋଜିତ ହୋଇଯାଇଛି. ମଧୁବନ ପଡ଼ିଆରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ସହର ପରିକ୍ରମା କରି କଲେଜ ପଡ଼ିଆରେ ପହଞ୍ଚିବା ପରେ ଆୟୋଜିତ ଜନସମାବେଶରେ



ମୁଖ୍ୟ ଅତିଥି ଭାବରେ ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ବିକାଶର ଧାରାକୁ ପ୍ରତିହତ କରିବା ପାଇଁ ବିରୋଧୀ ଅପଚେଷ୍ଟା କରୁଥିବା ଅଭିଯୋଗ କରିଛନ୍ତି । ଦେଶରେ ଗଣତନ୍ତ୍ରକୁ ଆଘାତ ଦେବା ସହ ବିକାଶର ଧାରାକୁ ରୋକିବା ପାଇଁ କିଛି ରାଜନୈତିକ ବ୍ୟକ୍ତି ଓ ଗୋଷ୍ଠୀ ଅପଚେଷ୍ଟା ଚଳାଇଛନ୍ତି। ସାରା ଦେଶରେ ଜନସମାବେଶ ଓ ପଦଯାତ୍ରା ମାଧ୍ୟମରେ ବିକାଶର ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚୁଥିବା ବେଳେ, ଏହି ବିକାଶ ଯାତ୍ରାରେ ବାଧା ସୃଷ୍ଟି କରୁଥିବା ଶକ୍ତିଙ୍କୁ ଦୃଢ଼ ମୁକାବିଲା କରାଯିବ। ବିକଶିତ ଓଡ଼ିଶା ଓ ବିକଶିତ ଭାରତର ସ୍ୱପ୍ନ ସାକାର ପାଇଁ ଦେଶବାସୀ ଗଣତନ୍ତ୍ର ଓ ବିକାଶକୁ ଗୁରୁତ୍ୱ ଦେଉଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦି, ବାରିପଦା ବିଧାୟକ ପ୍ରକାଶ ସୋରେନ, ଉଦଳା ବିଧାୟକ ଭାସ୍କର ମଢେଇ, ବଡ଼ସାହି ବିଧାୟକ ସନାତନ ବିଜୁଳି, ବାଙ୍ଗିରିପୋଷୀ ବିଧାୟିକା ସଞ୍ଜଳି ମୁର୍ମୁ, ଏସଡିସି ଅଧ୍ୟକ୍ଷ ଡାକ୍ତର ବୁଢ଼ାନ ମୁର୍ମୁ, ଉପାଧ୍ୟକ୍ଷା କୌଶଲ୍ୟା ନାୟକ ଓ ଜିଲ୍ଲା ପ୍ରଭାରୀ ସିପ୍ରା ବାଜପେୟୀ, ଉଦଳା ଏନ.ଏ.ସି. ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ବିଜେପି ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥୀ ପ୍ରମୁଖ ଉପସ୍ଥିତ ରହି ଗଣତନ୍ତ୍ର ଓ ଗାଣତନ୍ତ୍ରିକ ମୂଲ୍ୟବୋଧ ସପକ୍ଷରେ ବକ୍ତବ୍ୟ ରଖିଥିଲେ। ଦଳର ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ କୁମାର ମହାନ୍ତି, ପ୍ରବୀଣ କୁମାର ପାତ୍ର ଓ ପ୍ରଣକୃଷ୍ଣ ବେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ, ପରେଶ ଚନ୍ଦ୍ର ମହାନ୍ତ, ସୁଗୁଦା ମୁର୍ମୁ, ସୁକୁଲ ମୁର୍ମୁ, ନରୋତ୍ତମ ପାଣିଗ୍ରାହୀ, ସୁରଜ ଲୋହାର, ସୌମ୍ୟ ରଞ୍ଜନ ମିଶ୍ର, ଦେବବ୍ରତ ସାମଲ, ଶୋଭାବତୀ ଓତା, ଟୁନାରାମ ଥାୟାଲ, କମଲଲୋଚନ ରାୟ, ଏସ. କେ. ନାସିରୁଦ୍ଦିନ, ସୁଜାତା ଷଡ଼ଙ୍ଗୀ, ମମତା ସାହୁ, ମମତା ମଣ୍ଡଳ, ଲକ୍ଷ୍ମୀ ସାହୁ, ବ୍ରଜମୋହନ ବେହେରା, ଦଳଗୋବିନ୍ଦ ବେହେରା, ସରୋଜିନୀ କିସ୍କୁ, ପରିକ୍ଷିତ ଦେ, ଜଗନ୍ନାଥ ମଲ୍ଲିକ, ପ୍ରାଚୀ ସୁମନ ମହାନ୍ତି, ଦୀନେଶ ଦାସ ପ୍ରମୁଖ ପଦଯାତ୍ରା ପରିଚାଳନା କରିଥିଲେ ।

ରାୟଗଡ଼ ଠାରେ ଜିଲ୍ଲାପାଳଙ୍କର ମିଳିତ ଅଭିଯୋଗ ଶୁଣାଣି

ରାୟଗଡ଼, ୦୨/୧୧ (ନି.ସୂ): ରାୟଗଡ଼ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସଦର ମହକୁମା ସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ ସଭାଗୃହରେ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି ରାୟଗଡ଼ ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ବୈଠକରେ ଆରକ୍ଷୀ ଅଧୀକ୍ଷକ ଶ୍ରୀ ରାଜ ପ୍ରାସାଦ, ବନ ବିଭାଗର ଅଧିକାରୀ ଶ୍ରୀ ସଚିନ୍ ଆନ୍ନା ସାହେବ ଓହଲ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡୁ, ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ବିଶ୍ୱମ୍ଭର କୁମାର ବେହେରା, ଉପ ଜିଲ୍ଲାପାଳ ରାୟଗଡ଼ ସୁଶ୍ରୀ ମୃଣାଳିକା ରାଠୋଡ଼, ପ୍ରକଳ୍ପ ପ୍ରଶାସକ ତଥା ସମନ୍ୱିତ ଆଦିବାସୀ ଉନ୍ନୟନ ଅଧିକାରୀ ଶ୍ରୀ ଚନ୍ଦ୍ରକାନ୍ତ ମାଝୀ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହି ସମସ୍ୟା ଗୁଡିକର ସମାଧାନ କରିବା ପାଇଁ ଚେଷ୍ଟା କରିଥିଲେ। ଏଥିରେ ମୋଟ ୫୨ଟି ଅଭିଯୋଗ ପଞ୍ଜିକୃତ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ୩୯ ଏବଂ ୧୨ ଟି ସାମୁହିକ ଅଭିଯୋଗ ଶୁଣାଣି କରାଯାଇଥିଲା। ଉକ୍ତ ଅଭିଯୋଗ ଶୁଣାଣିରେ ରେଡକ୍ରୋସ ପାଣ୍ଠିରୁ ଜଣଙ୍କୁ ୫ ହଜାର ଟଙ୍କ ପ୍ରଧାନ କରାଯଇଥିବାବେଳେ ୨ଟି ଅଭିଯୋଗର ତୁରନ୍ତ ଫଇସଲା ହୋଇଥିଲା। ଅନ୍ୟ ଅଭିଯୋଗ ଗୁଡିକ ସମ୍ପୃକ୍ତ ଅଧିକାରୀମାନଙ୍କୁ ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

ଦେଉଳା ପଞ୍ଚାୟତରେ ସାମ୍ବାଦିକଙ୍କ ସମ୍ମିଳନି ଅନୁଷ୍ଠିତ



ବାଲିଆପାଳ, ୨।୧୧ (ନି.ସୂ): ବାଲିଆପାଳ ବ୍ଲକର ଦେଉଳା ପଞ୍ଚାୟତରେ ଡ୍ରେନ ନିର୍ମାଣ ନକରି ସରପଞ୍ଚ ବିଲ ଉଠାଇନେଇ ଥିବା କଥା ଏକ ନିର୍ଦ୍ଦିଷ୍ଟ ଗଣମାଧ୍ୟମରେ ପ୍ରଚାର ହେବା ପରେ ସୋମବାର ଦେଉଳା ସରପଞ୍ଚ ସରୋଜ କୁମାର ପିଳା ନିଜ ପଞ୍ଚାୟତ କାର୍ଯ୍ୟାଳୟ ପରିସର ରେ ଏକ ସାମ୍ବାଦିକ ସମ୍ମିଳନୀ କରି କହିଥିଲେ ଲୋକଙ୍କ ଅନୁରୋଧ କ୍ରମେ ଲୋକଙ୍କର ଅବଶ୍ୟକତା କୁ ଦୃଷ୍ଟି ରେ ରଖି ଡ୍ରେନ କାର୍ଯ୍ୟ ପରିବର୍ତ୍ତେ ରାସ୍ତା ନିର୍ମାଣ କରାଯାଇଛି। ଉକ୍ତ ପ୍ରୋଜେକ୍ଟ ୨୦୨୫-୨୬ ମସିହାରେ ପଞ୍ଚାୟତରେ ଥିବା କଣ୍ଟିଜେନ୍ସି ଫଣ୍ଡ ଟଙ୍କାରେ ଜାଠିଆ ଗ୍ରାମର ୯ ନମ୍ବର ୱାର୍ଡରେ ଆରଡି ରାସ୍ତା ଠାରୁ ନିମାଇ ରାଉଳ ଘର ପର୍ଯ୍ୟନ୍ତ ଡ୍ରେନ ପାଇଁ ପାସ ହୋଇଥିଲା। ମାତ୍ର ସେଠାରେ ରାସ୍ତାର ଆବଶ୍ୟକତା ଥିବାରୁ ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ୨୦୨୬-୨୭ ଆର୍ଥିକ ବର୍ଷ ରେ ପଞ୍ଚାୟତର ନିୟମ ଅନୁସାରେ ପୁଣି ଉକ୍ତ ପ୍ରୋଜେକ୍ଟ ପରିବର୍ତ୍ତନ କରି ରାସ୍ତା ନିର୍ମାଣ କରାଯାଇଅଛି ବୋଲି ଉକ୍ତ ଗ୍ରାମର ବିଜୟ କୁମାର ସାମଲ, ସୁଶାନ୍ତ ଜେନା ଜୟନାରାୟଣ ବେହେରା, ପ୍ରଭୁଦତ୍ତ ଧଳଙ୍କ ସହିତ ଅନ୍ୟ ଗ୍ରାମବାସୀ ମାନେ ସାମ୍ବାଦିକ ସମ୍ମିଳନୀ ରେ କହିଛନ୍ତି।

କୁମୁଡ଼ ଘାଟରୁ ବେଆଇନ ବାଲି ଚୋରା ଚାଲାଣ

ଆନନ୍ଦପୁର, ୨/୧୧ (ନି.ସୂ): କେଉଁଝର ଜିଲ୍ଲାର ଘସିପୁରା ବ୍ଲକ ଘସିପୁରା ଥାନା ବୈତରଣୀ ନଦୀ ର ବେ ଆଇନ ବାଲିଘାଟ ରୁ ପ୍ରତେକ ଦିନ, ସହ ସହ ବାଲି ପୋକ୍ଲିନ ସାହାଯ୍ୟ ବାଲି ହାଓ୍ୱା ରେ ଲୋଡ଼ କରାଯାଇ ଲୁଟ ଚାଲିଛି ।ସୂଚନା ଏହିକି ଗତ କିଛି ଦିନ ଭିତରେ ବାଲି ଲୁଟ ଖବର ପ୍ରସାରଣ ହୋଇ ଥିଲା ।ଯେଉଁ ପ୍ରସାରଣ ଖଣି ବିଭାଗ ପୋଲିସ ପ୍ରଶାସନ ଚୋରା ଚାଲାଣ




ବାଲି ଡ଼ମ୍ପିଙ୍ଗ କୁ ଅବ୍ଗତ କରାଯାଇ ଥିଲା । ଅବ୍ଗନ ଧାରୀ ଡ଼ମ୍ପିଙ୍ଗ ବାଲି ଚାଲାଣ ସହ ବୈତରଣୀ ନଦୀର ବାଲି ଡ଼ମ୍ପିଙ୍ଗ ଉପରେ ଢଳାଯାଉଛି ।ଅର୍ଦ୍ଧରାତିରେ ବାଲି ଲୋଡ଼କରାଯାଇ ଚୋରା ଚାଲାଣ ହେଉଛି ।ବାଲି ଅବ୍ଗନ ଧାରୀ ମାଫିଆ ଙ୍କ ନୂଆ ନୂଆ ତରିକା ବାଛି ଥିବା ବେଳେ ପ୍ରଶାସନ ପାଖରେ କୌଣସି ଖବର ଥିଲେବି ନିରବତାର ପ୍ରଶ୍ନ ସୃଷ୍ଟି କରୁଛି ।ଆନନ୍ଦପୁର ଉପଖଣ୍ଡ ଅପେରସନ ବୈତରଣୀରେ, କେଉଁଝର ଜିଲ୍ଲାର ଖଣିବିଭାଗର ଅଧିକାରୀ ଚୋରା ବାଲି ଚାଲାଣ ଉପରେ କିଭଳି ଆଭିମୁଖ୍ୟ ରହିଛି ।ଏଠି ପ୍ରଶ୍ନ ଆସୁଛି ମୋହନ ସରକାରଙ୍କ ଖଣି ଦୁର୍ନୀତି ର ଫର୍ଦାଫାଶ ର ଦଣ୍ଡା ଦେଶ ବାକ୍ୟ କେଉଁଠି ରହିଲା ।କେଉଁଝର ଜିଲ୍ଲାର ଖୋଦ ମୁଖ୍ୟମନ୍ତ୍ରୀ ଙ୍କ ଭାର ସମ୍ଭାଳୁ ଥିବା ବେଳେ ଏଭଳି ତରିକା ରେ ବୈତରଣୀ ନଦୀ ର କୁମୁଡ଼ ବାଲିଘାଟ ଉପରେ କିଭଳି ବାଲି ଚୋରିକି ରୋକା ଯାଇ ପାରୁନାହିଁ, । ରାଜସ୍ୱ ବିଭାଗ ର କୋଟି କୋଟି ଟଙ୍କା ର ବାଲି ଲୁଟିବା ପାଇଁ କିପରି ତରିକା ହେଉଛି ସାଧାରଣତ କୁମୁଡ଼ ବାଲିଘାଟ ଉପରେ ଖଣି ବିଭାଗ ଉପରେ କିପରି ଆଭିମୁଖ୍ୟ ରହୁଛି ଆଗାମୀ ଦିନରେ ଦେଖିବା ପାଇଁ ବାକି ଅଛି ।ରାଜ୍ୟରେ ସରକାର ଓ ରାଜ୍ୟ ପ୍ରଶାସନିକ ଅଧିକାରୀ ବୈତରଣୀ ନଦୀର ସୁରକ୍ଷା ଓ ଚୋରା ବାଲି ଚାଲାଣ ଓପରେ କେବେ ବନ୍ଦ ହେବ ଦେଖିବାକୁ ବାକି ଅଛି ।

ଜଳେଶ୍ୱର ଦୁଷ୍କର୍ମ ଓ ହତ୍ୟା ଘଟଣା, ପୀଡ଼ିତା ପରିବାରକୁ ଭେଟି ସମବେଦନା ଜଣାଇଲେ

ବିଜେଡି ପ୍ରତିନିଧି ଦଳ, ନବୀନ ପଟ୍ଟନାୟକଙ୍କ ପକ୍ଷରୁ ୧ ଲକ୍ଷ ଟଙ୍କାର ସହାୟତା ପ୍ରଦାନ

ଜଳେଶ୍ୱର, ୨/୧୧ (ନି.ସୂ): ଜଳେଶ୍ୱର ଅଞ୍ଚଳରେ ଘଟିଥିବା ଚାଞ୍ଚଲ୍ୟକର ନାବାଳିକା ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ନେଇ ସାରା ରାଜ୍ୟରେ ତୀବ୍ର ଉଦ୍‌ବେଗ ପ୍ରକାଶ ପାଇଛି। ଏହି ମର୍ମନ୍ତୁଦ ଘଟଣାରେ




ଶୋକସନ୍ତପ୍ତ ପୀଡ଼ିତା ପରିବାର ପ୍ରତି ସମବେଦନା ଜଣାଇବା ସହ ସେମାନଙ୍କ ପାଖରେ ଛିଡ଼ା ହୋଇଛି ବିଜୁ ଜନତା ଦଳ। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଆଜି ଏକ ଉଚ୍ଚସ୍ତରୀୟ ବିଜେଡି ପ୍ରତିନିଧି ଦଳ ପୀଡ଼ିତାଙ୍କ ବାସଭବନରେ ପହଞ୍ଚିଥିଲେ। ଏଥିରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ରାଜ୍ୟ ବିଜେଡି କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ, ବାଲେଶ୍ୱର ଜିଲ୍ଲା ମହିଳା ସଭାପତି ଶୁଭଲକ୍ଷ୍ମୀ ମାଝୀ, ଜିଲ୍ଲା ପରିଷଦ ଉପ ସଭାପତି ଅନୁସୟା ପ୍ରଧାନ, ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ମ୍ୟୁନିସିପାଲଟି ଅଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନଙ୍କ ସମେତ ଦଳର ବହୁ ବରିଷ୍ଠ ନେତୃବୃନ୍ଦ ସାମିଲ ଥିଲେ। ନେତୃବୃନ୍ଦ ପରିବାର ବର୍ଗଙ୍କୁ ସାନ୍ତ୍ୱନା ଦେବା ସହିତ ଶ୍ରୀ ପଟ୍ଟନାୟକଙ୍କ ପକ୍ଷରୁ ପରିବାରକୁ ୧ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରିଛନ୍ତି। ଏହି ଅବସରରେ ବିଧାୟକ ଅଶ୍ୱିନୀ ପାତ୍ର ଓ କାର୍ଯ୍ୟକାରୀ ସଭାପତି ଶ୍ରୀ ମଙ୍ଗରାଜ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଏହି ବର୍ବରୋଚିତ କାଣ୍ଡ ଅତ୍ୟନ୍ତ ନିନ୍ଦନୀୟ ତଥା ଅମାନବୀୟ। ଦୋଷୀମାନଙ୍କୁ କଠୋରରୁ କଠୋର ଦଣ୍ଡ ନମିଳିବା ଏବଂ ପୀଡ଼ିତା ପରିବାରକୁ ପୂର୍ଣ୍ଣ ନ୍ୟାୟ ନମିଳିବା ପର୍ଯ୍ୟନ୍ତ ବିଜେଡି ଚୁପ୍ ବସିବ ନାହିଁ। ଉଭୟ ରାଜରାସ୍ତାରୁ ଆରମ୍ଭ କରି ଆଇନଗତ ସ୍ତର ପର୍ଯ୍ୟନ୍ତ ଦଳ ଲଢ଼େଇ ଜାରି ରଖିବ। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିବା ବେଳେ ତୁରନ୍ତ ତଦନ୍ତ ପ୍ରକ୍ରିୟା ଶେଷ କରି ସମସ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ଜୋର ଧରିଛି।

ମହାଆଡମ୍ବରରେ ପାଳିତ ହେଲା ବାହାଦି ଠାକୁରଙ୍କ ବାର୍ଷିକ ଦଶହରା

ଶହ ଶହ ଶ୍ରଦ୍ଧାଳୁଙ୍କ ସମାଗମ, ଘୁମୁରା ନୃତ୍ୟରେ ପ୍ରକମ୍ପିତହେଲା ମଞ୍ଚ

କୋକସରା, ୨।୧୧ (ନି.ସୂ): ମହା ଆଡମ୍ବରରେ ପାଳିତ ହେଲା ତଳାଗାଁର ଅଧିଷ୍ଠାତା ତଥା ପାଣି ପବନର ଦେବତା ବାହାଦି ଠାକୁରଙ୍କ ବାର୍ଷିକ ଦଶହରା। କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ତଳାଗାଁ ସ୍ଥିତ ବାଆଦୀ ଠାକୁରଙ୍କ ରବିବାର ବାର୍ଷିକ ଦଶହରା ପର୍ବ ଭକ୍ତି, ଶ୍ରଦ୍ଧା ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଛି। ପ୍ରଭୁ ବୁଢ଼ାରଜାଙ୍କ ବାର୍ଷିକ ଦଶରା ପରେ ବାଆଦୀ ଠାକୁରଙ୍କ ବାର୍ଷିକ ଦଶରା ପାଳନ ହେଉଥିବାରୁ ଏହି ପର୍ବର ଏକ ସ୍ୱତନ୍ତ୍ର ଧାର୍ମିକ ଓ ସାଂସ୍କୃତିକ ମହତ୍ତ୍ୱ ରହିଛି। ତେବେ ଲାଠି-କାଳିସୀଙ୍କ ଆଗମନରେ ଗାଁ ଦାଣ୍ଡ ଉତ୍ସବ ମୁଖର ହୋଇ ବାଆଦୀ ପୂଜା ପୀଠ ପ୍ରକମ୍ପିତ ହେଉଥିଲା। ସକାଳୁ ଏହି ଉତ୍ସବରେ ସିଉନି, ବଡ଼ପୋଡ଼ାଗୁଡ଼ା, ଦାବିରୀଗୁଡ଼ା, ସର୍ଗିଗୁଡ଼ା ଓ ଭାଲିଆଜୋର ସମେତ ଆଖ ପାଖ ବାରପାଲିର ବିଭିନ୍ନ



ଗ୍ରାମରୁ ଲାଠି ଓ କାଳିସିମାନେ ପାରମ୍ପରିକ ବେଶ ପୋଷାକ ଧାରଣ କରି ପୂଜା ପୀଠକୁ ଆଗମନ କରିଥିଲେ। ପୀଠରେ ସମସ୍ତ ଦେବାଦେବୀଙ୍କ ଲାଠି ଓ କାଳିସୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଘଣ୍ଟ, ଶଙ୍ଖ, ହୁଳହୁଳି, ନାଗରା ଓ ମହୁରୀର ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା ବାଆଦୀ ଠାକୁରଙ୍କ ପୀଠ। ଲାଠି ଓ କାଳିସୀଙ୍କ ପାରମ୍ପରିକ ଦୈବୀ ନୃତ୍ୟ ଦେଖିବା ପାଇଁ ଭକ୍ତଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖାଯାଇଥିଲା। ପ୍ରଭୁ ବାଆଦୀ ଠାକୁର, ମା' ବସ୍ତରାଣୀ ଓ କଳାକଅଁରଙ୍କ ଦର୍ଶନ ପାଇଁ ଶହ ଶହ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଛି । ତେବେ ଦିନରେ ପୂଜାର୍ଚ୍ଚନା ସରିବା ପରେ ରାତ୍ରରେ ବାଆଦୀ ସାଂସ୍କୃତିକ ମଞ୍ଚରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ, ମୁଖ୍ୟ ବକ୍ତା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ଯମୁନା ନାଏକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଗୌରାଙ୍ଗ ନାଗ, ନାଏବ ସରପଞ୍ଚ ବିଜୁ ନାଏକ, ପୂର୍ବତନ ସରପଞ୍ଚ ଯମୁନା ମାଝୀ, ପୂର୍ବତନ ସରପଞ୍ଚ ଜନେକ ନାଏକବରିଷ୍ଠ ଶିକ୍ଷକ ନିଳାମ୍ବର ଦାସ, ଜୟ ଶଙ୍କର ତ୍ରିପାଠୀ, କିଶୋର ଚନ୍ଦ୍ର ଦାସ, ଚୁନିଲାଲ ନାଏକ, ୱାର୍ଡ ସଭ୍ୟା ଲକ୍ଷ୍ମୀ ପୁଝାରୀ, ଗ୍ରାମ ରୋଜଗାର ସେବକ ହେମନ୍ତ ବଛା ପ୍ରମୁଖ ମଞ୍ଚାସିନ ରହିଥିଲେ। ସନ୍ଧ୍ୟାରେ ରେକର୍ଡ ଡ୍ୟାନ୍ସ ଓ ଘୁମୁରା ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା, ଯାହା ଦର୍ଶକମାନଙ୍କୁ ବେଶ୍ ମନୋରଞ୍ଜନ ଯୋଗାଇଥିଲା ଓ ବିଳମ୍ବିତ ରାତି ଯାଏଁ ଦର୍ଶକଙ୍କ ଭିଡ ଜମିରହିଥିଲା। ଏହି ପୂଜା କାର୍ଯ୍ୟକ୍ରମରେ ପୂଜକ ବଳଭଦ୍ର ପୂଜାରୀ, କାଳିସୀ ଶିରା ସପୁର ସିଂ ନାଗ ନାଏକ, ଚନ୍ଦ୍ରମଣି ଭାର୍ଟି, ପୁରୁଷମ ଭାର୍ଟି, ଅଭି ଧଙ୍ଗଡା ମାଝୀ, ହେମରାଜ ବେମାଲ, ମହେଶ୍ୱର ଧଙ୍ଗଡା ମାଝୀ, ପ୍ରଦୀପ ନାଏକ, ବାଆଦୀ କାଳିସୀ ତୁଳାରାମ ଓ ଅମର ରାଉତ ପ୍ରମୁଖ ଦୈବୀ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବାହାଦି ଠାକୁର ପୂଜା କମିଟିର ସଭାପତି ଧର୍ମାନନ୍ଦ ନାଏକ, ସମ୍ପାଦକ ମନୋଜ କୁମାର ଦାସ, ଉପ ସଭାପତି ଲାଲସିଂ ବାଗ କୋଷାଧ୍ୟକ୍ଷ ଭଜମନ ନାଏକ, ବରିଷ୍ଠ ସଦସ୍ୟ ଜଗଦୀଶ ନାଏକ, କୃଷ୍ଣଚନ୍ଦ୍ର ନାଏକ, ଅମର ନାଏକ, ଦେବିସିଂ ନାଏକ, ଯୁଗେଶ୍ୱର ପୁଝାରୀ, ଋତୁରାଜ ରାଉତ, ପଦ୍ମନ ପୁଝାରୀ, ରତନ ଦିସାରୀ, ବବଲୁ ନାଏକ ସମେତ ଅନୁଷ୍ଠାନର ସ୍ୱେଚ୍ଛାସେବୀ, କର୍ମକର୍ତ୍ତା ଓ ଗ୍ରାମବାସୀ ମିଳିତ ଭାବରେ ପରିଚାଳନାରେ ସହଯୋଗ କରିଥିଲେ। ମଞ୍ଚ ପରିଚାଳନା କୃଷକ ସାଥି ଗଜେନ୍ଦ୍ର ନାଗ ସୁଚାରୁ ରୂପେ ସମ୍ପାଦନ କରିଥିଲେ।

ଶିକ୍ଷକତା କେବଳ ବୃତ୍ତି ନୁହେଁ, ଏକ ମହତ୍ ଅଭିଯାନ

ଡିଆଇଇଟି ଖୋରଧାରେ 'ଦୀକ୍ଷାରମ୍ଭ' କାର୍ଯ୍ୟକ୍ରମ ଉଦ୍‌ଘାଟିତ, ଚରିତ୍ର ଗଠନ, ଶୃଙ୍ଖଳା ଓ କର୍ତ୍ତବ୍ୟନିଷ୍ଠା ଉପରେ ଗୁରୁତ୍ୱ

ଖୋରଧା, ୨/୧୧ (ନି.ସୂ): ଖୋରଧା ଶିକ୍ଷକତା କେବଳ ଜୀବିକା ଅର୍ଜନର ଏକ ମାଧ୍ୟମ ନୁହେଁ, ବରଂ ଏହା ଏକ ମହତ୍ ଅଭିଯାନ। ଜଣେ ଶିକ୍ଷକ ଛାତ୍ରଛାତ୍ରୀଙ୍କ ଚରିତ୍ର ଗଠନ ସହ ସେମାନଙ୍କ ଜୀବନର ମୂଲ୍ୟବୋଧ, ଶୃଙ୍ଖଳା ଓ ଭବିଷ୍ୟତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ତେଣୁ ଭବିଷ୍ୟତର ଶିକ୍ଷକମାନେ ନିଜ ପ୍ରଶିକ୍ଷଣର ପ୍ରାରମ୍ଭିକ ପର୍ଯ୍ୟାୟରୁ ଚରିତ୍ର ଗଠନ, ସମୟାନୁବର୍ତ୍ତିତା ଓ କର୍ତ୍ତବ୍ୟନିଷ୍ଠାକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ମତପ୍ରକାଶ ପାଇଛି। ଖୋରଧା ସ୍ଥିତି ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି) ପକ୍ଷରୁ ନବାଗତ ଡିପ୍ଲୋମା ଇନ୍? ଏଲିମେଣ୍ଟାରୀ ଏଜୁକେସନ୍ (ଡି.ଏଲ୍.ଏଡ୍.) ଛାତ୍ର-ଶିକ୍ଷକମାନଙ୍କ ପାଇଁ ସୋମବାର ଏକ ସପ୍ତାହବ୍ୟାପୀ ପରିଚୟମୂଳକ କାର୍ଯ୍ୟକ୍ରମ 'ଦୀକ୍ଷାରମ୍ଭ' ଉଦ୍?ଘାଟିତ ହୋଇଯାଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷ ଡ. ତାପସ କୁମାର ନାୟକ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ନବାଗତ ଛାତ୍ର-ଶିକ୍ଷକମାନଙ୍କୁ ଶିକ୍ଷକ ପ୍ରଶିକ୍ଷଣର ଶୈକ୍ଷିକ ବ୍ୟବସ୍ଥା, ପାଠ୍ୟକ୍ରମ, ପାଠ୍ୟସୂଚୀ, ପ୍ରତିଷ୍ଠାନର ନିୟମାବଳୀ ଏବଂ ଶିକ୍ଷାଦାନ ସମ୍ପର୍କିତ ବିଭିନ୍ନ ଦିଗ ବିଷୟରେ ଅବଗତ କରାଇବା। ଏଥିସହ ଶିକ୍ଷକତାର ମହତ୍ତ୍ୱ, ବୃତ୍ତିଗତ ନୈତିକତା, ଶୃଙ୍ଖଳା ଓ ସାମାଜିକ ଦାୟିତ୍ୱବୋଧ ସମ୍ପର୍କରେ ସେମାନଙ୍କୁ ସଚେତନ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଉଦ୍‌ଘାଟନୀ ଉତ୍ସବରେ ଦୈନିକ ଇଂରାଜୀ ସମ୍ବାଦପତ୍ର 'ଦି ଷ୍ଟେଟ୍ସମ୍ୟାନ୍' ର ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ଦିଲ୍ଲୀପ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବାଗତ ଛାତ୍ର-ଶିକ୍ଷକମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ନିଜ ବକ୍ତବ୍ୟରେ ସେ କହିଥିଲେ ଯେ ଆଧୁନିକ ସମାଜରେ ଶିକ୍ଷକଙ୍କ ଭୂମିକା ଅଧିକ ବ୍ୟାପକ ହୋଇଛି। ଶିକ୍ଷକ କେବଳ ଶ୍ରେଣୀଗୃହରେ ପାଠ ପଢ଼ାଇବାରେ ସୀମିତ ନୁହନ୍ତି; ସେମାନେ ଭବିଷ୍ୟତ ପିଢ଼ିର ଚରିତ୍ର, ଚିନ୍ତାଧାରା ଓ ଜୀବନଦୃଷ୍ଟି ଗଠନରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖନ୍ତି। ଶିକ୍ଷକତାକୁ କେବଳ ଅର୍ଥ ଉପାର୍ଜନର ଏକ ପେସା ଭାବେ ବିଚାର ନକରି ଏହାକୁ ସମାଜ ପ୍ରତି ଏକ ମହତ୍ ଦାୟିତ୍ୱ ଭାବେ ଗ୍ରହଣ କରିବାକୁ ସେ ଛାତ୍ର-ଶିକ୍ଷକମାନଙ୍କୁ ଆହ୍ୱାନ ଦେଇଥିଲେ। ଜଣେ ଦାୟିତ୍ୱସମ୍ପନ୍ନ ଶିକ୍ଷକଙ୍କ ପରିଚୟ ତାଙ୍କର ଜ୍ଞାନ ସହିତ ଚରିତ୍ର, ସମୟାନୁବର୍ତ୍ତିତା, ନିଷ୍ଠା ଓ ଶୃଙ୍ଖଳାରେ ପ୍ରତିଫଳିତ ହୋଇଥାଏ। ତେଣୁ ପ୍ରଶିକ୍ଷଣ ସମୟରୁ ଏହି ଗୁଣଗୁଡ଼ିକୁ ନିଜ ଜୀବନରେ ଅଭ୍ୟାସ କରିବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ। ଉଦ୍‌ଘାଟନୀ ଅଭିଭାଷଣରେ ଡ. ତାପସ କୁମାର ନାୟକ 'ଦୀକ୍ଷା' ଶବ୍ଦର ଗଭୀର ଅର୍ଥ ଓ ଏହାର ଶିକ୍ଷାଗତ ଦର୍ଶନ ସମ୍ପର୍କରେ ଆଲୋକପାତ କରିଥିଲେ। ପାରମ୍ପରିକ ଗୁରୁକୁଳ ଶିକ୍ଷା ବ୍ୟବସ୍ଥାର ଉଦାହରଣ ଦେଇ ସେ କହିଥିଲେ ଯେ ଶିକ୍ଷା କେବଳ ପୁସ୍ତକଗତ ଜ୍ଞାନ ଅର୍ଜନ କିମ୍ବା ପରୀକ୍ଷାରେ ସଫଳତା ହାସଲ କରିବା ମଧ୍ୟରେ ସୀମିତ ନୁହେଁ। ଏହା ମଣିଷର ଚରିତ୍ର ଗଠନ, ଆତ୍ମସଂଯମ, ନୈତିକ ମୂଲ୍ୟବୋଧ ଓ ବ୍ୟକ୍ତିତ୍ୱର ବିକାଶ ସହ ଗଭୀର ଭାବେ ଜଡ଼ିତ। ସେ ନବାଗତ ଛାତ୍ର-ଶିକ୍ଷକମାନଙ୍କୁ ଡି.ଏଲ୍.ଏଡ୍. ପାଠ୍ୟକ୍ରମକୁ କେବଳ ଏକ ଶିକ୍ଷାଗତ ଯୋଗ୍ୟତା ହାସଲ କରିବାର ମାଧ୍ୟମ ଭାବେ ନ ଦେଖି ଜଣେ ଦାୟିତ୍ୱବାନ, ନିଷ୍ଠାପର ଓ ଆଦର୍ଶ ଶିକ୍ଷକ ହେବାର ପ୍ରଥମ ପାହାଚ ଭାବେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଜଣେ ଶିକ୍ଷକଙ୍କ ଦାୟିତ୍ୱ ପାଠ୍ୟକ୍ରମ ସମାପ୍ତ କରିବା କିମ୍ବା ଶ୍ରେଣୀଗୃହରେ ପାଠ ପଢ଼ାଇବାରେ ସୀମିତ ନୁହେଁ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜ୍ଞାନପ୍ରତି ଆଗ୍ରହ ସୃଷ୍ଟି କରିବା, ସେମାନଙ୍କର ସୁପ୍ତ ପ୍ରତିଭାର ବିକାଶ କରିବା, ନୈତିକ ମୂଲ୍ୟବୋଧ ଜାଗ୍ରତ କରିବା ଏବଂ ସମାଜ ପ୍ରତି ଦାୟିତ୍ୱବୋଧ ସୃଷ୍ଟି କରିବା ମଧ୍ୟ ଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟ। ଜଣେ ଶିକ୍ଷକଙ୍କ



ଆଚରଣ, ମନୋଭାବ ଓ କାର୍ଯ୍ୟପ୍ରତି ନିଷ୍ଠା ଛାତ୍ରଛାତ୍ରୀଙ୍କ ଜୀବନରେ ଦୀର୍ଘସ୍ଥାୟୀ ପ୍ରଭାବ ପକାଇଥାଏ ବୋଲି ସେ ଉଲ୍ଲେଖ କରିଥିଲେ। ପ୍ରଶିକ୍ଷଣ ସମୟରେ ଉପଲବ୍ଧ ସମସ୍ତ ସୁଯୋଗର ସଦୁପଯୋଗ କରିବା ସହ ଶୈକ୍ଷିକ କାର୍ଯ୍ୟକଳାପରେ ସକ୍ରିୟ ଭାଗ ନେବାକୁ ଡ. ନାୟକ ଛାତ୍ର-ଶିକ୍ଷକମାନଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷା ଏକ ବ୍ୟକ୍ତିର ବୌଦ୍ଧିକ, ନୈତିକ ଓ ସାମାଜିକ ବିକାଶର ମୂଳ ଆଧାର ହୋଇଥିବାରୁ ଭବିଷ୍ୟତ ପିଢ଼ିକୁ ସଠିକ୍ ଦିଗଦର୍ଶନ ଦେବାର ଦାୟିତ୍ୱ ଶିକ୍ଷକମାନେ ବହନ କରନ୍ତି ବୋଲି ସେ କହିଥିଲେ। ଏକ ସପ୍ତାହ ଧରି ଚାଲିବାକୁ ଥିବା 'ଦୀକ୍ଷାରମ୍ଭ' କାର୍ଯ୍ୟକ୍ରମରେ ନବାଗତ ଛାତ୍ର-ଶିକ୍ଷକମାନଙ୍କୁ ପ୍ରତିଷ୍ଠାନର ଶୈକ୍ଷିକ ପରିବେଶ, ପାଠ୍ୟକ୍ରମ, ପାଠ୍ୟସୂଚୀ, ନିୟମାବଳୀ ଓ ପ୍ରଶିକ୍ଷଣ ପ୍ରଣାଳୀ ସମ୍ପର୍କରେ ବିସ୍ତୃତ ଧାରଣା ଦିଆଯିବ। ଏହାଦ୍ୱାରା ସେମାନେ ନୂତନ ଶିକ୍ଷାଗତ ପରିବେଶ ସହ ଖାପ ଖୁଆଇବା ସହିତ ନିଜର ଶୈକ୍ଷିକ ଓ ବୃତ୍ତିଗତ ଯାତ୍ରାକୁ ଶୃଙ୍ଖଳିତ ଭାବେ ଆରମ୍ଭ କରିପାରିବେ। ଶିକ୍ଷକ ପ୍ରଶିକ୍ଷଣର ପ୍ରାରମ୍ଭିକ ପର୍ଯ୍ୟାୟ ଜଣେ ଭବିଷ୍ୟତ ଶିକ୍ଷକଙ୍କ ମାନସିକତା, ଆଭିମୁଖ୍ୟ ଓ ବୃତ୍ତିଗତ ଦକ୍ଷତା ବିକାଶରେ ବିଶେଷ ଗୁରୁତ୍ୱ ବହନ କରେ। ଏହି ସମୟରେ ହାସଲ କରାଯାଇଥିବା ଶୃଙ୍ଖଳା, ନିଷ୍ଠା ଓ ନୈତିକ ମୂଲ୍ୟବୋଧ ଭବିଷ୍ୟତରେ ସେମାନଙ୍କ ଶିକ୍ଷାଦାନ ଶୈଳୀ ଓ ଛାତ୍ରଛାତ୍ରୀଙ୍କ ପ୍ରତି ଆଭିମୁଖ୍ୟକୁ ପ୍ରଭାବିତ କରିବ। ଏହି ଦୃଷ୍ଟିରୁ 'ଦୀକ୍ଷାରମ୍ଭ' କେବଳ ଏକ ପରିଚୟମୂଳକ କାର୍ଯ୍ୟକ୍ରମ ନୁହେଁ, ବରଂ ଜଣେ ଆଦର୍ଶ ଶିକ୍ଷକ ଗଢ଼ିବାର ଏକ ପ୍ରାରମ୍ଭିକ ପ୍ରୟାସ। କାର୍ଯ୍ୟକ୍ରମକୁ ଶିକ୍ଷୟତ୍ରୀ ଶ୍ରୀମତୀ ବିଣାପାଣି ପାଢ଼ୀ ସଂଯୋଜନା କରିଥିଲେ। ଏହି ଅବସରରେ ପ୍ରତିଷ୍ଠାନର ଅନ୍ୟ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଶ୍ରୀମତୀ ମୋନାଲିସା ପଣ୍ଡା, ଶ୍ରୀମତୀ ରଶ୍ମିରେଖା ସ୍ୱାଇଁ, ଶ୍ରୀମତୀ ଦୀପ୍ତିପ୍ରଭା ଦାଶ, ଶ୍ରୀମତୀ ଶୁଭଲକ୍ଷ୍ମୀ ପରିଡ଼ା, ଡ. ଆୟେଶା ତନୱୀର, ଶ୍ରୀମତୀ ଶୁଭସ୍ମିତା ଦାଶ ଓ ଡ. ମଞ୍ଜୁଲତା ହାଂସଦା ପ୍ରମୁଖ ଉପସ୍ଥିତ ଥିଲେ। ନବାଗତ ଛାତ୍ର-ଶିକ୍ଷକମାନଙ୍କ ନୂତନ ଶୈକ୍ଷିକ ଯାତ୍ରାର ଶୁଭାରମ୍ଭ କରିଥିବା ଏହି କାର୍ଯ୍ୟକ୍ରମ ଶିକ୍ଷାଦାନ ପ୍ରତି ସେମାନଙ୍କ ଦାୟିତ୍ୱବୋଧ, ବୃତ୍ତିଗତ ନିଷ୍ଠା ଓ ସାମାଜିକ ପ୍ରତିବଦ୍ଧତାକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ଶିକ୍ଷକତା କେବଳ ଏକ ପେସା ନୁହେଁ, ଏହା ଯୁବପିଢ଼ିକୁ ସଠିକ ମାର୍ଗଦର୍ଶନ ଦେଇ ଏକ ଦାୟିତ୍ୱସମ୍ପନ୍ନ, ଶୃଙ୍ଖଳିତ ଓ ଜ୍ଞାନଭିତ୍ତିକ ସମାଜ ଗଠନ କରିବାର ଏକ ମହତ୍ ଦାୟିତ୍ୱ, ଏହି ବାର୍ତ୍ତା ଦେଇ 'ଦୀକ୍ଷାରମ୍ଭ' କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି।

ନବରଙ୍ଗପୁର ପୌର କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର, ମୋଟ ୫୦ଟି ଅଭିଯୋଗ ଗ୍ରହଣ

ନବରଙ୍ଗପୁର, ୦୨/୧୧ (ନି.ସୂ): ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗର ସମାଧାନ ନିମନ୍ତେ ଆଜି ନବରଙ୍ଗପୁର ପୌର କାର୍ଯ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀମତୀ ମଧୁମିତା ଏବଂ ଆରକ୍ଷୀ ଅଧୀକ୍ଷକ ଶ୍ରୀ କାଶ୍ୟପ ପାର୍ଥ ଜଗଦୀଶଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ଏହି ଶିବିରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଜନସାଧାରଣ ନିଜ ନିଜର ସମସ୍ୟା, ଅଭିଯୋଗ ଓ ଆବଶ୍ୟକତା ସମ୍ପର୍କରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କୁ ଅବଗତ କରାଇଥିଲେ।



ଶିବିରରେ ମୋଟ ୫୦ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୪୩ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୭ଟି ଗ୍ରାମସ୍ତରୀୟ ସାମୂହିକ ଅଭିଯୋଗ ରହିଥିଲା। ଶିବିରରେ ଉପସ୍ଥିତ ଜିଲ୍ଲାପାଳ ଅଭିଯୋଗକାରୀମାନଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ସମସ୍ୟାଗୁଡ଼ିକୁ ଶୁଣିବା ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କଠାରୁ ଆବଶ୍ୟକ ତଥ୍ୟ ଓ ସ୍ପଷ୍ଟୀକରଣ ନେଇଥିଲେ। ପ୍ରତ୍ୟେକ ଅଭିଯୋଗର ପ୍ରକୃତ ସ୍ଥିତି ଅନୁଧ୍ୟାନ କରି ନିୟମାନୁଯାୟୀ ଉଚିତ ପଦକ୍ଷେପ ଗ୍ରହଣ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ଆରକ୍ଷୀ ଅଧୀକ୍ଷକ ଶ୍ରୀ କାଶ୍ୟପ ପାର୍ଥ ଜଗଦୀଶ ଜନସାଧାରଣଙ୍କ ପକ୍ଷରୁ ଉପସ୍ଥାପିତ ଆଇନଶୃଙ୍ଖଳା ଓ ପୋଲିସ ସମ୍ବନ୍ଧୀୟ ଅଭିଯୋଗଗୁଡ଼ିକର ଶୁଣାଣି କରି ଆବଶ୍ୟକୀୟ ତଥ୍ୟ ଅନୁଧ୍ୟାନ ଏବଂ ନିୟମାନୁଯାୟୀ ପଦକ୍ଷେପ ଗ୍ରହଣ ନିମନ୍ତେ ସମ୍ପୃକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଜନଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ବନଖଣ୍ଡ ଅଧିକାରୀ ଉଦୟାନ ସୁବୁଦ୍ଧି, ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଶ୍ରୀ ବିରଞ୍ଚି ନାରାୟଣ ଦରଓ୍ୱାନ, ଉପଜିଲ୍ଲାପାଳ ଶ୍ରୀ ପ୍ରକାଶ କୁମାର ମିଶ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ପ୍ରହ୍ଲାଦ ଖୋସଲା, ନବରଙ୍ଗପୁର ପୌର ପରିଷଦର ନିର୍ବାହୀ ଅଧିକାରୀ ଡ. ଅଶୋକ କୁମାର କର୍ଣ୍ଣଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ଶୁଣାଣି ପ୍ରକ୍ରିୟାରେ ସହଯୋଗ କରିଥିଲେ। ଜନସାଧାରଣଙ୍କ ଅଭିଯୋଗର ଶୁଣାଣି ଓ ସମାଧାନ ପାଇଁ ଏଭଳି ଜନଅଭିଯୋଗ ଶିବିର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ। ଏହା ମାଧ୍ୟମରେ ସାଧାରଣ ଲୋକେ ନିଜ ସମସ୍ୟାକୁ ସିଧାସଳଖ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ନିକଟରେ ଉପସ୍ଥାପନ କରିବାର ସୁଯୋଗ ପାଇଥାନ୍ତି। ଏହାସହ ଅଭିଯୋଗଗୁଡ଼ିକର ତ୍ୱରିତ ଅନୁଧ୍ୟାନ, ବିଭାଗୀୟ ସମନ୍ୱୟ ଏବଂ ନିୟମାନୁଯାୟୀ ସମାଧାନ ଦିଗରେ ପ୍ରଶାସନିକ ପ୍ରୟାସକୁ ଅଧିକ ସୁଦୃଢ଼ କରିଥାଏ। ଜନସାଧାରଣଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ବିଚାର କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଆବଶ୍ୟକ ପଦକ୍ଷେପ ଗ୍ରହଣ ଏବଂ ଅଭିଯୋଗକାରୀଙ୍କୁ ଉପଯୁକ୍ତ ସୂଚନା ପ୍ରଦାନ କରିବା ଉପରେ ଏହି ଶିବିରରେ ପ୍ରଶାସନିକ ଗୁରୁତ୍ୱ ରହିଥିଲା।

ଦେଶୀ ମଦ ଜବତ୍ ଓ ତିନି ଗିରଫ




ସିମୁଳିଆ, ୦୨/୧୧ (ନି.ସୂ): ବାଲେଶ୍ୱର ଜିଲ୍ଲା ଅବକାରୀ ଅଧିକ୍ଷକଙ୍କର ନିର୍ଦ୍ଦେଶନାରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗର ଚଢ଼ାଉ ଜାରି ରହିଥିବାର ଖବର ଆମର ହସ୍ତଗତ ହୋଇଛି। ସୂଚନା ଅନୁଯାୟୀ ଗତକାଲି ଅଧିକ୍ଷକଙ୍କ ନିର୍ଦ୍ଦେଶ ପାଇ ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀଯୁକ୍ତ ପ୍ରହ୍ଲାଦ ସାମଲ ଏବଂ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ସିମୁଳିଆ ଥାନା ଅନ୍ତର୍ଗତ ଚନ୍ଦ୍ରପଡ଼ା ଓ ଝାଟିଆମାଳ ଗ୍ରାମରେ ଚଢ଼ାଉ କରିଥିଲେ । ସେଠାରେ ୧୨୫ ଲିଟର ଦେଶୀ ମଦ ଜବତ୍ କରିବା ସହିତ ଚନ୍ଦ୍ରପଡ଼ା ଗ୍ରାମର ଗଙ୍ଗା ମୁର୍ମୁ, ସୋମବାରୀ ସୋରେନ ଓ ଝାଟିଆମାଳ ଗ୍ରାମର ସସ୍ମିତା ପ୍ରଧାନ ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜବତ୍ ହୋଇଥିବା ମଦର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି । ଉକ୍ତ ଚଢ଼ାଉରେ ଖଇରା ଅବକାରୀ ଥାନା ସହ ଉପ-ନିରୀକ୍ଷକ ଦୀପିକା ପରିଡ଼ା ଓ କନେଷ୍ଟବଳ ଦେବାଶିଷ ମଲ୍ଲିକ ଓ ଶଶୀକାନ୍ତ ସାହୁ ସାମିଲ ଥିଲେ । ଏନେଇ ଖଇରା ଅବକାରୀ ଥାନା ପକ୍ଷରୁ ୦୩ ଗୋଟି ମାମଲା ରୁଜୁ କରାଯାଇଛି ।

ବାତ୍ୟା 'ମୁରାସୁ'କୁ ନେଇ ହାଇ ଆଲର୍ଟରେ ନବରଙ୍ଗପୁର ଜିଲ୍ଲା ପ୍ରଶାସନ; ଜିଲ୍ଲାପାଳଙ୍କ ପ୍ରସ୍ତୁତି ସମୀକ୍ଷା ଓ ସାମ୍ବାଦିକ ସମ୍ମିଳନୀ

ଜନସାଧାରଣଙ୍କ ସୁରକ୍ଷା ଜିଲ୍ଲା ପ୍ରଶାସନର ସର୍ବୋଚ୍ଚ ପ୍ରାଥମିକତା: ଜିଲ୍ଲାପାଳ


ନବରଙ୍ଗପୁର, ୦୨/୧୧ (ନି.ସୂ): ସମ୍ଭାବ୍ୟ ବାତ୍ୟା 'ମୁରାସୁ' ଏବଂ ଭାରତୀୟ ପାଣିପାଗ ବିଭାଗ (IMD) ପକ୍ଷରୁ ଜାରି ବର୍ଷା ସତର୍କ ସୂଚନାକୁ ଦୃଷ୍ଟିରେ ରଖି ନବରଙ୍ଗପୁର ଜିଲ୍ଲା ପ୍ରଶାସନ ସମଗ୍ର ଜିଲ୍ଲାରେ ସତର୍କ ରହିବା ସହ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତିକୁ ଅଧିକ ତ୍ୱରାନ୍ୱିତ କରିଛି। ବିଶେଷକରି ଜନସଚେତନତା, ସମୟୋଚିତ ସ୍ଥାନାନ୍ତରଣ ନିମନ୍ତେ ପ୍ରସ୍ତୁତି ଏବଂ ବିପଦସଙ୍କୁଳ ଜନସାଧାରଣଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି। ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ଆଜି ବିପର୍ଯ୍ୟୟ ମୁକାବିଲା



ପ୍ରସ୍ତୁତି ଓ ଚାଲିଥିବା ପଦକ୍ଷେପଗୁଡ଼ିକର ସମୀକ୍ଷା କରିବା ସହ ଜିଲ୍ଲାର ତୃଣମୂଳ ସ୍ତରରେ ପ୍ରସ୍ତୁତି ସମ୍ପର୍କରେ ଗଣମାଧ୍ୟମକୁ ଅବଗତ କରାଇଛନ୍ତି। ସ୍ଥାନୀୟ ସ୍ତରରେ ସମନ୍ୱୟ ଓ ପ୍ରସ୍ତୁତିକୁ ସୁଦୃଢ଼ କରିବା ପାଇଁ ଆବଶ୍ୟକ ସମନ୍ୱୟ ବୈଠକ ଆୟୋଜନ ଉପରେ ଗୁରୁତ୍ୱ ଜିଲ୍ଲାପାଳ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ନିର୍ବାହୀ ଅଧିକାରୀ ମାନଙ୍କୁ ବାତ୍ୟାର ସ୍ଥିତି ଓ ଭାରତୀୟ ପାଣିପାଗ ବିଭାଗର ପାଣିପାଗ ସତର୍କ ସୂଚନା ସମ୍ପର୍କରେ ନିର୍ବାଚିତ ଜନପ୍ରତିନିଧିମାନଙ୍କୁ ଅବଗତ କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜନସଚେତନତା ଅଭିଯାନର ଅଂଶସ୍ୱରୂପ ବିପଦସଙ୍କୁଳ ଓ ତଳିଆ ଅଞ୍ଚଳଗୁଡ଼ିକରେ ମାଇକ୍ ଯୋଗେ ପ୍ରଚାର ଏବଂ ସଚେତନତା କାର୍ଯ୍ୟ ଜାରି ରହିଛି। ବିଶେଷକରି କଚ୍ଚା ଘରେ ରହୁଥିବା ଏବଂ ପାହାଡ଼ ତଳି ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି। କ୍ଷେତ୍ରସ୍ତରୀୟ କର୍ମଚାରୀମାନେ ଘରକୁ ଘର ଯାଇ ଲୋକଙ୍କୁ ସଚେତନ କରିବା, ବିପଦସଙ୍କୁଳ ପରିବାରଗୁଡ଼ିକୁ ଚିହ୍ନଟ କରିବା ଏବଂ ସୁରକ୍ଷିତ ସ୍ଥାନାନ୍ତରଣରେ ସହାୟତା କରୁଛନ୍ତି। ପୂର୍ବରୁ ପ୍ରସ୍ତୁତ ସ୍ଥାନାନ୍ତରଣ ଯୋଜନା ଓ ବିପଦସଙ୍କୁଳ ଅଞ୍ଚଳର ଆକଳନ ଅନୁଯାୟୀ ସମସ୍ତେ ସଜାଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି ଆଗାମୀ ଦୁଇ ସପ୍ତାହ ମଧ୍ୟରେ ପ୍ରସବ ତାରିଖ ଥିବା ଗର୍ଭବତୀ ମହିଳାମାନଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରିବା ସହ ସେମାନଙ୍କ ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ ଓ କମ୍ବଳ ଆଦିର ଉପଯୁକ୍ତ ବ୍ୟବସ୍ଥା କରିବାକୁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଛି। ସମସ୍ତ ନିର୍ଦ୍ଧାରିତ ବାତ୍ୟା ଆଶ୍ରୟସ୍ଥଳୀ ଓ ଅସ୍ଥାୟୀ ଆଶ୍ରୟ କେନ୍ଦ୍ରଗୁଡ଼ିକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ରଖିବା ସହ ସେଠାରେ ବିଶୁଦ୍ଧ ପାନୀୟ ଜଳ, ଖାଦ୍ୟ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ବ୍ୟବସ୍ଥା କରିବାକୁ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ ଦେଇଛି। ଆଶ୍ରୟସ୍ଥଳୀଗୁଡ଼ିକରେ ପରିମଳ ଓ ପରିଚ୍ଛନ୍ନତା ବଜାୟ ରଖିବା ସହ ଆବଶ୍ୟକତା ଅନୁଯାୟୀ ସ୍ଥାନୀୟ ସ୍ତରରେ କମ୍ବଳ ଯୋଗାଡ଼ କରିବାକୁ ମଧ କୁହାଯାଇଛି। ସମସ୍ତ କ୍ଷେତ୍ରସ୍ତରୀୟ ଅଧିକାରୀ ଓ ସମ୍ପୃକ୍ତ ବିଭାଗଗୁଡ଼ିକୁ ପୂର୍ବ ପ୍ରସ୍ତୁତ ସ୍ଥାନାନ୍ତରଣ ଯୋଜନାକୁ ସକ୍ରିୟ ରଖିବା, ପରସ୍ପର ମଧ୍ୟରେ ସମନ୍ୱୟ ବଜାୟ ରଖିବା ଏବଂ ଯେକୌଣସି ଜରୁରୀ ପରିସ୍ଥିତିର ତୁରନ୍ତ ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ତଳିଆ ଅଞ୍ଚଳ, କଚ୍ଚା ଘର ଏବଂ ଅନ୍ୟାନ୍ୟ ବିପଦସଙ୍କୁଳ ସ୍ଥାନରେ ରହୁଥିବା ସମସ୍ତ ଜନସାଧାରଣଙ୍କୁ ସତର୍କ ରହିବା, ସରକାରୀ ସତର୍କ ସୂଚନା ଓ ପରାମର୍ଶ ମାନିବା ସହ ଆବଶ୍ୟକ ସ୍ଥଳେ ସ୍ଥାନାନ୍ତରଣ ସମୟରେ ପ୍ରଶାସନିକ କର୍ମଚାରୀମାନଙ୍କୁ ପୂର୍ଣ୍ଣ ସହଯୋଗ କରିବାକୁ ଅନୁରୋଧ କରାଯାଉଛି।

ଯୁବ ସଂଗଠକ ସଞ୍ଜୀବଙ୍କ ଅକାଳ ବିୟୋଗ, ବିଭିନ୍ନ ମହଲରୁ ଶୋକ

ଧାମନଗର, ୦୨/୧୧ (ନି.ସୂ): ଧାମନଗର ଏନ୍‌ଏସି ଅନ୍ତର୍ଗତ ୫ ନଂ ୱାର୍ଡ଼ ଶ୍ୟାମପୁର-ଦକ୍ଷିଣବାଡ଼ ଗ୍ରାମର ଯୁବ ଛାତ୍ରନେତା ତଥା ବିଜୁ ଜନତା ଦଳର ସକ୍ରିୟ ଯୁବ ସଂଗଠକ, ବିଶିଷ୍ଟ ବ୍ୟବସାୟୀ, ପରୋପକାରୀ ତଥା ସମାଜସେବୀ ସଞ୍ଜୀବ କୁମାର ମଲ୍ଲିକଙ୍କ (୩୮) ରବିବାର ବିଳମ୍ବିତ ରାତିରେ ଅକାଳ ବିୟୋଗରେ ଧାମନଗର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୂଚନା ଅନୁଯାୟୀ ସଞ୍ଜୀବ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ପକ୍ଷରୁ ଗତ ଶୁକ୍ରବାର ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ କରାଯାଉଥିଲା। ପରେ ଶରୀରର ଯକୃତରେ ସମସ୍ୟା ଥିବା ନେଇ ଚିକିତ୍ସା କରୁଥିବା ଡାକ୍ତର ପ୍ରକାଶ କରିଥିଲେ। ତେବେ ରବିବାର ରାତ୍ର ପ୍ରାୟ ୧୦ ଟା ସମୟରେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ଦୀର୍ଘ ସମୟ ଧରି ଚିକିତ୍ସା ଚାଲିଥିଲା। ପ୍ରାୟ ରାତ୍ର ୧ ଟା ସମୟରେ ତାଙ୍କର ପରଲୋକ ଘଟିଥିଲା ବୋଲି ଡାକ୍ତର ପରିବାର ଲୋକଙ୍କୁ ଖବର ଦେଇଥିଲେ। ଏହି ଦୁଃଖଦ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସୋମବାର ସକାଳେ ତାଙ୍କ ମରଶରୀର ଧାମନଗର ବଜାର ସ୍ଥିତ ବିଜୁ ପଟ୍ଟନାୟକ ଛକ ଠାରେ ପହଞ୍ଚିବା ପରେ ଏକ ବିଶାଳ ବାଇକ୍ ଶୋଭାଯାତ୍ରାରେ ଧାମନଗର ବଜାର ସମେତ ବିଭିନ୍ନ ଅଞ୍ଚଳ ପରିକ୍ରମା କରାଯାଇ ଜନ୍ମମାଟିକୁ ନିଆଯାଇଥିଲା। ପରିକ୍ରମା ସମୟରେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ମାନେ ଉପସ୍ଥିତ ହୋଇ ମରଶରୀରକୁ ଶେଷ ଦର୍ଶନ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ତାଙ୍କ ମରଶରୀରକୁ ବିଭିନ୍ନ ରାଜନୈତିକ ଦଳର ନେତା ଓ କର୍ମୀ, ବ୍ୟବସାୟୀ, ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଜଣେ ଯୁବ ସଂଗଠକଙ୍କ ପ୍ରତି ସବୁ ମହଲର ଏହି ଶ୍ରଦ୍ଧା ଓ ସମ୍ମାନ ଜନ୍ମମାଟିରେ ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି କରିଥିଲା। ପରେ



ମରଶରୀରକୁ ଶୋଭାଯାତ୍ରା ନିଆଯାଇ ପଡ଼ୋଶୀ ଯାଜପୁର ଜିଲ୍ଲା ଦଶ୍ୱାଶନି ଘାଟରେ ଅନ୍ତିମ ସଂସ୍କାର କରାଯାଇଥିଲା। ଏହି ଅବସରରେ ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାଶ ମହାପାତ୍ର, ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ସାଂସଦଙ୍କ ନଗର ପ୍ରତିନିଧି ସରୋଜ ମହାପାତ୍ର, ଧାମନଗର ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ଧାମନଗର ନିର୍ବାଚନ ମଣ୍ଡଳୀ ସ୍ତରୀୟ ନେତା ଡାକ୍ତର ସଞ୍ଜୟ ଦାସ, ପୂର୍ବତନ ଅଧ୍ୟକ୍ଷ ଅଶୋକ ନାୟକ, ନଗର ସଭାପତି ବିଜୟ କେତନ ସାହୁ, ଆଇନଜୀବୀ ଅମରେନ୍ଦ୍ର ମହାନ୍ତି ଓ ବିଜୟ ରାମ, ପୂର୍ବତନ ନଗର ସଭାପତି ସୁଶାନ୍ତ ରାଉତ, ବ୍ଲକ ଛାତ୍ର ସଭାପତି ପ୍ରକାଶ ବେହେରା ଓ ଧାମନଗର ମେଡିକାଲର ଡାକ୍ତର ମାଝୀ, ଆୟୁଷ ଡାକ୍ତର ମାଧବ ସେଠୀଙ୍କ ସମେତ ବହୁ ରାଜନୈତିକ ଓ ସାମାଜିକ ବ୍ୟକ୍ତି ବିଶେଷ ଉପସ୍ଥିତ ରହି ଶେଷ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଅକାଳ ବିୟୋଗରେ ଧାମନଗର ଅଞ୍ଚଳରେ ଏକ ଶୂନ୍ୟତା ସୃଷ୍ଟି ହେଲା ବୋଲି ମତବ୍ୟକ୍ତ କରିଥିଲେ।

ଶ୍ରଦ୍ଧାରୁ ଜ୍ଞାନ ମିଳିଥାଏ
ନମ୍ରତାରୁ ମାନ ମିଳିଥାଏ
ଏବଂ ନିଜ ଯୋଗ୍ୟତାରୁ ସ୍ଥାନ ମିଳିଥାଏ
ଆଉ ଯେତେବେଳେ ଏଇ ତିନୋଟି ଯାକ ମିଶିଯାଏ
ସେତେବେଳେ ମଣିଷକୁ ସମ୍ମାନ ମିଳିଥାଏ ।

ସଙ୍କଟରେ ଓମାର ସରକାର

ଜାମ୍ମୁ କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କୁ ବିବାହ ସୁଖ ମଧ୍ୟରେ ରାଜନୈତିକ ଝଟକା ଲାଗିପାରେ । ନ୍ୟାସନାଲ କନଫରେନ୍ସର ୨୫ ଜଣ ବିଧାୟକ ବିଦ୍ରୋହ କରିବାକୁ ପ୍ରସ୍ତୁତ ହେଉଛନ୍ତି ଏବଂ ସରକାରଙ୍କୁ ଭାଙ୍ଗିବାକୁ ଧମକ ଦେଉଛନ୍ତି ବୋଲି ଜଣାପଡିଛି । ତେବେ ଏ ସମ୍ପର୍କରେ ଆନୁଷ୍ଠାନିକ ଭାବେ କିଛି କୁହାଯାଇ ନାହିଁ ଏବଂ ଏହି କଳ୍ପନାଜଳ୍ପନା ଜାରି ରହିଛି । ଅନେକ ଦଳର ନେତା ଏବଂ ବିଧାୟକ ମଧ୍ୟ ଏହି କଳ୍ପନାଜଳ୍ପନାକୁ ପ୍ରତ୍ୟାଖ୍ୟାନ କରୁଛନ୍ତି । କୁହାଯାଉଛି ଯେ କ୍ରୋଧିତ ବିଧାୟକମାନେ ୫ଟି ଦାବି ଉପସ୍ଥାପନ କରିଛନ୍ତି । ଇଣ୍ଡିଆ ମେଣ୍ଟ ସରକାର ପତନ ପାଇଁ ଧମକ ଦେଇ ୨୫ ଏନ୍‌ସି ବିଧାୟକ ଚମରବାଣୀ ଶୁଣାଇଛନ୍ତି ।

ଜମ୍ମୁ-କାଶ୍ମୀରରେ ଓମାର ଅବଦୁଲ୍ଲାଙ୍କ ନେତୃତ୍ୱାଧୀନ ସରକାରରେ ବଡ଼ ଧରଣର ବିଦ୍ରୋହ ଦେଖାଦେଇଛି । ଶାସକ ଦଳ ନ୍ୟାସନାଲ କନ୍ଫରେନ୍ସ (ଏନ୍‌ସି)ର ୨୫ ଅସନ୍ତୁଷ୍ଟ ବିଧାୟକ ଦଳୀୟ ନେତୃତ୍ୱଙ୍କୁ ଦେଇଛନ୍ତି ଚରମବାଣୀ । ୧୪ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ସମର୍ଥନ ପ୍ରତ୍ୟାହାର କରିନେବାକୁ ଧମକ ଦେଇଛନ୍ତି । ଧାର୍ଯ୍ୟ ସମୟସୀମା ମଧ୍ୟରେ ଦଳୀୟ ହାଇକମାଣ୍ଡ ଦାବି ପୂରଣ ନ କଲେ ବିଧାୟକମାନେ ରାଜଭାବନ ଅଭିମୁଖେ ପଦଯାତ୍ରା କରି ସରକାରଙ୍କଠାରୁ ସମର୍ଥନ ପ୍ରତ୍ୟାହାର କରିନେବେ ବୋଲି ଚେତାବନୀ ଦେଇଛନ୍ତି । ବିଦ୍ରୋହୀ ଗୋଷ୍ଠୀ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ସରକାରରେ ସମ୍ପୂର୍ଣ୍ଣ ସଂସ୍କାର ଦାବି କରିଛନ୍ତି । ଏଥିରେ ସମସ୍ତ ୮ ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟାଙ୍କୁ ତୁରନ୍ତ ପଦଚ୍ୟୁତ ଲାଗି ଦାବି କରାଯାଇଛି । ୨୫ ଏନସି ବିଧାୟକ ଏହି ଉଦ୍ଦେଶ୍ୟରେ ଦାବିପତ୍ର ଉପସ୍ଥାପନ କରିଛନ୍ତି । ବିଦ୍ରୋହୀ ଗୋଷ୍ଠୀ ସୂତ୍ର ଅନୁସାରେ, ସମସ୍ୟାର ସମାଧାନ ପାଇଁ ବିଧାୟକମାନେ ଦଳୀୟ ନେତୃତ୍ୱଙ୍କ ସମ୍ମୁଖରେ କିଛି ସର୍ତ୍ତ ରଖିଛନ୍ତି । ସ୍ୱଚ୍ଛ ଓ ଯୋଗ୍ୟତା ଆଧାରରେ ଦଳ ଏକ ସମ୍ପୂର୍ଣ୍ଣ ନୂତନ ମନ୍ତ୍ରୀ ପରିଷଦ ଗଠନ କରୁ ବୋଲି ଅସନ୍ତୁଷ୍ଟ ବିଧାୟକମାନେ ଦାବି କରିଛନ୍ତି । ସେହିଭଳି ମନ୍ତ୍ରୀ ପଦ ନିଯୁକ୍ତି ନିଷ୍ପତ୍ତି ନେବା ପାଇଁ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀ ପରିବର୍ତ୍ତେ ସମଗ୍ର ବିଧାୟକ ଦଳ ସହ ଆଲୋଚନା ନିମନ୍ତେ କୁହାଯାଇଛି ।

ଏହାବ୍ୟତୀତ ବିଧାକମାନେ ଦଳର ବୈଚାରିକ ସଂକଳ୍ପ ଓ ନିର୍ବାଚନୀ ଇସ୍ତାହାରକୁ ନେଇ ମଧ୍ୟ ଚିନ୍ତା ପ୍ରକଟ କରିଛନ୍ତି । ଧାରା ୩୭୦, ଧାରା ୩୫ଏ, ଏବଂ ଅନ୍ୟାନ୍ୟ ସମ୍ବିଧାନିକ ସୁରକ୍ଷା କବଚର ପୁନରୁଦ୍ଧାର ପାଇଁ ବଳିଷ୍ଠ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି । ସରକାର ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ନିକଟରେ ଏହି ଦାବିଗୁଡ଼ିକୁ ଦୃଢ଼ ଭାବେ ଉପସ୍ଥାପନ କରନ୍ତୁ ବୋଲି ବିଦ୍ରୋହୀ ଗୋଷ୍ଠୀ କହିଛନ୍ତି । ଧାର୍ଯ୍ୟ ସମୟସୀମା ଭିତରେ ଠୋସ୍ ପଦକ୍ଷେପ ନ ନେଲେ ବିଧାୟକମାନେ ରାଜଭବନ ଯାଇ ସେମାନଙ୍କର ବିଧାନସଭା ସମର୍ଥନ ଆନୁଷ୍ଠାନିକ ଭାବେ ପ୍ରତ୍ୟାହାର କରିନେବେ ବୋଲି କହିଛନ୍ତି । ଜମ୍ମୁ ଓ କଶ୍ମୀର ହେଉଛି ଏନସି ନେତୃତ୍ୱାଧୀନ ସରକାର, ଯେଉଁଥିରେ କଂଗ୍ରେସ ମଧ୍ୟ ମେଣ୍ଟର ଏକ ଅଂଶ । ୯୦ ଆସନ ବିଶିଷ୍ଟ ଜମ୍ମୁ ଓ କଶ୍ମୀର ସରକାରର ନେତୃତ୍ୱ ନେଉଥିବା ଅବଦୁଲ୍ଲାଙ୍କର ମୋଟ ୪୧ ଜଣ ବିଧାୟକ ଅଛନ୍ତି ।

ଶ୍ରୀମନ୍ଦିର ଭୋଗ ପରମ୍ପରାରେ ପୁଷ୍ଟିକର ଖାଦ୍ୟ ଛେନା

ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଛେନା ଏକ ପୁଷ୍ଟିକର ଖାଦ୍ୟ। ଓଡ଼ିଶାର ଅନେକ ଜିଲ୍ଲା ଅଛି, ଯେଉଁଠି ଲୋକମାନେ ପ୍ରତିଦିନ ରାତି ଖାଦ୍ୟରେ ଛେନାକୁ ସାମିଲ କରିବାକୁ ଭୁଲନ୍ତି ନାହିଁ। କାରଣ ଛେନାରେ ଥିବା ପୁଷ୍ଟିସାର ଆମର ଅନେକ ରୋଗବ୍ୟାଧି ଦୂର କରିବା ସହ ଆମ ଚର୍ମକୁ ସତେଜ ସୁନ୍ଦର ରଖିବାରେ ବେଶ ସହାୟକ ହୁଏ। ସେଥିପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ଭୋଗରେ ମଧ୍ୟ ବିଭିନ୍ନ ଦୁଗ୍ଧଜାତ ଦ୍ରବ୍ୟ ଓ ଛେନାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ତେଣୁ ଆପଣମାନେ ପ୍ରତିଦିନ ଅଥବା ବିଭିନ୍ନ ଭୋଜିରେ ଖାଉଥିବା ଛେନା ଓଡ଼ିଶାର ଦୁଇଟି ବଡ଼ ଜିଲ୍ଲାରୁ ଉତ୍ପାଦନ ହୋଇଥାଏ। ଗୋଟିଏ ହେଲଣ ପୁରୀ ଓ ଅନ୍ୟଟି କଟକ। ସାରା ଓଡ଼ିଶାକୁ ସିଂହଭାଗ ଛେନା ଏହି ଦୁଇଟି ଜିଲ୍ଲା ଆବାହମାନ କାଳରୁ ଯୋଗାଇ ଆସୁଛନ୍ତି। ବର୍ତ୍ତମାନର ବଜାରରେ ତିନି ପ୍ରକାର ଛେନା ବିକ୍ରି ହେଉଛି। ଯଥା ଚିପୁଡ଼ା ଛେନା, ଗାଣ୍ଠିଲି ଛେନା ଓ ଡ୍ରମ ଛେନା। ଆସନ୍ତୁ ଜାଣିବା ଶ୍ରୀମନ୍ଦିର ଭୋଗ ପରମ୍ପରାରେ ଛେନାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତି ଯେତିକି ରହସ୍ୟମୟ ତାଙ୍କ ଦାରୁବ୍ରହ୍ମରୂପୀ ବିଗ୍ରହ ଅନନ୍ୟ ଓ ଭକ୍ତଜନଙ୍କୁ କୃପା ଆଶୀର୍ବାଦ ଦେବା ପାଇଁ ସେ ସଦା ପ୍ରସ୍ତୁତ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚତୁର୍ଦ୍ଧା ବିଗ୍ରହ ମର୍ତ୍ତ୍ୟ ବୈକୁଣ୍ଠର ନୀଳାଚଳ କ୍ଷେତ୍ରର ଦିବ୍ୟ ରତ୍ନସିଂହାସନରେ ଉପାସିତ ହୋଇ ଆସୁଛନ୍ତି। ତାଙ୍କର ଦୈନନ୍ଦିନ ନୀତିକାନ୍ତି, ଦିନଚର୍ଯ୍ୟା, ରୂପ, ବେଶ, ଭୋଗ, ଉତ୍ସବ ସବୁକିଛି ସ୍ୱତନ୍ତ୍ର ଓ ଆନନ୍ଦପୂର୍ଣ୍ଣ। 'ମାଦଳା ପାଞ୍ଜି'ର ତଥ୍ୟ ମୁତାବକ ଅନଙ୍ଗଭୀମ ଦେବଙ୍କ ସମୟରେ ମହାପ୍ରଭୁଙ୍କୁ ରତ୍ନସିଂହାସନରେ ବିଜେ କରାଇବା ପରେ ୮୪ ମଢ଼ ଫୁଲି ସଂକୁଡ଼ି ଭୋଗ ବ୍ୟବସ୍ଥା ଆରମ୍ଭ ହେଲା। ଏହା ପୂର୍ବରୁ ଅର୍ଥାତ୍ ପ୍ରାଚୀନ ସମୟରୁ ଶ୍ରୀମନ୍ଦିରରେ ୧୦୦ରୁ ଉର୍ଦ୍ଧ୍ୱ ପ୍ରକାରର ସୁମିଷ୍ଟ ପିଠା, ଅନ୍ନବ୍ୟଞ୍ଜନ ଶ୍ରୀବିଗ୍ରହଙ୍କୁ ଅର୍ପଣ କରାଯାଇ ଆସୁଅଛି। ବର୍ଷ ତମାମ ଶ୍ରୀବିଗ୍ରହଙ୍କ ପାଖରେ ଯେଉଁ ନୈବେଦ୍ୟ ବ୍ୟବହାର କରାଯାଏ ଏହା ପ୍ରାୟତଃ ଘିଅ, ଗୁଡ଼, କ୍ଷୀର, ଛେନା, ସର, ଚାଉଳଚୁନା, ଗହମ ଚୁନା, ବଟାବିରି ଆଦିରୁ ପ୍ରସ୍ତୁତ ହୋଇଥାଏ। ତେବେ ବିଭିନ୍ନ ପର୍ବପର୍ବାଣୀରେ ସ୍ୱତନ୍ତ୍ର ଭାବରେ ଛେନା ଜାତୀୟ ପିଠା ବା ପିଷ୍ଟକ ଓ ପଣା ଶ୍ରୀଜୀଉଙ୍କୁ ଅର୍ପଣ କରାଯାଏ। ଆସନ୍ତୁ ଜାଣିବା ଶ୍ରୀମନ୍ଦିର ଭୋଗ ପରମ୍ପରାରେ ଏହି ଛେନା କିପରି ସବୁ ବିଭିନ୍ନ ପିଠାପଣାରେ ଲାଗି ହୋଇଥାଏ।



ଶ୍ରୀଜୀଉଙ୍କ ବିଭିନ୍ନ ପର୍ବପର୍ବାଣୀ ଭିତରେ ନରେନ୍ଦ୍ର ପୁଷ୍କରିଣୀରେ ଯେଉଁ ଏକୋଇଶ ଦିନ ବ୍ୟାପୀ ଚନ୍ଦନ ଯାତ୍ରା ହୋଇଥାଏ ସେ ସମୟରେ ବଡ଼ ସୁଆର ସେବକଙ୍କ ପରିଚାଳନାରେ ଛେନା କେଳି, ଛେନା ମାଣ୍ଡୁଅ ବିଜେ ପ୍ରତିମାକୁ ଅର୍ପଣ କରାଯାଏ। ପ୍ରତିଦିନ ପାଖାପାଖି ୨୦ କିଲୋରୁ ଉର୍ଦ୍ଧ୍ୱ ପରିମାଣର ଛେନା ଶତାଧିକ କେଳି ଓ ଛେନା ମାଣ୍ଡୁଆ ରୋଷଘରେ ପ୍ରସ୍ତୁତ ହୋଇ ଶ୍ରୀଜୀଉଙ୍କୁ ଏହି ଚନ୍ଦନଯାତ୍ରା ଅବସରରେ ହିଁ ଅର୍ପଣ କରାଯାଏ। ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ପତିତପାବନ ଯାତ୍ରା ବା ରଥଯାତ୍ରା ସମୟରେ ପହଣ୍ଡି ବିଜେ ଓ ତାଙ୍କ ଚଳନ୍ତି ପ୍ରତିମାଙ୍କ ବିଜେ ସମୟରେ ଏକ ସ୍ୱତନ୍ତ୍ର ଭାବରେ ପଂକ୍ତି ଭୋଗ ସମର୍ପଣ ହୋଇଥାଏ। ଏହି ପଂକ୍ତି ଭୋଗରେ ଛେନାର ଭୂମିକା ଥାଏ। ଛେନାରେ ପ୍ରସ୍ତୁତ ଛେନା ମାଣ୍ଡୁଅ, ରସଗୋଲା, ଛେନାକଟା ଓ ତାଡ଼ିଆ ଭୋଗ ବର୍ଷରେ ଥରେ ଏହି ସମୟରେ ହିଁ ଅର୍ପଣ ହେବାର ଆବହମାନ ସମୟରୁ ବିଧି ଓ ପରମ୍ପରା ରହିଆସିଅଛି।

ରଥଯାତ୍ରାର ଶେଷ ପର୍ଯ୍ୟାୟଟି ହେଉଛି ନୀଳାଦ୍ରି ବିଜେ ଓ ଅଧରପଣା। ଆଷାଢ଼ ଶୁକ୍ଳ ଦ୍ୱାଦଶୀ ଦିନ ରଥ ଉପରେ ଶ୍ରୀଜୀଉଙ୍କୁ ଅଧର ପଣା ଭୋଗ ଲାଗି ହୋଇଥାଏ। ଏହି ଅଧର ହାଣ୍ଡି ସ୍ୱତନ୍ତ୍ର ଭାବରେ ସେବକଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥାଏ। ଏକ ବଡ଼ ଅଧର ହାଣ୍ଡିରେ ଶ୍ରୀଜୀଉଙ୍କ ପାଇଁ ଯେଉଁ ପଣା ପ୍ରସ୍ତୁତ ହୋଇଥାଏ ସେଥି ଭିତରୁ ଛେନା ଅନ୍ୟତମ। ପୂର୍ବେ ବଡ଼ ଓଡ଼ିଆ ମଠ, ରାଘବଦାସ ମଠ ଏହାକୁ ଯୋଗାଉଥିବାବେଳେ ଏବେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହାକୁ ପ୍ରସ୍ତୁତ କରାଯାଉଛି। ଅଧର ପଣାରେ ପାଖାପାଖି ସାତଟି ସାମଗ୍ରୀ ଲାଗି ହୋଇଥାଏ ସେଥିଭିତରୁ ଦଶ କିଲୋଗ୍ରାମ ଛେନା ଏହି ପଣାରେ ମିଶିଥାଏ।

ସ୍ନାନ ପୂର୍ଣ୍ଣିମାରେ ଶ୍ରୀଜୀଉ ଅତ୍ୟଧିକ ସ୍ନାନ କରି ଅଣସରରେ ରହିବାର ପରମ୍ପରା ଓ ବିଧି ରହିଛି। ଶ୍ରୀଜୀଉଙ୍କ ଏହି ଅଣସର ନୀତି ସମୟରେ ଶ୍ରୀମନ୍ଦିରର ତାଟି ଭିତରେ ଦଇତାପତିଙ୍କ ଦ୍ୱାରା ଗୁପ୍ତ ସେବା ପୂଜାନୀତି ସମ୍ପନ୍ନ ହୋଇଥାଏ। ତେବେ ଅନେକ ହୁଏତ ଜାଣି ନଥିବେ ଅଣସର ସମୟରେ ପ୍ରତିଦିନ ପାଖାପାଖି ଦେଢ଼ଶହ କିଲୋଗ୍ରାମର ଉର୍ଦ୍ଧ୍ୱ ପରିମାଣର ଛେନା ଚକଟା ଭୋଗରେ ପତିମହାପାତ୍ର ସେବକଙ୍କ ଦ୍ୱାରା ନୀତି ପ୍ରସ୍ତୁତ ହୋଇଥାଏ। ଶ୍ରୀମନ୍ଦିର ପ୍ରଶାସନ ବ୍ୟତୀତ ଶ୍ରୀଜୀଉଙ୍କ ନୀତିକାନ୍ତି ସହିତ ଜଡ଼ିତ ଥିବା ଅନେକ ମଠ ପକ୍ଷରୁ ଚକଟା ଭୋଗରେ ଆବଶ୍ୟକ ହେଉଥିବା ଛେନା ଓ ସର ଆଦି ଯୋଗାଇ ଦିଆଯାଇଥାଏ।

ନୀଳଦ୍ରି ବିଜେରେ ଶ୍ରୀଜୀଉଙ୍କ ରସଗୋଲା ଭୋଗ ଅନନ୍ୟ ଓ ସ୍ୱତନ୍ତ୍ର। ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ବା ପତିତପାବନ ଯାତ୍ରା ସମୟରେ ନୀଳାଦ୍ରି ମଣ୍ଡପକୁ ଶ୍ରୀଜୀଉଙ୍କ ପହଣ୍ଡି ସମୟରେ ଭଣ୍ଡାର ଦ୍ୱାର ଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା'ଲକ୍ଷ୍ମୀଙ୍କୁ ଭିତରଚ୍ଛ ମହାପାତ୍ର ସେବକ ରସଗୋଲା ଭୋଗ ଅର୍ପଣ କରିଥାନ୍ତି। ଯାହାକି ଛେନାରେ ପ୍ରସ୍ତୁତ ହୋଇଥାଏ। ନୀଳାଦ୍ରି ବିଜେ ସମୟରେ ରଥାରୂଢ଼ ଶ୍ରୀଜୀଉ ବିରାଜମାନ କରିଥିବାବେଳେ ଲକ୍ଷାଧିକ ଟଙ୍କାର ରସଗୋଲା, ଛେନା ତାଡ଼ିଆ ଓ ଛେନା ପିଠା ଶ୍ରୀଜୀଉଙ୍କ ଉଦ୍ଦେଶ୍ୟରେ ଅର୍ପଣ ହୋଇଥାଏ। ମାଦଳା ପାଞ୍ଜିର ବର୍ଣ୍ଣନା ଅନୁଯାୟୀ ଏହାକୁ 'ସର୍ପାମଣୋହୀ' କୁହାଯାଏ।

ମହାପ୍ରଭୁଙ୍କ ମାଉସୀ ମାଆ ଘର ଓ ପୋଡ଼ ପିଠା ସମ୍ପର୍କରେ ଉଣା ଅଧିକେ ସମସ୍ତେ ଜାଣନ୍ତି। ମହାପ୍ରଭୁଙ୍କ ମାଉସୀ ମାଆ ବା ଅର୍ଦ୍ଧାଶନୀ ମନ୍ଦିର ଠାରେ ଛେନା, ଘିଅ, ଅଟା ଇତ୍ୟାଦିର ସମ୍ମିଶ୍ରଣରେ ପୋଡ଼ପିଠା ପ୍ରସ୍ତୁତ ହୋଇଥାଏ। ରଥାରୂଢ଼ ଶ୍ରୀଜୀଉ ଏହି ପୋଡ଼ପିଠା ବର୍ଷକରେ ଥରେ ମାଉସୀ ମାଆଙ୍କ ଘରେ ପାଇବାର ଆବହମାନ ପରମ୍ପରା ରହିଛି।

ପବିତ୍ର ମକର ସଂକ୍ରାନ୍ତି ଦିନ ଶ୍ରୀଜୀଉଙ୍କ ସ୍ୱତନ୍ତ୍ର ନୀତି ଓ ଭୋଗ ପରମ୍ପରାର ବ୍ୟବସ୍ଥା ରହିଛି। ବର୍ଷରେ ଥରେ ଏହି ମକର ସଂକ୍ରାନ୍ତି ଦିନ 'ମକର ଚଉରାଅଶି' ଭୋଗ ଅର୍ପଣ ହେବାର ପରମ୍ପରା ରହିଛି। ମକର ସଂକ୍ରାନ୍ତି ଦିନ ଶ୍ରୀମନ୍ଦିରର ରୋଷଘରେ ଥିବା କୋଠଭୋଗ ଚୁଲିରେ ଚଉରାଅଶି ପ୍ରକାର ପିଠା ପ୍ରସ୍ତୁତ ହୋଇ ଅର୍ପଣ ହେବାର ପରମ୍ପରା ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପିରେ ଉଲ୍ଲେଖ ରହିଛି। ତେବେ ଏହି ମକର ଚଉରାଅଶି ଭୋଗର ସ୍ୱତନ୍ତ୍ରତା ହେଉଛି ଏଥିରେ ଛେନା ଜାତୀୟ ସାମଗ୍ରୀର ଅଧିକ ବ୍ୟବହାର ହୋଇଥାଏ। ଶ୍ରୀଜୀଉଙ୍କ ପାଇଁ ଛେନା ଲଡୁ, କେଳି, ତାଡ଼ିଆ, ପାରିଜାତକ, ଛେନା ମାଣ୍ଡୁଅ ଓ ପୁଚୁକୀ ଆଦି ସ୍ୱତନ୍ତ୍ର ଭାବରେ ଅର୍ପଣ ହୋଇଥାଏ। ଏହାକୁ ମହାପ୍ରଭୁଙ୍କ ରାଜଭୋଗ ଭାବେ ସମସ୍ତେ ଜାଣନ୍ତି। ଶ୍ରୀଜୀଉଙ୍କ ଭୋଗ ଓ ବିଭିନ୍ନ ଅନ୍ନବ୍ୟଞ୍ଜନ ଭିତରେ ଛେନାର ସ୍ୱତନ୍ତ୍ର ସ୍ଥାନ ରହିଛି। ବର୍ଷ ତମାମ ବିଭିନ୍ନ ପର୍ବ ଓ ଉତ୍ସବ ବ୍ୟତୀତ ଅନେକ ସମୟରେ ଭକ୍ତମାନଙ୍କର ବରାଦି ଭୋଗ ପ୍ରସ୍ତୁତ ହୋଇଥାଏ। ଯେପରି ଛେନା ବଡ଼ି ତରକାରୀ, ଛେନା ପାରିଜାତକ ଓ ଛେନା ତାଡ଼ିଆ ଆଦି। ଭୋଗ ମଣ୍ଡପରେ ପ୍ରସ୍ତୁତ ଅନେକ ପିଠାପଣା ଛେନାରୁ ତିଆରି ହୋଇଥାଏ। ପୂର୍ବ ସମୟରେ ଶ୍ରୀଜୀଉ ରଥ ଉପରେ ବିରାଜମାନ କରିଥିବାବେଳେ ବଡ଼ଦାଣ୍ଡରେ ଥିବା ଜଗନ୍ନାଥବଲ୍ଲଭ ମଠ ଓ ମାଜଣା ଯାଗା ଠାରେ ସୂପକାରଙ୍କ ଦ୍ୱାରା ଯେଉଁ ସ୍ୱତନ୍ତ୍ର ଭୋଗ ପ୍ରସ୍ତୁତ ହୋଇଥାଏ ତାହା ହେଉଛି ଛେନା ମାଣ୍ଡୁଅ ଓ ଛେନା କେଳି। ଏହା ଶ୍ରୀଜୀଉଙ୍କୁ ରଥ ଉପରେ ବର୍ଷକରେ ଥରେ ଅର୍ପଣ କରିବାର ପରମ୍ପରା ଥିଲା। ବର୍ତ୍ତମାନ ତାହା ଆଉ ସମ୍ପାଦିତ ହେଉନାହିଁ। ମହାପ୍ରଭୁଙ୍କ ଷାଠିଏ ପଉଟି ଭୋଗ ଭିତରେ ଛେନାର ସ୍ଥାନ ଓ ଗୁରୁତ୍ୱ ସ୍ୱତନ୍ତ୍ରତା ବାସ୍ତବରେ ଅନନ୍ୟ।

କଟକ
ଦୂରଭାଷ : ୯୪୩୭୦୫୧୯୫୭

ମାସ ଭିତରେ ଶ୍ରେଷ୍ଠ କାର୍ତ୍ତିକ

ଡ଼ଃ.ପ୍ରସନ୍ନ କୁମାର ପାଇକରାୟ

ଓଡ଼ିଆ ମାନେ ବାର ମାସରେ ତେର ପର୍ବ ପାଳନ କରନ୍ତି। ବର୍ଷର ବାରମାସ ମଧ୍ୟରୁ ବୈଶାଖ, ଆଷାଢ଼ ,କାର୍ତ୍ତିକ ଓ ମାର୍ଗଶିର ହେଉଛି ଧର୍ମମାସ। ଏହି ଚାରି ମାସକୁ ସଂକ୍ଷେପରେ ଆ-କା-ମା-ବୈ ବୋଲି କୁହାଯାଏ। ଏହି ପବିତ୍ର ଚାରି ଧର୍ମ ମାସରେ 'କାର୍ତ୍ତିକ' ମାସର ସ୍ଥାନ ସର୍ବଶ୍ରେଷ୍ଠ। ପୁଣ୍ୟ ଅର୍ଜନର ମାସ ହେଉଛି କାର୍ତ୍ତିକ। ହିନ୍ଦୁ ଶାସ୍ତ୍ରରେ କାର୍ତ୍ତିକକୁ ଶ୍ରେଷ୍ଠ ଧର୍ମ ମାସ ବୋଲି କୁହାଯାଇଛି। ଏହି ମାସରେ ଅନେକ ପର୍ବପର୍ବାଣି ଯଥା ଗର୍ଭଣା ସଂକ୍ରାନ୍ତି, ରମା ଏକାଦଶୀ, ଧନତେରାସ, ଦୀପାବଳି ଓ ଶ୍ୟାମାକାଳୀ ପୂଜା,ଗୋବର୍ଦ୍ଧନ ପୂଜା, ନାଗଚତୁର୍ଥୀ, ଅଁଳା ନବମୀ, ଗରୁଡ଼ ଦ୍ୱାଦଶୀ, ବଡ଼ ଓଷା, ବୈକୁଣ୍ଠ ଚତୁର୍ଦ୍ଦଶୀ ଓ କାର୍ତ୍ତିକ ପୂର୍ଣ୍ଣିମା ପଡିଥାଏ।

ହିନ୍ଦୁ ପାଞ୍ଜିକାରେ ବାର ମାସ ମଧ୍ୟରୁ କାର୍ତ୍ତିକ ମାସକୁ ସର୍ବଶ୍ରେଷ୍ଠ ମାସ ବୋଲି ବିବେଚନା କରାଯାଏ। କୁମାର ପୂର୍ଣ୍ଣିମା ପରଦିନ ଠାରୁ କାର୍ତ୍ତିକ ମାସ ଆରମ୍ଭ ହୋଇଥାଏ। ଏହି ମାସରେ ବିଶେଷତଃ ରାଇ ଦାମୋଦର ପୂଜା ଓ ଉପାସନା କରାଯାଏ। କାର୍ତ୍ତିକ ଏକ ପବିତ୍ର ମାସ, ଏହି ମାସରେ ଓଡ଼ିଶାର ହିନ୍ଦୁ ନରନାରୀ ମାନେ କାର୍ତ୍ତିକ ମାହାତ୍ମ୍ୟକୁ ପାଠ କରିଥାନ୍ତି ଓ ଜଗନ୍ନାଥଙ୍କ ନିକଟରେ କାର୍ତ୍ତିକ ବ୍ରତ ପାଳନ କରିଥାନ୍ତି। କାର୍ତ୍ତିକ ମାସକୁ ଧର୍ମ ମାସ ,ହବିଷ ମାସ,ଆକାଶ ଦୀପ ମାସ ନାମରେ ନାମିତ କରାଯାଇଅଛି। କାର୍ତ୍ତିକ ମାସ ଭଗବାନ ବିଷ୍ଣୁଙ୍କ ଅତି ପ୍ରିୟ ମାସ। ପୌରାଣିକ ମତରେ ପରମ ପିତା ବ୍ରହ୍ମା ଦେବର୍ଷି ନାରଦଙ୍କୁ କାର୍ତ୍ତିକ ମାସ ବିଷୟରେ କହିଛନ୍ତି, ଦେବତା ମାନଙ୍କ ମଧ୍ୟରେ ଭଗବାନ ବିଷ୍ଣୁ ତୀର୍ଥ ବଦ୍ରିକା ଗ୍ରାମ ଏବଂ ମାସ ମାନଙ୍କ ମଧ୍ୟରେ କାର୍ତ୍ତିକ ମାସ ଶ୍ରେଷ୍ଠ ଅଟେ। 'ନା କାର୍ତ୍ତିକ ସମୋ ମାସୋ ନ କୃତେନ ସମ ଯୁଗମ୍// 'ନ ବେଦ ସଦୃଶ ଶାସ୍ତ୍ର ନ ତୀର୍ଥ ଗଙ୍ଗାୟ ସମମ୍'। ଅର୍ଥାତ କାର୍ତ୍ତିକ ମାସ ପରି ମାସ ନାହିଁ ,ସତ୍ୟ ଯୁଗ ପରି ଯୁଗ ନାହିଁ, ବେଦ ସଦୃଶ ଶାସ୍ତ୍ର ନାହିଁ ଏବଂ ଗଙ୍ଗାପରି ତୀର୍ଥ ନାହିଁ। କାର୍ତ୍ତିକ ମାସ ବ୍ରତ ମୁଖ୍ୟତଃ ବିଧବା ନାରୀ ମାନେ ପାଳନ କରୁଥିବା ସ୍ଥଳେ ଏବେ ସଧବା ନାରୀ ଓ ପୁରୁଷ ମାନେ ମଧ୍ୟ ପାଳନ କରୁଥିବାର ଲକ୍ଷ କରାଯାଏ। ଏହି ମାସରେ ବଡି ଭୋରରୁ ବିଭିନ୍ନ ଧର୍ମ ପୀଠ ମାନଙ୍କରେ ସଂକୀର୍ତ୍ତନ, ଘଣ୍ଟ ଓ ଶଙ୍ଖ ହୁଳହୁଳି ସହ ଭଜନ କୀର୍ତ୍ତନ କାର୍ତ୍ତିକ ପୁରାଣ ପଠନ, ଭାଗବତ ଗୀତା ପଠନ କରାଯାଇଥାଏ। କାର୍ତ୍ତିକ ବ୍ରତ ପାଳନ କରିଥିବା ସମସ୍ତ ନାରୀ ପୁରୁଷ ଏହି ଧର୍ମୀୟ ମାସକୁ ବେଶ ନିଷ୍ଠାର ସହିତ ପାଳନ କରିଥାନ୍ତି।



ପ୍ରତ୍ୟୁଷରୁ ସ୍ନାନ ସାରି ଦେବ ଦର୍ଶନ ପରେ ହବିଷ୍ୟାଳୀମାନେ ଏକାଠି ହୋଇ ଚଉଁରା ମୂଳେ ରାଇ ଦାମୋଦରଙ୍କୁ ପୂଜା କରିଥାନ୍ତି। କାର୍ତ୍ତିକ ବ୍ରତ ସମୟରେ ବ୍ରାହ୍ମ ମୁହୂର୍ତ୍ତରୁ ସ୍ନାନ ସାରି ସୂର୍ଯ୍ୟ ଦେବଙ୍କୁ ପୂଜା କରି ,ତୁଳସୀ ଚଉଁରା ମୂଳେ ପାଣି ଚଢ଼େଇଲେ ଅଶେଷ ପୁଣ୍ୟ ମିଳିଥାଏ। ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି କାର୍ତ୍ତିକ ମାସରେ ବ୍ରତ ପାଳନ କରି ଶୈବପୀଠ ଓ ବିଷ୍ଣୁଙ୍କୁ ଦର୍ଶନ କଲେ ସୁଖମୟ ଓ ନିରାମୟ ଜୀବନଯାପନ ସହ ମୋକ୍ଷ ପ୍ରାପ୍ତ ହୁଏ।

କାର୍ତ୍ତିକ ମାସର ପ୍ରତ୍ୟେକ ସୋମବାର ଦିନ ପ୍ରାୟ ଲୋକ ଉପବାସ ବ୍ରତ ପାଳନ କରିଥାନ୍ତି। ବ୍ରତ ପାଳନ କରୁଥିବା ଶ୍ରଦ୍ଧାଳୁ ମାନେ ମନ୍ଦିର ଯାଇ ବିଷ୍ଣୁ ସହସ୍ର ନାମ, ଶିବ ସହସ୍ର ନାମ ,ଶ୍ରିସ୍ତୋତ୍ର ଆଦି ଭକ୍ତିର ସହ ଜପ କରିଥାନ୍ତି। ଯୋଗ୍ୟ, ଭାଗ୍ୟବାନ ବ୍ୟକ୍ତି ନିଷ୍ଠାର ସହିତ ପୂଜା ଓ ଶସ୍ୟବୀଜ ଅନ୍ନ ଆଦି ଭକ୍ଷଣ ନକରି ଉପବାସ ରହିବା ହେଉଛି କାର୍ତ୍ତିକ ବ୍ରତ ପାଳିବାର ସର୍ବୋତ୍ତମ ଉପାୟ। ପୁରାଣ କଥାବସ୍ତୁ ଅନୁସାରେ ଭଗବାନ ବିଷ୍ଣୁ ଆଷାଢ଼ ଶୁକ୍ଳ ଏକାଦଶୀ ଠାରୁ ଆରମ୍ଭ କରି ଦୀର୍ଘ ଚାରି ମାସ କ୍ଷୀର ସାଗରରେ ଶୟନ କରିଥିବା ବେଳେ କାର୍ତ୍ତିକ ଶୁକ୍ଳ ଏକାଦଶୀ ଦିନ ଜାଗ୍ରତ ହୁଅନ୍ତି। କଥାରେ ଅଛି ବିଷ୍ଣୁ ଓ ଶିବ ଏହି ସମୟରେ ପୃଥିବୀ ପୃଷ୍ଠରେ ପରିକ୍ରମା କରିଥାନ୍ତି। ଏହି ମାସ ଚାରି ପୁରୁଷାର୍ଥ ଧର୍ମ, ଅର୍ଥ,କାମ,ମୋହ ପାଇଁ ପାଳନ କରାଯାଏ।

କାର୍ତ୍ତିକ ମାସର ମହତ୍ତ୍ୱକୁ ବିଷ୍ଣୁ ବ୍ରହ୍ମାଙ୍କୁ ବୁଝାଇଥିଲେ ଓ ବ୍ରହ୍ମା ନାରଦଙ୍କୁ ଏହି ମାସର ମହତ୍ତ୍ୱ ବୁଝାଇଥିଲେ ଏବଂ ନାରଦ ଏହାକୁ ରାଜା ପୃଥୁଙ୍କୁ ବୁଝାଇଥିଲେ। ଏହି ମାସରେ ଦୀପାବଳୀରେ ଦୀପଦାନ,କାର୍ତ୍ତିକ ପୂର୍ଣ୍ଣିମାରେ ବୋଇତ ବନ୍ଦାଣ, ରାଧା ଦାମୋଦର ପୂଜା, ବାଲୁଙ୍କା ପୂଜା ଇତ୍ୟାଦି ପୂଜା କରାଯାଏ। କାର୍ତ୍ତିକ ଶୁକ୍ଳ ଏକାଦଶୀ ଅର୍ଥାତ ଦେବୋତ୍ଥାନ ଏକାଦଶୀ, ପ୍ରବୋଧିନୀ ଏକାଦଶୀ, ବଡ଼ ଏକାଦଶୀ ଠାରୁ ଆରମ୍ଭ କରି ପୂର୍ଣ୍ଣିମା ସମେତ ପାଞ୍ଚ ଦିନ ହେଉଛି ମହାପଞ୍ଚକ। ଏହି ପଞ୍ଚକରେ ଭୀଷ୍ମଙ୍କୁ ସ୍ମରଣ କରି ବିଷ୍ଣୁଙ୍କ ଉପାସନା କରାଯାଇଥାଏ। ଭୀଷ୍ମ ବାସୁଦେବଙ୍କ ଠାରୁ ପଞ୍ଚକ ବ୍ରତ ପ୍ରାପ୍ତ ହୋଇଥିବାରୁ ଭୀଷ୍ମପଞ୍ଚକ ନାମରେ ଜଣା। ଯେଉଁମାନେ କାର୍ତ୍ତିକ ମାସ ସାରା ହବିଷ୍ୟ ବ୍ରତ କରିପାରନ୍ତି ନାହିଁ ସେମାନେ ଏହି ପଞ୍ଚକ ପାଞ୍ଚ ଦିନ ହବିଷ୍ୟ ପାଳନ କରନ୍ତି।

ଏହି ପାଞ୍ଚ ଦିନ ସକାଳ ଓ ସନ୍ଧ୍ୟାରେ ଦିନକୁ ଦୁଇଥର ବୃନ୍ଦାବତୀଙ୍କ ପାଖରେ ଧୂପଦୀପ ଓ ପୁଷ୍ପ ସମର୍ପଣ ବ୍ରତଧାରୀ କରିଥାନ୍ତି। କାର୍ତ୍ତିକ ମାସର ପଞ୍ଚୁକ ମଧ୍ୟରେ ପଡୁଥିବା ଶୁକ୍ଳ ଦ୍ୱାଦଶୀ ତିଥିରେ ରତ୍ନ ସିଂହାସନରେ ଅଧିଷ୍ଠିତ ଠାକୁରଙ୍କ ପଞ୍ଚକ ପାଞ୍ଚ ଦିନରେ ଯଥା ଏକାଦଶୀରେ ଲକ୍ଷ୍ମୀ ନାରାୟଣ ବେଶ,ଦ୍ୱାଦଶୀରେ ବାଙ୍କଚୁଡା ବେଶ, ତ୍ରୟୋଦଶୀରେ ତ୍ରିବିକ୍ରମ ବେଶ, ଚତୁର୍ଦ୍ଦଶିରେ ଲକ୍ଷ୍ମୀ ନୃସିଂହ ବେଶ ଏବଂ କାର୍ତ୍ତିକ ପୂର୍ଣ୍ଣିମା ଦିନ ରାଜ ରାଜେଶ୍ୱର ବେଶ ଅନୁଷ୍ଠିତ ହୋଇଥାଏ। ଯେତେବେଳେ ଅକ୍ରୁର ମହାରାଜା କଂସଙ୍କ ନିର୍ଦ୍ଦେଶରେ ଭଗବାନ ଶ୍ରୀକୃଷ୍ଣ ଏବଂ ବଳରାମଙ୍କୁ ଆଣିବା ପାଇଁ ଗୋପପୁରକୁ ଯାଇଥିଲେ ଭଗବାନ କୃଷ୍ଣ ବଳରାମ ଅକ୍ରୁରକୁ ବାଙ୍କଚୁଡା ବେଶରେ ଦର୍ଶନ ଦେଇଥିଲେ। ସେହି ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ପୁରୀ ଶ୍ରୀମନ୍ଦିରରେ ବହୁ ପୁରାତନ କାଳରୁ ବାଙ୍କଚୁଡା ବେଶ ପାଳିତ ହୋଇଆସୁଛି। ପୁରାଣରେ ବର୍ଣ୍ଣିତ ହୋଇଛି ତ୍ରିପୁରାସୁରକୁ ବଧ କରିବା ପାଇଁ ମହାଦେବ ଶିବଙ୍କୁ ତ୍ରିପୁରାରୀ ରୂପ ଗ୍ରହଣ କରିବାକୁ ପଡିଥିଲା।

ତ୍ରିପୁରାସୁରଙ୍କ ବଧରେ ଦେବତା ମାନେ ଅତ୍ୟନ୍ତ ଆନନ୍ଦିତ ହୋଇ ଏହି ଦିନଟିକୁ ଦୀପାବଳି ରୂପେ ପାଳନ କରିଥିଲେ। ଶିଖ ମାନଙ୍କ ପାଇଁ କାର୍ତ୍ତିକ ପୂର୍ଣ୍ଣିମା ଅତ୍ୟନ୍ତ ପବିତ୍ର ଦିନ କାରଣ ତାହା ଧର୍ମଗୁରୁ ନାନକଙ୍କର ଜନ୍ମଦିନ। କାର୍ତ୍ତିକ ମାସର ଶେଷ ପାଞ୍ଚ ଦିନକୁ ପଞ୍ଚକ କୁହାଯାଏ ଓ ଶେଷ ଦିନଟି କାର୍ତ୍ତିକ ପୂର୍ଣ୍ଣିମା ରୂପେ ପାଳନ କରାଯାଏ। କାର୍ତ୍ତିକ ପୂର୍ଣ୍ଣିମା ପ୍ରତ୍ୟୁଷରୁ କଳିଙ୍ଗର ସାଧବ ରାଜପୁତ୍ର ମାନେ ପାଲଟଣା ବୋଇତ ମାଧ୍ୟମରେ ସ୍ୱଦେଶୀ ସାମଗ୍ରୀ ନେଇ ଜାଭା,ସୁମିତ୍ରା, ବାଲିଦୀପ ,ସିଂହଳ ପରି ସ୍ଥାନକୁ ବାଣିଜ୍ୟ କରିବାକୁ ଯାତ୍ରା କରୁଥିଲେ, ବିକ୍ରି କରି ଆଷାଢ଼ ମାସରେ ଅଜସ୍ର ଧନସଂପଦ ଧରି ସ୍ୱଦେଶ ଫେରୁଥିଲେ। କାର୍ତ୍ତିକ ପୂର୍ଣ୍ଣିମା ପତ୍ୟୁଷରୁ ଡ଼ଙ୍ଗା ଭସା ପର୍ବ ଏହା ସୂଚାଇ ଦିଏ । ଏହି ଉପଲକ୍ଷେ କଟକ ମହାନଦୀରେ ବୋଇତ ବନ୍ଦାଣ ଉତ୍ସବ ସହିତ ବାଲିଯାତ୍ରା ମହୋତ୍ସବ ଦୀର୍ଘ ଦିନ ଧରି ପାଳିତ ହୋଇଆସୁଛି। ତେଣୁ କାର୍ତ୍ତିକ ମାସର ମହତ୍ତ୍ୱ ଅନ୍ୟ ମାସ ତୁଳନାରେ ଶ୍ରେଷ୍ଠ ।

ମୋ- ୭୦୦୮୯୩୬୩୭୩

ବିଧାନସଭାର ଶୀତକାଳୀନ ଅଧିବେଶନରେ ଉଠିବ ବିକାଶର ପ୍ରଶ୍ନ !

ସୌଭାଗ୍ୟ ରଞ୍ଜନ ମହାନ୍ତି

ଓଡ଼ିଶାର ଗଣତାନ୍ତ୍ରିକ ଇତିହାସରେ ବିଧାନସଭା କେବଳ ଆଇନ ପ୍ରଣୟନର ଏକ ପ୍ରତିଷ୍ଠାନ ନୁହେଁ, ଏହା ରାଜ୍ୟର ସାଢ଼େ ଚାରି କୋଟି ଲୋକଙ୍କ ଆଶା, ଆକାଂକ୍ଷା, ଅଭିଯୋଗ ଓ ଭବିଷ୍ୟତର ଦିଗ ନିର୍ଦ୍ଧାରଣ କରୁଥିବା ସର୍ବୋଚ୍ଚ ଗଣତାନ୍ତ୍ରିକ ମଞ୍ଚ। ଆଗାମୀ ଶୀତକାଳୀନ ଅଧିବେଶନ ଏହି ଦୃଷ୍ଟିରୁ ବିଶେଷ ଗୁରୁତ୍ୱ ବହନ କରୁଛି। ରାଜ୍ୟରେ ନୂତନ ସରକାରଙ୍କ ଶାସନକାଳରେ ଆରମ୍ଭ ହୋଇଥିବା ବିଭିନ୍ନ ଜନକଲ୍ୟାଣକାରୀ ପଦକ୍ଷେପ, ବିକାଶମୂଳକ ଯୋଜନା, ନିଯୁକ୍ତି ସୃଷ୍ଟି, କୃଷିର ଉନ୍ନତି, ମହିଳା ସଶକ୍ତୀକରଣ, ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପାୟନ, ଗ୍ରାମୀଣ ଭିତ୍ତିଭୂମି ଓ ବିପର୍ଯ୍ୟୟ ପରିଚାଳନା ଭଳି ଅନେକ ପ୍ରସଙ୍ଗ ଏହି ଅଧିବେଶନରେ ଆଲୋଚନାର କେନ୍ଦ୍ରବିନ୍ଦୁ ହେବା ସ୍ୱାଭାବିକ। ଗଣତନ୍ତ୍ରର ସୌନ୍ଦର୍ଯ୍ୟ ହେଉଛି, ଏଠାରେ ସରକାରଙ୍କ କାର୍ଯ୍ୟର ପ୍ରଶଂସା ସହିତ ତ୍ରୁଟିବିଚ୍ୟୁତି ଉପରେ ପ୍ରଶ୍ନ ଉଠିବାର ମଧ୍ୟ ସମାନ ଅଧିକାର ରହିଛି। ତେଣୁ ଶୀତକାଳୀନ ଅଧିବେଶନର ମୂଳ ଲକ୍ଷ୍ୟ ହେଉ ରାଜନୈତିକ ବାକ୍‌ଯୁଦ୍ଧ ନୁହେଁ, ବରଂ ଲୋକଙ୍କ ସମସ୍ୟାର ସମାଧାନ ଓ ରାଜ୍ୟର ସାମଗ୍ରିକ ଉନ୍ନତି ପାଇଁ ଗଠନମୂଳକ ଆଲୋଚନା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସରକାର ଯେଉଁ ବିକାଶର ସଂକଳ୍ପ ନେଇ ଆଗକୁ ବଢୁଛନ୍ତି, ତାହାର ବାସ୍ତବ ପ୍ରଗତି ଓ ଆଗାମୀ କାର୍ଯ୍ୟଯୋଜନା ଉପରେ ବିଧାନସଭାରେ ସ୍ୱଷ୍ଟ ଚିତ୍ର ରଖାଯିବା ଆବଶ୍ୟକ। ନିଯୁକ୍ତି ପ୍ରସଙ୍ଗ ଏହି ଅଧିବେଶନର ଏକ ପ୍ରମୁଖ ଆଲୋଚନା ହେବା ଉଚିତ। ରାଜ୍ୟର ଯୁବକଯୁବତୀଙ୍କ ମନରେ ସରକାରୀ ଚାକିରି, ଘରୋଇ ଶିଳ୍ପରେ କାର୍ଯ୍ୟସୁଯୋଗ ଓ ଆତ୍ମନିଯୁକ୍ତିକୁ ନେଇ ଅନେକ ଆଶା ରହିଛି।

ଖାଲି ପଦବି ପୂରଣ, ନିଯୁକ୍ତି ପରୀକ୍ଷାର ସ୍ୱଚ୍ଛତା, ନିର୍ଦ୍ଧାରିତ ସମୟରେ ଫଳ ପ୍ରକାଶ ଓ ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ରୋକିବା ଉପରେ ସରକାରଙ୍କ ସ୍ୱଷ୍ଟ ଉତ୍ତର ଆଶା କରାଯାଉଛି। ଶିଳ୍ପାୟନ ମାଧ୍ୟମରେ ରାଜ୍ୟକୁ ଆସୁଥିବା ପୁଞ୍ଜିନିବେଶ କେତେ ଦୂର ବାସ୍ତବ ନିଯୁକ୍ତିରେ ପରିଣତ ହେଉଛି, କେଉଁ ଜିଲ୍ଲାରେ କେତେ ନୂଆ କାରଖାନା ଗଢ଼ି ଉଠୁଛି ଏବଂ ସ୍ଥାନୀୟ ଯୁବକଯୁବତୀଙ୍କୁ କେତେ ସୁଯୋଗ ମିଳୁଛି, ତାହାର ହିସାବ ଜନସାଧାରଣ ଜାଣିବା ଦରକାର। କେବଳ ପୁଞ୍ଜିନିବେଶ ପ୍ରସ୍ତାବର ଘୋଷଣା ନୁହେଁ, ପ୍ରକଳ୍ପର ଭୂମିପୂଜନ, ନିର୍ମାଣ, ଉତ୍ପାଦନ ଆରମ୍ଭ ଓ ନିଯୁକ୍ତି ସୃଷ୍ଟି ପର୍ଯ୍ୟନ୍ତ ପ୍ରତ୍ୟେକ ପର୍ଯ୍ୟାୟର ତଥ୍ୟ ରାଜ୍ୟବାସୀଙ୍କ ସମ୍ମୁଖରେ ରଖାଯିବା ଉଚିତ। କୃଷି ଓ କୃଷକଙ୍କ ସ୍ୱାର୍ଥ ମଧ୍ୟ ଏହି ଅଧିବେଶନର ଅନ୍ୟତମ ପ୍ରମୁଖ ପ୍ରସଙ୍ଗ ହେବା ଦରକାର। ଓଡ଼ିଶାର ଅର୍ଥନୀତିର ମୂଳ ଆଧାର ହେଉଛି କୃଷି। ଚାଷୀଙ୍କୁ ଉପଯୁକ୍ତ ମୂଲ୍ୟ, ସାର ଓ ବିହନର ସୁଲଭ ଯୋଗାଣ, ଜଳସେଚନର ବିସ୍ତାର, ଫସଲ ବୀମାର ସୁବିଧା ଏବଂ ମଣ୍ଡି ବ୍ୟବସ୍ଥାରେ ସ୍ୱଚ୍ଛତା ନିଶ୍ଚିତ କରିବା ସରକାରଙ୍କ ପ୍ରାଥମିକ ଦାୟିତ୍ୱ। ଧାନ କିଣା ସମୟରେ ଚାଷୀଙ୍କୁ ଯେପରି ଅଯଥା ଅପେକ୍ଷା କରିବାକୁ ନପଡ଼େ, ତାଙ୍କ ଉତ୍ପାଦିତ ଶସ୍ୟର ନ୍ୟାୟସଙ୍ଗତ ମୂଲ୍ୟ ମିଳେ ଏବଂ ଦଲାଲଙ୍କ ଶୋଷଣରୁ ସେମାନେ ସୁରକ୍ଷିତ ରହନ୍ତି, ସେଥିପାଇଁ ଦୃଢ଼ ପଦକ୍ଷେପ ଆବଶ୍ୟକ।

ମହିଳାଙ୍କ ଆର୍ଥିକ ସ୍ୱାଧୀନତା ଓ ସାମାଜିକ ସୁରକ୍ଷା ନେଇ ଚାଲିଥିବା ଯୋଜନାଗୁଡ଼ିକର ପ୍ରଭାବ ମଧ୍ୟ ଆଲୋଚନା ହେବା ଉଚିତ। ସୁଭଦ୍ରା ଯୋଜନା ଭଳି ପଦକ୍ଷେପ ମହିଳାଙ୍କୁ ଆର୍ଥିକ ସହାୟତା ଦେବା ସହିତ ନିଜ ଜୀବନର ନିଷ୍ପତ୍ତି ନେବାରେ ସାହାଯ୍ୟ କରିବାର ଉଦ୍ଦେଶ୍ୟ ରଖିଛି। କିନ୍ତୁ ଯୋଜନାର ଲାଭ ଯୋଗ୍ୟ ମହିଳାଙ୍କ ପାଖରେ ସମୟୋଚିତ ଭାବେ ପହଞ୍ଚୁଛି କି ନାହିଁ, ଆବେଦନ ଓ ପଞ୍ଜୀକରଣରେ କୌଣସି ଅସୁବିଧା ରହିଛି କି ନାହିଁ, ଏବଂ ଏହି ସହାୟତାକୁ ଆୟବୃଦ୍ଧିର ମାଧ୍ୟମ କରିବା ପାଇଁ କେଉଁ ପଦକ୍ଷେପ ନିଆଯାଉଛି, ତାହାର ସମୀକ୍ଷା ଆବଶ୍ୟକ। ଶିକ୍ଷା କ୍ଷେତ୍ରରେ ବିଦ୍ୟାଳୟର ଭିତ୍ତିଭୂମି, ଶିକ୍ଷକ ନିଯୁକ୍ତି, ଉଚ୍ଚଶିକ୍ଷାର ଗୁଣବତ୍ତା, ବୈଷୟିକ ଶିକ୍ଷା ଓ ଗବେଷଣାକୁ ଗୁରୁତ୍ୱ ଦେବା ଦରକାର। ଗାଁର ଗରିବ ପରିବାରର ଜଣେ ଛାତ୍ର ଯେପରି ଅର୍ଥାଭାବରୁ ଶିକ୍ଷାରୁ ବଞ୍ଚିତ ନହୁଏ, ସେଥିପାଇଁ ସରକାରୀ ସହାୟତା ଓ ଛାତ୍ରବୃତ୍ତି ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଆବଶ୍ୟକ। ସ୍ୱାସ୍ଥ୍ୟ କ୍ଷେତ୍ରରେ ଡାକ୍ତର, ନର୍ସ, ଔଷଧ, ଶଯ୍ୟା ଓ ଜରୁରୀ ଚିକିତ୍ସା ସୁବିଧାର ଅଭାବ ଦୂର କରିବା ଉପରେ ବିଧାୟକମାନେ ଗୁରୁତ୍ୱ ଦେବା ଉଚିତ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରୁ ଆରମ୍ଭ କରି ଦୁର୍ଗମ ଅଞ୍ଚଳର ଉପସ୍ୱାସ୍ଥ୍ୟ କେନ୍ଦ୍ର ପର୍ଯ୍ୟନ୍ତ ସମାନ ଭାବେ ଚିକିତ୍ସା ସୁବିଧା ପହଞ୍ଚିବା ଦରକାର। ରାସ୍ତା, ସେତୁ, ପାନୀୟ ଜଳ, ବିଦ୍ୟୁତ୍ ଓ ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି ମଧ୍ୟ ବିକାଶର ମାପକାଠି।



ରାଜଧାନୀର ଚକଚକିଆ ରାସ୍ତା ମାତ୍ରରେ ଓଡ଼ିଶାର ବିକାଶ ସମ୍ପୂର୍ଣ୍ଣ ହୁଏ ନାହିଁ; ଦୁର୍ଗମ ଗାଁର ଜଣେ ରୋଗୀ ଯେତେବେଳେ ସମୟରେ ଡାକ୍ତରଖାନାରେ ପହଞ୍ଚି ପାରିବେ, ଚାଷୀ ଯେତେବେଳେ ନିଜ ଉତ୍ପାଦ ବଜାରକୁ ନେଇପାରିବେ ଏବଂ ଛାତ୍ରଛାତ୍ରୀ ଯେତେବେଳେ ନିରାପଦରେ ବିଦ୍ୟାଳୟକୁ ଯାଇପାରିବେ, ସେତେବେଳେ ହିଁ ବିକାଶର ପ୍ରକୃତ ଅର୍ଥ ପୂରଣ ହେବ।

ସାମ୍ପ୍ରତିକ ବାତ୍ୟା ଓ ବନ୍ୟାର ଅନୁଭୂତି ରାଜ୍ୟକୁ ପୁଣିଥରେ ସ୍ମରଣ କରାଇଛି ଯେ ବିପର୍ଯ୍ୟୟ ପରିଚାଳନାରେ ସତର୍କତା, ତ୍ୱରିତ ଉଦ୍ଧାର ଓ ସମୟୋଚିତ ସହାୟତା କେତେ ଜରୁରୀ। ପ୍ରଭାବିତ ଲୋକଙ୍କୁ ଖାଦ୍ୟ, ପାନୀୟ ଜଳ, ଔଷଧ, ଆଶ୍ରୟ ଓ କ୍ଷତିପୂରଣ ଯଥାଶୀଘ୍ର ମିଳିବା ଦରକାର। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ପ୍ରଶାସନ ତତ୍ପର ହୋଇ କାମ କରିବା ସହିତ ଦୁର୍ବଳ ଭିତ୍ତିଭୂମି, ନଦୀବନ୍ଧ, ଜଳନିଷ୍କାସନ ଓ ଆଶ୍ରୟସ୍ଥଳୀର ଅଭାବ ଭଳି ଦୀର୍ଘକାଳୀନ ସମସ୍ୟାର ସମାଧାନ ମଧ୍ୟ କରିବା ଆବଶ୍ୟକ। ବିପର୍ଯ୍ୟୟ ପରେ ସହାୟତା ଦେବା ଯେତିକି ଜରୁରୀ, ବିପର୍ଯ୍ୟୟ ପୂର୍ବରୁ କ୍ଷତି କମାଇବାର ପ୍ରସ୍ତୁତି ମଧ୍ୟ ସେତିକି ଜରୁରୀ। ଖଣିଜ ସମ୍ପଦ, ପର୍ଯ୍ୟଟନ, ଜଳସମ୍ପଦ ଓ ଶିଳ୍ପ କ୍ଷେତ୍ରରେ ଓଡ଼ିଶାର ଅପାର ସମ୍ଭାବନା ରହିଛି। ଏହି ସମ୍ଭାବନାକୁ ରାଜ୍ୟର ଆୟ, ନିଯୁକ୍ତି ଓ ଲୋକଙ୍କ ଜୀବନମାନ ବୃଦ୍ଧିରେ ପରିଣତ କରିବା ସରକାରଙ୍କ ଆଗରେ ବଡ଼ ଆହ୍ୱାନ। ଶିଳ୍ପ ପ୍ରତିଷ୍ଠା ସହିତ ପରିବେଶ ସୁରକ୍ଷା, ଆଦିବାସୀଙ୍କ ଅଧିକାର ଓ ସ୍ଥାନୀୟ ଲୋକଙ୍କ ଜୀବିକାକୁ ସମାନ ଗୁରୁତ୍ୱ ଦେବାକୁ ହେବ। କୋଟିଆ ଭଳି ସୀମାନ୍ତ ଅଞ୍ଚଳରେ ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବିକାର ସୁବିଧା ବଢ଼ାଇବା ସହିତ ରାଜ୍ୟର ସାମ୍ବିଧାନିକ ଓ ପ୍ରଶାସନିକ ସ୍ୱାର୍ଥର ସୁରକ୍ଷା ନିଶ୍ଚିତ କରିବା ଦରକାର। ମହାନଦୀ ଜଳ ବିବାଦ ଭଳି ଦୀର୍ଘଦିନର ପ୍ରସଙ୍ଗରେ ଓଡ଼ିଶାର ହିତକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଆଲୋଚନା, ଆଇନଗତ ପଦକ୍ଷେପ ଓ ଜଳ ପରିଚାଳନାର ଦୀର୍ଘକାଳୀନ ଯୋଜନା ଆବଶ୍ୟକ। ଏହି ସମସ୍ତ ପ୍ରସଙ୍ଗରେ ଶାସକ ଦଳର ବିଧାୟକମାନେ ସରକାରଙ୍କ ଉପଲବ୍ଧି ଓ ଯୋଜନାର ସଫଳତା ଉପସ୍ଥାପନ କରିବା ସହିତ ଲୋକଙ୍କ ସମସ୍ୟାକୁ ମଧ୍ୟ ନିର୍ଭୀକ ଭାବେ ଉଠାଇବା ଉଚିତ। ବିରୋଧୀ ଦଳର ଦାୟିତ୍ୱ ହେଉଛି ତଥ୍ୟଭିତ୍ତିକ ପ୍ରଶ୍ନ ଉଠାଇବା, ବିକଳ୍ପ ପ୍ରସ୍ତାବ ଦେବା ଓ ଜନସ୍ୱାର୍ଥର ପ୍ରସଙ୍ଗକୁ ଗୁରୁତ୍ୱ ଦେବା। କେବଳ ହଟ୍ଟଗୋଳ, ଅଭିଯୋଗ ଓ ରାଜନୈତିକ ଆକ୍ଷେପରେ ଅମୂଲ୍ୟ ବିଧାନସଭା ସମୟ ନଷ୍ଟ ହେଲେ କ୍ଷତି ହେବ ରାଜ୍ୟର। ସେହିପରି ସରକାର ମଧ୍ୟ ସମାଲୋଚନାକୁ ଗଣତନ୍ତ୍ରର ସ୍ୱାଭାବିକ ଅଂଶ ଭାବେ ଗ୍ରହଣ କରି ପ୍ରତ୍ୟେକ ପ୍ରଶ୍ନର ତଥ୍ୟପୂର୍ଣ୍ଣ ଉତ୍ତର ଦେବା ଉଚିତ। ଯେଉଁଠାରେ ସଫଳତା ରହିଛି, ତାହାକୁ ସ୍ୱଷ୍ଟ ଭାବେ ଉପସ୍ଥାପନ କରାଯାଉ; ଯେଉଁଠାରେ ଅଭାବ ରହିଛି, ତାହାର ସମାଧାନ ପାଇଁ ସମୟସୀମା ସହିତ ଯୋଜନା ରଖାଯାଉ।

ମୋହନ ଚରଣ ମାଝୀଙ୍କ ସରକାରଙ୍କ ପାଇଁ ଏହି ଅଧିବେଶନ ନିଜ କାର୍ଯ୍ୟର ହିସାବ ଦେବା ସହିତ ଆଗାମୀ ଦିନର ବିକାଶ ରୂପରେଖାକୁ ଅଧିକ ସ୍ୱଷ୍ଟ କରିବାର ଏକ ସୁଯୋଗ। ଲୋକଙ୍କ ଆଶାକୁ ସମ୍ମାନ ଦେଇ, ଯୋଜନାର ସୁଫଳକୁ ଶେଷ ଲୋକ ପର୍ଯ୍ୟନ୍ତ ପହଞ୍ଚାଇ ଏବଂ ପ୍ରଶାସନକୁ ଅଧିକ ଉତ୍ତରଦାୟୀ କରି ସରକାର ନିଜ ବିକାଶ ସଂକଳ୍ପକୁ ଦୃଢ଼ କରିପାରିବେ। ଶୀତକାଳୀନ ଅଧିବେଶନରେ ତେଣୁ ଆଲୋଚନାର କେନ୍ଦ୍ରରେ ରହୁ ଚାଷୀଙ୍କ ହସ, ଯୁବକଙ୍କ ନିଯୁକ୍ତି, ମହିଳାଙ୍କ ସ୍ୱାବଲମ୍ବନ, ଶିଶୁଙ୍କ ଶିକ୍ଷା, ରୋଗୀଙ୍କ ଚିକିତ୍ସା, ଗାଁର ଭିତ୍ତିଭୂମି ଓ ଓଡ଼ିଶାର ସମୃଦ୍ଧ ଭବିଷ୍ୟତ।

କାରଣ ବିଧାନସଭାରେ ଉଠୁଥିବା ପ୍ରତ୍ୟେକ ପ୍ରଶ୍ନର ଶେଷ ଲକ୍ଷ୍ୟ ହେବା ଦରକାର ଜନସାଧାରଣଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ। ରାଜନୀତିର ଊର୍ଦ୍ଧ୍ୱରେ ରହି ଓଡ଼ିଶାର ହିତକୁ ପ୍ରାଥମିକତା ଦେବା ହିଁ ଏହି ଅଧିବେଶନର ପ୍ରକୃତ ସଫଳତା ହେବ। ସୌଭାଗ୍ୟ ରଞ୍ଜନ ମହାନ୍ତି

ଭୁବନେଶ୍ୱର
ଫୋନ୍: ୯୪୩୭୯୯୪୩୭୯

ପ୍ରଣାମ ଓଡ଼ିଶା
ମଙ୍ଗଳବାର, ନଭେମ୍ବର-୦୩, ୨୦୨୬
ନିର୍ଭୟ ସୂଚନା

ବିଜେପିର 'ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ' ଶୋଭାଯାତ୍ରା

ସାମିଲ ହେଲେ ସୁଧାଂଶୁ ତ୍ରିବେଦୀ, ମନମୋହନ ଓ ପ୍ରଭାତୀ



କଟକ (ନି. ସୂ) ୨।୧୧: ଭାରତୀୟ ଜନତା ପାର୍ଟି (ବିଜେପି) ପକ୍ଷରୁ 'ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ' ଆହ୍ୱାନରେ ଆଜି କଟକ ସହରରେ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରେଭେନ୍ସା କଲେଜ ସମ୍ମୁଖସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ନିକଟରୁ ଏହି ଶୋଭାଯାତ୍ରା ବାହାରି ଦୋଳମୁଣ୍ଡାଇ ଛକ ପର୍ଯ୍ୟନ୍ତ ଯାଇଥିଲା।

ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ: ବିଜେପି ରାଷ୍ଟ୍ରୀୟ ପ୍ରବକ୍ତା ତଥା ରାଜ୍ୟସଭା ସାଂସଦ ଡାକ୍ତର ସୁଧାଂଶୁ ତ୍ରିବେଦୀ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ୧୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଓ କାର୍ଯ୍ୟକର୍ତ୍ତା: ଶୋଭାଯାତ୍ରାରେ ବିଶାଳ ଜନସମାଗମ ଦେଖିବାକୁ ମିଳିଥିଲା। ଜନମତ ଗୁରୁତ୍ୱପୂର୍ଣ୍ଣ: ରାଜନୀତିରେ ଲୋକଙ୍କୁ ଭ୍ରମିତ କରିବାର ଉଦ୍ୟମକୁ ଜନସାଧାରଣ କେବେ ଗ୍ରହଣ କରିବେ ନାହିଁ ବୋଲି ଡ. ତ୍ରିବେଦୀ ନିଜ ଅଭିଭାଷଣରେ ସ୍ପଷ୍ଟ କରିଛନ୍ତି।ବରିଷ୍ଠ ନେତୃବୃନ୍ଦଙ୍କ ଉପସ୍ଥିତି ଏହି କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ ସଭାପତି ତଥା ସାଂସଦ ମନମୋହନ ସାମଲ ଏବଂ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶେଷ ପର୍ଯ୍ୟନ୍ତ କାର୍ଯ୍ୟକର୍ତ୍ତାଙ୍କ ସହ ସାମିଲ ହୋଇଥିଲେ। ଭର୍ତ୍ତୃହରି ମହତାବ, ବିରଞ୍ଚି ନାରାୟଣ ତ୍ରିପାଠୀ, କାଳନ୍ଦୀ ସାମଲ, ସ୍ମୃତି ପଟ୍ଟନାୟକ, ସୁଦୀପ୍ତ ରାୟ, ତେଜେଶ୍ୱର ପରିଡ଼ା ସୁକାନ୍ତ ବିଶ୍ୱାଳ, ରାମନାରାୟଣ ମହାନ୍ତି, ଇଂ. ଜ୍ଞାନଦେବ ବେଉରା, ବିଜୟ ଦଳବେହେରା, ପ୍ରକାଶ ଚନ୍ଦ୍ର ସେଠୀ ଛବି ମଲ୍ଲିକ, ନୟନ କିଶୋର ମହାନ୍ତି, ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, ଶୁଭ୍ରାଂଶୁ ମୋହନ ପାଢ଼ୀ ଲଲାଟେନ୍ଦୁ ବଡୁ, ବିନୋଦ ଦାଶ, ରଶ୍ମିରେଖା ଦାଶ, ଶ୍ରୀତମ ଦାଶ ଓ ଡାକ୍ତର ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ସମେତ ଅନେକ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

୧୮୦ଟି ଅଭିଯୋଗ ପଞ୍ଜିକୃତ, ୪୮ଟିର ତୁରନ୍ତ ସମାଧାନ

କେନ୍ଦୁଝର, ୦୨।୧୧ (ନି.ସୂ): କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ୍ ?ଠାରେ ସୋମବାର ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଶାଳ ସିଂହଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି ଶିବିରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଜନସାଧାରଣ ନିଜ ନିଜର ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ସମ୍ପର୍କରେ ଅଭିଯୋଗ ଉପସ୍ଥାପନ କରିଥିଲେ। ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ଶୁଣାଣି କରିବା ସହ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଥିଲେ।

ଆଜିର ଏହି ଶିବିରରେ ମୋଟ ୧୮୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ ସେଥିମଧ୍ୟରୁ ୧୪୨ଟି ବ୍ୟକ୍ତିଗତ ଏବଂ ୩୮ଟି ସାମୂହିକ ଅଭିଯୋଗ ରହିଥିଲା। ଏଥିସହ ରେଡକ୍ରସ ପାଣ୍ଠିରୁ ସହାୟତା ପାଇବା ନିମନ୍ତେ ୬ଟି ଆବେଦନ ମଧ୍ୟ ଗ୍ରହଣ କରାଯାଇଥିଲା। ପଞ୍ଜିକୃତ ଅଭିଯୋଗଗୁଡ଼ିକ ମଧ୍ୟରୁ ୪୮ଟିର ତୁରନ୍ତ ସମାଧାନ କରାଯାଇଥିବାବେଳେ ଅବଶିଷ୍ଟ ଅଭିଯୋଗଗୁଡ଼ିକର ଆଶୁ



ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ପାଇଁ କୁହାଯାଇଥିଲା। ଏହି ଶିବିରରେ ଜିଲ୍ଲା ବନଖଣ୍ଡ ଅଧିକାରୀ ଶ୍ରୀ ଧନରାଜ ହନୁମନ୍ତ ଧାମଧେରେ, ଆରକ୍ଷୀ ଅଧୀକ୍ଷକ ଶ୍ରୀ ନୀତିନ କୁଶଳକର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ମନ୍ଦରଧର ମହାଳିକ,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ କୁମାର ନାଗଭୂଷଣ, ସିଡିଏମ୍ ?ଓ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧନେଶ୍ୱର ସେଠୀଙ୍କ ସମେତ ବିଭିନ୍ନ ବିଭାଗର ମୁଖ୍ୟ ଓ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ।

ଜନସାଧାରଣଙ୍କ ଅଭିଯୋଗର ତ୍ୱରିତ ସମାଧାନ ଓ ସରକାରୀ ସେବାକୁ ଅଧିକ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗାମୀ ଦିନରେ ବିଭିନ୍ନ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜନ ଅଭିଯୋଗ ଶୁଣାଣି ଶିବିର ଆୟୋଜନ କରାଯିବ। ଏହି କ୍ରମରେ ନିମ୍ନଲିଖିତ ତାରିଖରେ ଶିବିର ଅନୁଷ୍ଠିତ ହେବ।

- ୯ ନଭେମ୍ବର ୨୦୨୬ (ସୋମବାର): ପଞ୍ଚାୟତ ସମିତି କାର୍ଯ୍ୟାଳୟ, ହାଟଡିହି।
- ୧୬ ନଭେମ୍ବର ୨୦୨୬ (ସୋମବାର): ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବାଂଶପାଳ।
- ୨୩ ନଭେମ୍ବର ୨୦୨୬ (ସୋମବାର): ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଚମ୍ପୁଆ।
- ୩୦ ନଭେମ୍ବର ୨୦୨୬ (ସୋମବାର): ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଘଟଗାଁ।

ଜନସାଧାରଣ ନିଜ ନିଜ ଅଞ୍ଚଳରେ ଆୟୋଜିତ ହେବାକୁ ଥିବା ଏହି ଶିବିରଗୁଡ଼ିକରେ ଯୋଗଦେଇ ନିଜର ସମସ୍ୟା ଓ ଅଭିଯୋଗ ଉପସ୍ଥାପନ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

କଥାକାର ଡକ୍ଟର ରାମଚନ୍ଦ୍ର ବେହେରାଙ୍କ ଜନ୍ମଦିନ ପାଳିତ



କେନ୍ଦ୍ରାପଡ଼ା, ୨।୧୧:ବିଶିଷ୍ଟ କଥାକାର ତଥା ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ଡକ୍ଟର ରାମଚନ୍ଦ୍ର ବେହେରାଙ୍କ ୮୧ ତମ ଜନ୍ମଦିନ ପାଳିତ ହୋଇଯାଇଛି । ଏହି ଅବସରରେ କପାଳେଶ୍ୱର ଭିଆଇପି ରୋଡ ସ୍ଥିତ ନିତ୍ୟ ବୈକୁଣ୍ଠ ପରିସରରେ ଆୟୋଜିତ ଉତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ସାହିତ୍ୟିକ ଯୋଗଦେଇ ରାମଚନ୍ଦ୍ର ବେହେରାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହିତ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ। କବି ଡକ୍ଟର ଅପର୍ଣ୍ଣା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ପାରମ୍ପରିକ ଗୁରୁ ପୂଜନ ଅନୁଷ୍ଠିତ ହୋଇଥିଲା । ଉପସ୍ଥିତ ପାଠକ ମାନେ ରାମଚନ୍ଦ୍ର ବେହେରାଙ୍କ କାଳଜୟୀ ଗଳ୍ପ ଗୁଡିକ ପାଠ କରିଥିଲେ । ଏହି ଉତ୍ସବରେ ପୂର୍ବତନ ବିଧାୟକ ଡକ୍ଟର ଅଲେଖ ଚନ୍ଦ୍ର ଜେନା, ସମାଜସେବୀ ଭୁବନ ମୋହନ ଜେନା, କବି ବୃନ୍ଦାବନ ଦାସ, ସରୋଜ ମହାନ୍ତି, ଅଧିକାରୀ ଲକ୍ଷ୍ମୀନାରାୟଣ ଦାଶ, ଅଧ୍ୟାପକ ତପନ କୁମାର ପତି, ଅଧ୍ୟାପକ ଅମୂଲ୍ୟ ମଲ୍ଲ, କବି ନବଜ୍ୟୋତି ରାୟ, ଅଧ୍ୟାପକ ବସନ୍ତ ସେଠୀ, ଅଧ୍ୟାପକ ମାନସ ଦାସ, ଅଧ୍ୟାପକ ସୂର୍ଯ୍ୟକାନ୍ତ ମଲ୍ଲିକ, ଅଧ୍ୟାପିକା ପ୍ରଭାସିନୀ ପରିଡା, ଡକ୍ଟର ଗିରିଜା କାନ୍ତ ଦାସ, କବି ସୁବ୍ରତ ପାତ୍ର, ପବିତ୍ର ସାହୁ, ଗୋଲାପ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

ଲୁପ୍ତପ୍ରାୟ ଲୋକନାଟକ ପୁନଃରୁଦ୍ଧାର ପ୍ରୟାସ

- ନଭେମ୍ବର ୮ରୁ ମହାବୀର ମହୋତ୍ସବ
- ବର୍ଷୀୟାନ ରାଜନେତା ଓ କ୍ରୀଡ଼ାବିତ ଭୁପିନ୍ଦର ସିଂ ପାଇବେ ମହାବୀର ସମ୍ମାନ
- ପ୍ରଫେସର ଭୁବନେଶ୍ୱର ବେହେରା ସାହିତ୍ୟ ସମ୍ମାନ ପାଇବେ ଗାଳ୍ପିକ ରଞ୍ଜନ ପ୍ରଧାନ
- ନାଟ୍ୟରଶ୍ମୀ ପ୍ରଫୁଲ୍ଲ ରଥ ନାଟ୍ୟ ସମ୍ମାନ ପାଇବେ ପ୍ରଭାକର ପାତ୍ର
- ଶୁଭଲକ୍ଷ୍ମୀ ଦାଶ ପାଇବେ କଳାହାଣ୍ଡି ଯୁବ ପ୍ରତିଭା ସମ୍ମାନ

ଭବାନୀପାଟଣା,୦୨।୧୦(ନି.ସୂ) ଓଡ଼ିଶାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମହାବୀର ସାଂସ୍କୃତିକ ଅନୁଷ୍ଠାନର ବାର୍ଷିକ ଉତ୍ସବ ମହାବୀର ମହୋତ୍ସବ-୨୦୨୬ ଆସନ୍ତା ୮ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ସପ୍ତାହ ବ୍ୟାପି ଆୟୋଜିତ ହେବାକୁ ଥିବା ଏହି ରାଜ୍ୟସ୍ତରୀୟ ମହୋତ୍ସବରେ ଲୋକନାଟକର ପୁନଃରୁଦ୍ଧାର ସହିତ ସାହିତ୍ୟ, ସଂସ୍କୃତି ଓ ଲୋକକଳାର ପ୍ରଦର୍ଶନ ପାଇଁ ମହାବୀର ମଞ୍ଚ ପ୍ରସ୍ତୁତ ହୋଇସାରିଛି। ଏହାକୁ ଦୃଷ୍ଟିରେ ରଖି ଆଜି ଅନୁଷ୍ଠାନ ସଭାଗୃହରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଶାନ୍ତନୁ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ସଭାପତି ଜୟନ୍ତ ବେହେରା, ଉପ-ସଭାପତି ସଞ୍ଜୟ କୁମାର, ସାଧାରଣ ସଂପାଦକ



ସତ୍ୟ ନାରାୟଣ ସିଂହ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏ ବର୍ଷ ଅନୁଷ୍ଠାନର ସର୍ବୋଚ୍ଚ ସମ୍ମାନ ମହାବୀର ସମ୍ମାନ ବର୍ଷୀୟାନ ରାଜନେତା ଓ କ୍ରୀଡ଼ାବିତ ଭୁପିନ୍ଦର ସିଂହଙ୍କୁ ଦିଆଯିବ। ସେହିପରି ସାହିତ୍ୟରେ ପ୍ରଫେସର ଭୁବନେଶ୍ୱର ବେହେରା ସାହିତ୍ୟ ସମ୍ମାନ ଗାଳ୍ପିକ ରଞ୍ଜନ ପ୍ରଧାନଙ୍କୁ ଦିଆଯିବ। ରାଜ୍ୟସ୍ତରୀୟ ନାଟ୍ୟରଶ୍ମୀ ପ୍ରଫୁଲ୍ଲ ରଥ ନାଟ୍ୟ ସମ୍ମାନ ପ୍ରଭାକର ପାତ୍ରଙ୍କୁ ଦିଆଯିବ ଏବଂ କଳାହାଣ୍ଡି ଯୁବ ପ୍ରତିଭା ସମ୍ମାନ ଶୁଭଲକ୍ଷ୍ମୀ ଦାଶ ପାଇବେ ବୋଲି ସୂଚନା ଦିଆଯାଇଛି। ରାଜ୍ୟସ୍ତରୀୟ ଲୋକନୃତ୍ୟ ମହୋତ୍ସବ ସହିତ ଜାତୀୟ ଶିଶୁ ଚିତ୍ରକଳା ପ୍ରଦର୍ଶନୀ ମୁଖ୍ୟ ଆକର୍ଷଣ ହେବ ଏବଂ ଏକ ହଜାରରୁ ଊର୍ଦ୍ଧ୍ୱ କଳାକାର ସାମିଲ ହେବେ ବୋଲି ଆଜି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ସେହିପରି ସ୍କୁଲ, କଲେଜ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯିବ ବୋଲି ସୂଚନା ଦିଆଯାଇଛି। ଏଥିରେ ଜିଲ୍ଲାର ସମସ୍ତ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀ ଭାଗ ନେଇପାରିବେ ବୋଲି ସୂଚନା ମିଳିଛି। ରାଜ୍ୟସ୍ତରୀୟ ଲୋକନାଟକ ମହୋତ୍ସବ ଆୟୋଜନ ଦ୍ୱାରା ଜିଲ୍ଲାରେ ଲୁପ୍ତପ୍ରାୟ ଲୋକନାଟକର ପୁନଃରୁଦ୍ଧାର ପାଇଁ ପ୍ରୟାସ କରାଯାଉଛି ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

ଆଇନଜୀବୀ ଜ୍ଞାନରଞ୍ଜନ ମହାନ୍ତିଙ୍କ ବିୟୋଗରେ ଶୋକ



ବଡ଼ଚଣା /ଚଣ୍ଡିଖୋଲ ୨।୧୧ (ନି.ସୂ): ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ ପକ୍ଷରୁ ରାଜ୍ୟ ବାର କାଉନସିଲର ସଭ୍ୟ ବରିଷ୍ଠ ଆଇନଜୀବୀ ସ୍ୱର୍ଗତଃ ଜ୍ଞାନରଞ୍ଜନ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଗତ ତା ୨୫ ଅକ୍ଟୋବର ୨୦୨୬ ରିଖ ଦିନ ଚିକିତ୍ସାଧିନ ଅବସ୍ଥାରେ ସ୍ୱର୍ଗତଃ ମହାନ୍ତିଙ୍କର ପରଲୋକ ହୋଇଥିଲା । ଏହି ଦୁଃଖଦ ଖବର ପାଇ ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ ଗୃହରେ ସଭାପତି ଦେବରାଜ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ଶୋକ ସଭାର ଆୟୋଜନ କରାଯାଇଥିଲା। ପ୍ରାରମ୍ଭରେ ବାର ଆସୋସିଏସନର ସମ୍ପାଦକ ପ୍ରକାଶ କୁମାର ଦାଶ ଶୋକ ପ୍ରସ୍ତାବ କ୍ରମେ ସ୍ୱର୍ଗତଃ ଆତ୍ମାର ସଦାଗତୀ କାମନା ପୂର୍ବକ ଏକ ମିନିଟର ନୀରବ ପ୍ରାର୍ଥନା କରାଯାଇଥିଲା ଓ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବାର ଆସୋସିଏସନର ପୂର୍ବତନ ସଭାପତି ସର୍ବଶ୍ରୀ ପ୍ରତାପ କୁମାର ଦାସ, ସୁରେଶ ଚନ୍ଦ୍ର ପଣ୍ଡା,ନଳିନୀ କାନ୍ତ ମିଶ୍ର,ଉଦୟନାଥ ସାହୁ, ରାମଚନ୍ଦ୍ର ତ୍ରିପାଠୀ,ପବିତ୍ର କର, ସୁଦର୍ଶନ ଘଡେଇ,ଅଶୋକ କୁମାର ଜେନା, ବିଜୟ ରାଉଳ,ବେବିନା ଓଝା, ଶ୍ୟାମ ପ୍ରସାଦ ଦାଶ, ଲୋମାରାଣୀ ନାୟକ,ସିରିଶ କୁମାର ସାମଲ, କୁମର ପ୍ରସାଦ ବେହେରା, ମହେନ୍ଦ୍ର କୁମାର ମହାନ୍ତି, ରୁଦ୍ର ନାରାୟଣ ମହାନ୍ତି, ପ୍ରିୟ ଗୋବିନ୍ଦ ଦାସ,ପ୍ରଦୀପ୍ତ କୁମାର ଦେଓ ଓ ନିରଞ୍ଜନ ସାମଲ ସମେତ ବହୁ ଆଇନଜୀବୀ ଯୋଗଦେଇ ଥିଲେ ।

ରାତି ୧୦ ସୁଧା ୧୦ମୂର୍ତ୍ତି ବିସର୍ଜିତ, ଶୋଭାଯାତ୍ରାରେ ୩୦ରୁ ଊର୍ଦ୍ଧ୍ୱ ମେଢ

କେନ୍ଦ୍ରାପଡ଼ା, ୨।୧୧: କେନ୍ଦ୍ରାପଡ଼ା ସହରର ଐତିହାସିକ ତଥା ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜାର ଉଦ୍‌ଯାପନୀ ପର୍ବ ଭସାଣି ଉତ୍ସବ ବେଶ୍ ଧୂମଧାମରେ ଆଗେଇ ଚାଲିଛି। ଧନଦାତ୍ରୀ ମା' ଲକ୍ଷ୍ମୀଙ୍କ ବିଦାୟ ବେଳାରେ ସମଗ୍ର ସହର ଉତ୍ସବମୁଖର ହୋଇଉଠିଛି। ଆଜି ରାତି ୧୦ଟା ସୁଦ୍ଧା ସହରର ବିଭିନ୍ନ ପୂଜା କମିଟି ପକ୍ଷରୁ ୧୦ଟି ମୂର୍ତ୍ତିଙ୍କୁ ନିର୍ଦ୍ଧାରିତ ବିସର୍ଜନ ଘାଟରେ ସମ୍ପୂର୍ଣ୍ଣ ରୀତିନୀତି ଅନୁଯାୟୀ ବିସର୍ଜିତ କରାଯାଇଛି। ସେହିପରି ଅନ୍ୟ ୩୦ରୁ ଅଧିକ ଆକର୍ଷଣୀୟ ମେଢ଼ ବିରାଟ ପଟୁଆରରେ ମୁଖ୍ୟ ରାସ୍ତାରେ ଶୋଭାଯାତ୍ରା ଜାରି ରଖିଥିବା ବେଳେ ଅପ୍ରତ୍ୟାଶିତ ଭାବେ ୧୦ଟି ମେଢ଼ ଚଳିତ ବର୍ଷର ମୁଖ୍ୟ ଶୋଭାଯାତ୍ରାରୁ ଦୂରେଇ ରହିଛନ୍ତି। ଆଜି ଅପରାହ୍ନରୁ ହିଁ ବିଭିନ୍ନ ପୂଜା ମଣ୍ଡପରୁ ମା'ଙ୍କ ମୃଣ୍ମୟୀ ପ୍ରତିମାକୁ ସୁସଜ୍ଜିତ ବିମାନ ଓ ଟ୍ରଲିରେ ଆଣି ମୁଖ୍ୟ ରାସ୍ତାରେ ଧାଡ଼ି ବନ୍ଧା ଯାଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ୧୦ଟି ମେଢ଼ ନିଜର ନିର୍ଦ୍ଧାରିତ ପ୍ରକ୍ରିୟା ଶେଷ କରି ନଦୀ ଘାଟରେ ମା'ଙ୍କ ମୂର୍ତ୍ତି ବିସର୍ଜନ କରିସାରିଛନ୍ତି। ଅନ୍ୟପଟେ ୩୦ରୁ ଊର୍ଦ୍ଧ୍ୱ ମେଢ଼ ଏବେ ବି ସହରର ମୁଖ୍ୟ ରାସ୍ତାରେ ଧୀରେ ଧୀରେ ଆଗକୁ ବଢୁଛନ୍ତି। ଚିତ୍ତାକର୍ଷକ ଆଲୋକମାଳା, ରଙ୍ଗାରଙ୍ଗ ତୋରଣ, ପାରମ୍ପରିକ ଘଣ୍ଟ, ଶଙ୍ଖ, ମୃଦଙ୍ଗ ସାଙ୍ଗକୁ ଢୋଲ ଓ ଡିଜେର ତାଳେ ତାଳେ ଭକ୍ତମାନେ ନୃତ୍ୟ କରୁଥିବା ଦେଖିବାକୁ ମିଳୁଛି। ବିଶେଷକରି ସହରର ପୁରୁଣା ବସଷ୍ଟାଣ୍ଡ, ବଳଗଣ୍ଡି, ଫର୍ଜନ ଛକ, ଶାନ୍ତସହି, କେଶପୁର, ସାନମଙ୍ଗଳା ଏବଂ ତିନିମୁହାଣୀ ରାସ୍ତାରେ ଅସମ୍ଭବ ଜନସମାଗମ ପରିଲକ୍ଷିତ ହୋଇଛି। ହଜାର ହଜାର ଶ୍ରଦ୍ଧାଳୁ ମା'ଙ୍କ ଶେଷ ଦର୍ଶନ ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ଉପସ୍ଥିତ ରହି ଉତ୍ସାହର ସହ ବିଦାୟ ସମ୍ବର୍ଦ୍ଧନା ଜଣାଉଛନ୍ତି। ଚଳିତ ବର୍ଷ ଭସାଣି ଉତ୍ସବର ଏକ ପ୍ରମୁଖ ଘଟଣାକ୍ରମ ହେଉଛି ୧୦ଟି ମେଢ଼ ସାମୂହିକ ଶୋଭାଯାତ୍ରାରେ ଅଂଶଗ୍ରହଣ ନକରିବା। ସ୍ଥାନୀୟ ପ୍ରଶାସନ ଓ ପୂଜା କମିଟି ମଧ୍ୟରେ କୌଣସି ଆଭ୍ୟନ୍ତରୀଣ ସମସ୍ୟା, ସମୟ ନିର୍ଘଣ୍ଟକୁ ନେଇ ଅସନ୍ତୋଷ କିମ୍ବା ନିଜସ୍ୱ କାରଣ ଯୋଗୁଁ ଏହି ମଣ୍ଡପଗୁଡ଼ିକ ଶୋଭାଯାତ୍ରାରୁ ନିବୃତ୍ତ ରହିଥିବା ଚର୍ଚ୍ଚା ହେଉଛି। କିଛି ମେଢ଼ ସିଧାସଳଖ ସ୍ଥାନୀୟ ସ୍ତରରେ ବିସର୍ଜନ ପାଇଁ ନିଷ୍ପତ୍ତି ନେଇଥିବା ବେଳେ ଏତେ ସଂଖ୍ୟକ ମେଢ଼ ମୁଖ୍ୟ ଶୋଭାଯାତ୍ରାରେ ସାମିଲ ନହେବା ସହରବାସୀ



ଓ ଶ୍ରଦ୍ଧାଳୁଙ୍କୁ କିଛି ମାତ୍ରାରେ ନିରାଶ କରିଛି। ତଥାପି ଏହି ୧୦ ମେଢ଼କୁ ବାଦ୍ ଦେଲେ ବାକି ସମସ୍ତ ପୂଜା କମିଟିର ସହଯୋଗରେ ଉତ୍ସବ ବେଶ୍ ଚଳଚ□ଳ ରହିଛି। ଭସାଣି ଶୋଭାଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ପାଇଁ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ସହରର ବିଭିନ୍ନ ସମ୍ବେଦନଶୀଳ ଛକ ଏବଂ ବିସର୍ଜନ ଘାଟରେ ବ୍ୟାପକ ପୋଲିସ ସୁରକ୍ଷା ବ୍ୟବସ୍ଥା କରାଯାଇଛି। କେନ୍ଦ୍ରାପଡ଼ା ଏସପି ସିଦ୍ଧାର୍ଥ କଟାରିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଥିବା ବେଳେ ଅଶାନ୍ତି କିମ୍ବା ବିଶୃଙ୍ଖଳା ରୋକିବା ପାଇଁ ଡ୍ରୋନ୍ କ୍ୟାମେରା ଏବଂ ସିସିଟିଭି ଜରିଆରେ ପୂରା ଶୋଭାଯାତ୍ରା ଉପରେ କଡ଼ା ନଜର ରଖାଯାଇଛି । ସହର ଭିତରକୁ ଭାରୀ ଯାନ ପ୍ରବେଶ ଉପରେ କଟକଣା ଜାରି କରାଯାଇ ଟ୍ରାଫିକ ବ୍ୟବସ୍ଥାକୁ ସୁଚାରୁ ରୂପେ ପରିଚାଳନା କରାଯାଉଛି। ନଦୀ ଘାଟଗୁଡ଼ିକରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ପାଇଁ ଅଗ୍ନିଶମ ବାହିନୀ ଓ ଓଡ୍ରାଫ ଟିମ୍ ସଜାଗ ରହିଛନ୍ତି। ସମସ୍ତ ଶୋଭାଯାତ୍ରା ସରିବା ଏବଂ ଅବଶିଷ୍ଟ ୩୦ରୁ ଊର୍ଦ୍ଧ୍ୱ ମୂର୍ତ୍ତି ବିସର୍ଜନ ହେବା ପାଇଁ ବିଳମ୍ବିତ ରାତି କିମ୍ବା ଭୋର ପର୍ଯ୍ୟନ୍ତ ସମୟ ଲାଗିବ ବୋଲି ଅନୁମାନ କରାଯାଉଛି। ପ୍ରଶାସନର କଡ଼ା ପହରା ଏବଂ ଶ୍ରଦ୍ଧାଳୁଙ୍କ ଭକ୍ତିମୟ ପରିବେଶ ଭିତରେ କେନ୍ଦ୍ରାପଡ଼ାରେ ଏହି ମହାଆଡ଼ମ୍ବରପୂର୍ଣ୍ଣ ଭସାଣି ଉତ୍ସବ ଶାନ୍ତିପୂର୍ଣ୍ଣ ଭାବେ ଆଗେଇ ଚାଲିଛି।କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କ ଉପସ୍ଥିତି ଯୋଗୁଁ ଜିଲ୍ଲାର ବାସ୍ତବ ସ୍ଥିତି, ସମସ୍ୟା ଓ ସଫଳତା ସମ୍ପର୍କରେ ସିଧାସଳଖ ତଥ୍ୟ ଆଲୋଚନା ହୋଇପାରିବ ବୋଲି ଆଶା କରାଯାଉଛି। ତେଣୁ ସମସ୍ତ ନିର୍ଦ୍ଦେଶିତ ଅଧିକାରୀଙ୍କୁ ସମ୍ପୂର୍ଣ୍ଣ ରିପୋର୍ଟ ଓ ତଥ୍ୟ ସହ ଠିକ୍ ସମୟରେ ଭିସିରେ ଯୋଡ଼ି ହେବା ପାଇଁ ସତର୍କ କରାଯାଇଛି।

ଖପ୍ରାଖୋଲ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଉଦଯାପିତ

- କୃତୀ ପ୍ରତିଯୋଗୀ ସମ୍ବର୍ଦ୍ଧିତ
- ନାଚ ଗୀତରେ ଝୁମିଲେ ଦର୍ଶକ

ଖପ୍ରାଖୋଲ ୦୨।୧୧, ଜ୍ୟୋତି ରଞ୍ଜନ ପଣ୍ଡା (ନି.ସୂ) ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଠାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓ ବ୍ଲକ୍ ଶିକ୍ଷା ଅଧିକାରୀ ଙ୍କ କାର୍ଯ୍ୟାଳୟ ତରଫରୁ ବ୍ଲକ୍ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଉଦଘାଟନୀ ଉତ୍ସବରେ ବ୍ଲକ୍ ସହ ଶିକ୍ଷା ଅଧିକାରୀ ମିନି କେତନ ବରିହା ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ବ୍ଲକ୍ ଶିକ୍ଷା ଅଧିକାରୀ ଅଭିନବ ମିଶ୍ର, ସମ୍ମାନୀତ ଅତିଥି ରୂପେ ଉପ ମୁଖ୍ୟମନ୍ତ୍ରୀ ଙ୍କ ବ୍ଲକ୍ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଇସ୍ୱାଲ ସୁନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନରେନ୍ଦ୍ର ଭୋଇ ଯୋଗଦେଇ ନଡ଼ିଆ ଭାଙ୍ଗି ଉଦଘାଟନ କରିଥିଲେ। ଏହି ଅବସରରେ ବ୍ଲକ ର ୧୪ ଟି ସମୂହ ସାଧନ କେନ୍ଦ୍ର ର ସମସ୍ତ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଯୋଗ ଦେଇଥିଲେ। ଏହି ଅବସରରେ ନାଚ, ଗୀତ, ବକ୍ତୃତା, ତର୍କ, ଚିତ୍ରାଙ୍କନ, ଚିତ୍ର କଳା, ଶିଳ୍ପ କଳା, ପ୍ରଧାନମନ୍ତ୍ରୀ




ପୋଷଣ ଚିତ୍ର କଳା ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ଅବସରରେ ଅପରାହ୍ନ ରେ ଉଦଯାପନୀ ସମାରୋହ ବ୍ଲକ୍ ଶିକ୍ଷା ଅଧିକାରୀ ଅଭିନବ ମିଶ୍ର ଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ହେଇଥିବା ବେଳେ ମୁଖ୍ୟ ଅତିଥି ରୂପେ ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ, ସମ୍ମାନୀତ ଅତିଥି ରୂପେ ତହସିଲଦାର ସୌମ୍ୟ କିଶୋର ବେହେରା, ଅତିରିକ୍ତ ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ, ବ୍ଲକ ସହ ଶିକ୍ଷା ଅଧିକାରୀ ମିନି କେତନ ବରିହା, ପ୍ରଧାନ ଶିକ୍ଷକ ଇସ୍ୱାଲ ସୁନା ଯୋଗଦେଇ ସୁରଭି କାର୍ଯ୍ୟକ୍ରମ ର ଉଦେଶ୍ୟ ଉପରେ ଆଲୋକପାତ କରିବା ସହିତ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଲୁଚି ରହିଥିବା କଳା କୁ ଲୋକ ଲୋଚନ କୁ ଆଣି ସ୍ୱୀକୃତି ପ୍ରଦାନ କରିବା ଉପରେ କହିଥିଲେ। କାର୍ଯ୍ୟକ୍ରମ କୁ ସମୂହ ସାଧନ କେନ୍ଦ୍ର ସଂଯୋଜକ ସତ୍ୟବ୍ରତ ବେହେରା , ଓମ୍ ପ୍ରକାଶ ମେହେର, ମୁରଲୀ ମେହେର, ସୁଜିତ ବାରିକ, ଚନ୍ଦ୍ରିକା ବାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁଶୀଲ ପୋଡ, ପ୍ରଫୁଲ୍ଲ ପ୍ରଧାନ, ବିଘ୍ନରାଜ ପ୍ରଧାନ, ସାନନ୍ଦ ମେହେର, ଜିଜ୍ଞାସ ପ୍ରଧାନ ମନୋରମା ନାଏକ, ନମିତା ମଣ୍ଡଳ, ପ୍ରମୁଖ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ। ଏହି ଅବସରରେ ନାଚ ଗୀତ ରେ ଦର୍ଶକ ଝୁମି ଥିଲେ। ଶେଷରେ କାହ୍ନୁ ମେହେର ଧନ୍ୟବାଦ୍ ଅର୍ପଣ କରିଥିଲେ।

ସୀମାନ୍ତରେ ଓଡ଼ିଶା-ଛତିଶଗଡ ସାମ୍ବାଦିକଙ୍କ ସମନ୍ୱୟ ବୈଠକ

ସାମ୍ବାଦିକ ଏକତା ହିଁ ଚତୁର୍ଥ ସ୍ତମ୍ଭର ରକ୍ଷାକବଚ

ସିନାପାଲି,୦୧।୧୧ (ନି ସୁ): ଓଡ଼ିଶା-ଛତିଶଗଡ ସୀମାନ୍ତ ଅଞ୍ଚଳରେ ଉଭୟ ରାଜ୍ୟର ସାମ୍ବାଦିକମାନଙ୍କୁ ନେଇ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ବାଗଙ୍କ ଅଧ୍ୟକ୍ଷତାରେ ଉକ୍ତ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ସୀମାନ୍ତ ଅଞ୍ଚଳର ବିଭିନ୍ନ ସାମାଜିକ, ପ୍ରଶାସନିକ ଓ ଜନସାଧାରଣଙ୍କ ସମସ୍ୟାକୁ ଅଧିକ ପ୍ରଭାବଶାଳୀ ଭାବେ ଲୋକଲୋଚନକୁ ଆଣିବା ସହ ସାମ୍ବାଦିକମାନଙ୍କ ମଧ୍ୟରେ ଭାଇଚାରା ଓ ଏକତା ସୁଦୃଢ଼ କରିବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ର ସାମ୍ବାଦିକଙ୍କ ସମେତ ଛତିଶଗଡ଼ ର ଦେଓଭୋଗ ,ଗରିଆବନ୍ଧ,ମେନପୁର ଏବଂ କଳାହାଣ୍ଡି ଜିଲ୍ଲା ଧର୍ମଗଡ , ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ଅଞ୍ଚଳରୁ ଅନେକ ସାମ୍ବାଦିକ ଉପସ୍ଥିତ ଥିଲେ। ସମସ୍ତ ସାମ୍ବାଦିକ ବନ୍ଧୁ ଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ବୈଠକରେ ଉପସ୍ଥିତ ସାମ୍ବାଦିକମାନେ ସାମ୍ବାଦିକତା ଓ ସାମ୍ବାଦିକ ସୁରକ୍ଷା ନେଇ ବିଶେଷ ମତ ପ୍ରକାଶ କରିଥିଲେ। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ପରିଚିତ ସାମ୍ବାଦିକତାର ସୁରକ୍ଷା ଓ ସମ୍ମାନ ରକ୍ଷା ପାଇଁ ସାମ୍ବାଦିକମାନଙ୍କ ଏକତା ଅତ୍ୟନ୍ତ ଜରୁରୀ। ସାମ୍ବାଦିକ ଏକତା ହିଁ ଚତୁର୍ଥ ସ୍ତମ୍ଭର ରକ୍ଷକବଚ ବୋଲି ମତ ପ୍ରକାଶ ପାଇଥିଲା। ସତ୍ୟ, ନିର୍ଭୀକ ଓ ନିରପେକ୍ଷ ସାମ୍ବାଦିକତା ମାଧ୍ୟମରେ ସାଧାରଣ ଲୋକଙ୍କ ସ୍ୱରକୁ ପ୍ରଶାସନ ଓ ସରକାରଙ୍କ ନିକଟରେ ପହଞ୍ଚାଇବା ହିଁ ଜଣେ ସାମ୍ବାଦିକଙ୍କ ପ୍ରମୁଖ ଦାୟିତ୍ୱ ବୋଲି ମଞ୍ଚାସିନ ବରିଷ୍ଠ ସାମ୍ବାଦିକ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଓଡ଼ିଶା ଓ ଛତିଶଗଡର ସାମ୍ବାଦିକମାନଙ୍କ ମଧ୍ୟରେ ପରସ୍ପର ସହଯୋଗ, ସୂଚନା ଆଦାନ-ପ୍ରଦାନ ଏବଂ ସୀମାନ୍ତ ଅଞ୍ଚଳର ଜନସମସ୍ୟାକୁ ପ୍ରାଥମିକତା ଦେଇ ଖବର ପ୍ରସାରଣ ଉପରେ ଆଲୋଚନା କରାଯାଇଥିଲା। ସାମ୍ବାଦିକମାନଙ୍କ ସ୍ୱାର୍ଥ ସୁରକ୍ଷା, ସେମାନଙ୍କ ସମସ୍ୟାର ସମାଧାନ ଏବଂ ସାମ୍ବାଦିକ ସମାଜକୁ ସୁସଂଗଠିତ କରିବା ଦିଗରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। ରାଜ୍ୟର ସୀମା ଅଲଗା ହୋଇପାରେ, କିନ୍ତୁ ସାମ୍ବାଦିକତାର ଲକ୍ଷ୍ୟ ଏକ ସତ୍ୟକୁ ସମାଜ ସମ୍ମୁଖରେ ଉପସ୍ଥାପନ କରିବା। ତେଣୁ ଓଡ଼ିଶା ଓ ଛତିଶଗଡର ସାମ୍ବାଦିକମାନେ ଏକତ୍ରିତ ହୋଇ ଜନସ୍ୱାର୍ଥ ସମ୍ବନ୍ଧୀୟ ପ୍ରସଙ୍ଗଗୁଡ଼ିକୁ ଅଧିକ ଦୃଢ଼ତାର ସହ ଉଠାଇବା ପାଇଁ ସଙ୍କଳ୍ପ ନେଇଥିଲେ।



ଶେଷରେ ସାମ୍ବାଦିକ ଏକତା, ପରସ୍ପର ସମ୍ମାନ ଓ ସହଯୋଗ ହିଁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭକୁ ସୁଦୃଢ଼ ଏବଂ ସୁରକ୍ଷିତ ରଖିପାରିବ ବୋଲି ସମସ୍ତେ ମତପ୍ରକାଶ କରିଥିଲେ। ଉକ୍ତ ବୈଠକରେ ଛତିଶଗଡ ଦେଓଭୋଗ ର ବରିଷ୍ଠ ସାମ୍ବାଦିକ ପୁରୁଷୋତ୍ତମ ପାତ୍ର, ମନମୋହନ ନେତମ୍ , ଗିରିଶ ଜଗତ, ରମେଶ ସୋନି, ମେନପୁର ର ରାଧେ ପଟେଲ କଳାହାଣ୍ଡି ଧର୍ମଗଡ ବରିଷ୍ଠ ସାମ୍ବାଦିକ ବିରଞ୍ଚି ଜାଲ,ଅଂଶୁମାନ ପାତ୍ର, ବୈଦ୍ୟନାଥ ବେହେରା, ସୁବ୍ରତ ପଣ୍ଡା ଏବଂ ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ର ପୀତାମ୍ବର ସୋରୀ , ମଦନ ହିଆଲ, ଅର୍ଜୁନ ଚଣ୍ଡୀ ପ୍ରମୁଖଙ୍କ ସମେତ ବହୁ ସାମ୍ବାଦିକ ସାମିଲ ଥିଲେ। ବୈଠକରେ ଉଭୟ ରାଜ୍ୟର ବହୁ ସାମ୍ବାଦିକ ଉପସ୍ଥିତ ରହି ନିଜ ନିଜ ଗୁରୁତ୍ୱପୂର୍ଣ୍ଣ ମତାମତ ରଖିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସିନାପାଲି ପ୍ରେସ କ୍ଲବ୍ ର ସାମ୍ବାଦିକ ଅଜିତ୍ ଯୋଶୀ, ଜଗନ୍ନାଥ ସମ୍ବାଦିକ ସଂଘ ସଭାପତି ଜଗନ୍ନାଥ ସାଗର ଙ୍କ ସମେତ ବରିଷ୍ଠ ସାମ୍ବାଦିକ ଶୁଭ୍ରାଂଶୁ ନାଏକ, ରାହୁଲ ରଣା,ବିହାରୀ ଲାଲ ଜଗତ, ବନବିହାରୀ ମେହେର,ସୁଶାନ୍ତ ନାୟକ୍, ଚିନ୍ତାମଣି ନେତମ,ଧର୍ମେନ୍ଦ୍ର ଗହୀର ପ୍ରମୁଖ ଉପସ୍ଥିତ ଥିଲେ।

ବିଦାୟ ନେଲେ ମା' ଗଜଲକ୍ଷ୍ମୀ

- ସମୂହ ଭସାଣିରେ ସାମିଲ ହେଲେ ୨୪ ମଣ୍ଡପ
- ୮ରୁ ଊର୍ଦ୍ଧ୍ୱ ମଣ୍ଡପ ଅଲଗାରେ କଲେ ମୂର୍ତ୍ତି ବିସର୍ଜନ

ଖୋରଧା ୨।୧୧(ନି.ସୂ) : ଖୋରଧା କୁମାର ପୂର୍ଣ୍ଣମାଠାରୁ ଧରାପୃଷ୍ଠରେ ପୂଜା ପାଉଥିବା ମା' ଧନଲକ୍ଷ୍ମୀଙ୍କୁ ରବିବାର ସନ୍ଧ୍ୟାରେ ଖୋରଧା ସହରରେ ଭବ୍ୟ ଆୟୋଜନ ମଧ୍ୟରେ ମେଲାଣି ଦିଆଯାଇଛି। ପାରମ୍ପରିକ ବାଦ୍ୟ, ଲୋକନୃତ୍ୟ ଓ ଆକର୍ଷଣୀୟ ଶୋଭାଯାତ୍ରା ମଧ୍ୟରେ ମା'ଙ୍କ ଭସାଣି ଉତ୍ସବ ଧୁମ୍ ?ଧାମରେ ପାଳିତ ହୋଇଥିବାବେଳେ ସମୂହ ଭସାଣିରେ ୨୪ଟି ପୂଜାମଣ୍ଡପ ସାମିଲ ହୋଇଥିଲେ। ତେବେ ୮ରୁ ଊର୍ଦ୍ଧ୍ୱ ପୂଜାମଣ୍ଡପ ନିର୍ଦ୍ଧାରିତ ସମୟରେ ସମୂହ ଭସାଣିରେ ସାମିଲ ନହୋଇ ଅଲଗା ଭାବେ ମୂର୍ତ୍ତି ବିସର୍ଜନ କରିଥିବା ଜଣାପଡ଼ିଛି। ରବିବାର ଅପରାହ୍ନରେ ସହରର ବିଭିନ୍ନ ପୂଜାମଣ୍ଡପରୁ ମା'ଙ୍କ ମୃଣ୍ମୟୀ ପ୍ରତିମାଗୁଡ଼ିକୁ ଶୋଭାଯାତ୍ରାରେ ଆଣି ବିଜେବି ହାଇସ୍କୁଲ ଖେଳପଡ଼ିଆ ନିକଟରେ ଏକତ୍ରିତ କରାଯାଇଥିଲା। ମା'ଙ୍କୁ ଶେଷ ଦର୍ଶନ କରିବା ପାଇଁ ଖେଳପଡ଼ିଆରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିଥିଲା। ପାରମ୍ପରିକ ଢୋଲ, ଶିଙ୍ଘବାଜା, ମାଦଳ, ଦୁଲୁକୀ ଓ ସମ୍ବଲପୁରୀ ବାଦ୍ୟ ସାଙ୍ଗକୁ ଡିଜେର ତାଳେ ତାଳେ ସମଗ୍ର ପରିବେଶ ଉତ୍ସବମୁଖର ହୋଇଉଠିଥିଲା।

ଏହାପରେ ମା'ଙ୍କ ମୂର୍ତ୍ତିଗୁଡ଼ିକୁ ନେଇ ଏକ ବିରାଟ ଶୋଭାଯାତ୍ରା ଖଣି ପୋଖରୀ ଅଭିମୁଖେ ବାହାରିଥିଲା। ବିଜେବି ହାଇସ୍କୁଲ ହଷ୍ଟେଲ ରାସ୍ତା, ନୟାଗଡ଼ ରୋଡ୍, ଟ୍ରାଫିକ୍ ଛକ, ସମବାୟ ବ୍ୟାଙ୍କ ଛକ ଓ ନୂଆ ବସ୍ ?ଷ୍ଟାଣ୍ଡ ଦେଇ ଶୋଭାଯାତ୍ରା ଆଗକୁ ବଢ଼ିଥିଲା। ସହରର ବିଭିନ୍ନ ଛକ ଓ ରାସ୍ତାର ଉଭୟ ପାର୍ଶ୍ୱରେ ମା'ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ମହିଳାମାନଙ୍କ ହୁଳହୁଳି ଓ ହରିବୋଲ ଧ୍ୱନିରେ ପରିବେଶ ଭକ୍ତିମୟ ହୋଇଉଠିଥିଲା। ପାରମ୍ପରିକ ଲୋକନୃତ୍ୟ, ବାଘନାଚ, ସଂକୀର୍ତ୍ତନ ମଣ୍ଡଳୀର ଗିନି ଓ ବାଦ୍ୟ, ନିଆଁହୁଳା ଏବଂ ବିଭିନ୍ନ ବାଦ୍ୟଯନ୍ତ୍ରର ତାଳେ ତାଳେ ଯୁବକମାନଙ୍କ ନୃତ୍ୟ ଭସାଣି ଉତ୍ସବକୁ ଅଧିକ ଆକର୍ଷଣୀୟ କରିଥିଲା। ବିଭିନ୍ନ ସ୍ଥାନରେ ଡିଜେ, ବାଘନାଚ ଓ ସଂକୀର୍ତ୍ତନ ମଣ୍ଡଳୀଙ୍କ ପ୍ରଦର୍ଶନ ଦର୍ଶକଙ୍କ ମନ ମୋହିଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ମା'ଙ୍କ ମେଲାଣି ପର୍ବ ଚାଲିଥିଲା। ସହରର ମଧ୍ୟଭାଗରେ ଥିବା ସମବାୟ ବ୍ୟାଙ୍କ ଛକଠାରେ ନିର୍ମିତ ପେଣ୍ଡାଲରେ ପୂଜାମଣ୍ଡପଗୁଡ଼ିକର ଶାନ୍ତିଶୃଙ୍ଖଳା, ମେଢ଼ର ଆକର୍ଷଣୀୟ ରୂପ ଓ ସାଜସଜ୍ଜାକୁ ବିଚାରକମଣ୍ଡଳୀ ମୂଲ୍ୟାୟନ କରିଥିଲେ।



ଏଥିରେ ତିନୋଟି ଶ୍ରେଷ୍ଠ ମେଢ଼ ଚୟନ କରାଯିବାର ବ୍ୟବସ୍ଥା ରହିଥିଲା।

ଅନ୍ୟପକ୍ଷରେ, ଜିଲକ୍ଷ ପୁଲିସ ପକ୍ଷରୁ ଭସାଣି ଉତ୍ସବ ପୂର୍ବରୁ ଏକାଧିକ ବୈଠକ ଓ ପ୍ରସ୍ତୁତିମୂଳକ ଅଭ୍ୟାସ କରାଯାଇଥିଲେ ମଧ୍ୟ ଟ୍ରାଫିକ୍ ପରିଚାଳନା ବ୍ୟବସ୍ଥା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ବିଭିନ୍ନ ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେବା ସହ ଟ୍ରାଫିକ୍ ଜାମ୍ ଯୋଗୁଁ ସାଧାରଣ ଲୋକେ ହଇରାଣ ହୋଇଥିଲେ। ସବୁଠାରୁ ଉଲ୍ଲେଖନୀୟ କଥା ହେଉଛି, ଗତ ୧୮ ବର୍ଷ ମଧ୍ୟରେ ଦେଖାଦେଇନଥିବା ଅବ୍ୟବସ୍ଥା ଚଳିତ ବର୍ଷର ଭସାଣି ଉତ୍ସବରେ ପରିଲକ୍ଷିତ ହୋଇଥିବା ଅଭିଯୋଗ ହୋଇଛି। ସମୂହ ଭସାଣିରେ ୨୪ଟି ମଣ୍ଡପ ସାମିଲ ହୋଇଥିବାବେଳେ ୮ରୁ ଊର୍ଦ୍ଧ୍ୱ ମଣ୍ଡପ ନିର୍ଦ୍ଧାରିତ ସମୟକୁ ଉଲ୍ଲଂଘନ କରି ଅଲଗା ଭାବେ ମୂର୍ତ୍ତି ବିସର୍ଜନ କରିଥିବା ଘଟଣା ଆୟୋଜନର ସମନ୍ୱୟ ଓ ନେତୃତ୍ୱକୁ ନେଇ ପ୍ରଶ୍ନ ଉଠାଇଛି।





ତୈଳିକ ସାହୁ ସମାଜର ଚନ୍ଦାବଂଶୀୟ ବଡ ଭାଇ ପାରିବାରିକ ନୂଆଖାଇ ଭେଟଘାଟ

୩୫ ଖଣ୍ଡ ଗ୍ରାମରୁ ୨ ହଜାରରୁ ଅଧିକ ପରିବାର ସଦସ୍ୟଙ୍କ ଯୋଗଦାନ

ମ.ରାମପୁର,୦୨/୧୧(ନି.ସୂ): ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ଅବସରରେ କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ବ୍ଲକ୍ ବମକ ଗ୍ରାମରେ ତୈଳିକ ହଳଦିଆ ସାହୁ ସମାଜର ଚନ୍ଦା ବଂଶୀୟ ବଡଭାଇ ପାରିବାରିକ ନୂଆଖାଇ ଭେଟଘାଟ ଆନନ୍ଦ ଉତ୍ସାହର ସହ ପାଳିତ ହୋଇଯାଇଛି। ଭେଟଘାଟ ପରିଚାଳନା କମିଟି ସଭାପତି ଜଗମୋହନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ୩୨ ଖଣ୍ଡ ଗ୍ରାମରୁ ୨ ହଜାରରୁ ଅଧିକ ଚନ୍ଦା ବଂଶୀୟ ପରିବାର ସଦସ୍ୟ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ବମକ ଗ୍ରାମର ଅଗାଧୁ ପରିବାରରୁ ଚଣ୍ଡୀ ଦେବୀଙ୍କ ପୀଠରୁ ମଶାଲ ଯାତ୍ରା ବାହାରି ଗ୍ରାମ ପରିକ୍ରମା କରି କାର୍ଯ୍ୟକ୍ରମସ୍ଥଳରେ ପହଞ୍ଚିଥିଲା। ଏହାପରେ ଚନ୍ଦା ବଂଶୀୟ ପରିବାରର ରୀତିନୀତି ଅନୁଯାୟୀ ମା' ଚଣ୍ଡୀଙ୍କ ପୂଜାର୍ଚ୍ଚନା ପରେ ନୂଆଖାଇ ପର୍ବ ଆରମ୍ଭ ହୋଇଥିଲା।ଏହି ଅବସରରେ ମୁଖ୍ୟ ଅତିଥି –ଅରକ୍ଷିତ ସାହୁ (ଅଁଲାପାଲି),ରାଧାକାନ୍ତ ସାହୁ (ଘାଗୁର୍ଲି),ନାଭିଦତ୍ୟ ସାହୁ(ଲାଛୁଟ),ତ୍ରିଲୋଚନ ସାହୁ (ଟକାରୁମାଲ),ଗୋବର୍ଦ୍ଧନ ସାହୁ (ବାଦୀପଡା),ସୁବେନ୍ଦୁ ସାହୁ (ଦିଗଶିରା)ଙ୍କ ସମେତ ଅନ୍ୟ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରାଯାଇ ଉପଢୌକନ ପ୍ରଦାନ ସହ ସ୍ୱାଗତ କରାଯାଇଥିଲା। ଉପସଭାପତି –ବାବୁଲାଲ ସାହୁ (ଦିଗଶିରା),ସମ୍ପାଦକ ମୋହନଲାଲ ସାହୁ(ଟକାରୁମାଲ)ଯୁଗ୍ମ ସମ୍ପାଦକ – ଟିକେଶ୍ୱର ସାହୁ (ଅଂଲାପଲି) ଓ କୋଷାଧ୍ୟକ୍ଷ ଭୈରବ ସାହୁ(ରେଗେଡା) କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଲଳିତ ମୋହନ ସାହୁ(ରେଗେଡା) ମଞ୍ଚ ପରିଚାଳନା କରିଥିବାବେଳେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ପରିବେଷଣ ସହ ବିଭିନ୍ନ ଗ୍ରାମରୁ ଆସିଥିବା ଲୋକ ମାନଙ୍କ ପକ୍ଷରୁ ଆକର୍ଷଣୀୟ ନୃତ୍ୟ ପରିବେଷଣ କରାଯାଇଥିଲା। ଭେଟ ଘାଟରେ ଯୋଗଦେଇଥିବା ସମସ୍ତେ ପରସ୍ପରକୁ ନୂଆଖାଇ ଜୁହାର,ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଏହି ଭେଟଘାଟ ମାଧ୍ୟମରେ ଚନ୍ଦା ବଂଶୀୟ ବଡଭାଇ ପରିବାର ମଧ୍ୟରେ ଭାଇଚାରା,ସାମାଜିକ ଏକତା ଓ ପାରିବାରିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ନେଇ ମତ ପ୍ରକାଶ ପାଇଥିଲା। ଆଗାମୀ ଦିନରେ ଏହି ଏକତା ଓ ଭାଇ ଚାରାକୁ ଆହୁରି ମଜବୁତ କରିବା ଉପରେ ସମସ୍ତେ ମତ ପ୍ରକାଶ କରିଥିଲେ।ଏଠାରେ ସହଯୋଗର ହାତ ବଢାଇଥିଲେ ବମକ ଚନ୍ଦା ବଂଶୀୟ ବଡଭାଇ ପରିବାର ଗ୍ରାମ୍ୟ କମିଟି। ସମସ୍ତେ ପରିବାରର ସଦସ୍ୟମାନଙ୍କୁ ଏକତ୍ରିତ କରି ନୂଆଖାଇ ଭେଟଘାଟ ଆୟୋଜନ କରିଥିବାରୁ ସଭାପତି ଓ କର୍ମକର୍ତ୍ତା ମାନଙ୍କୁ ଉପସ୍ଥିତ ସଦସ୍ୟମାନେ ଧନ୍ୟବାଦ ଜଣାଇଥିଲେ।




ନୂଆପଡ଼ା ଜିଲ୍ଲା ସୀମାନ୍ତ ଛତିଶଗଡ଼ରେ ଆତ୍ମ ସମର୍ପଣ ୨ ମହିଳା ମାଓବାଦୀ ସହ ସହଯୋଗୀ ଜଙ୍ଗଲରେ ଲୁଚାଇଥିବା ଟଙ୍କା ଆଣିବାକୁ ଯାଇ ଗିରଫ

ନୂଆପଡା,୦୨/୧୧(ନି.ସୂ):ଓଡ଼ିଶା ଛତିଶଗଡ଼ ସୀମାନ୍ତ ମାଓ ଗତିବିଧି ନେଇ ବଡ ଘଟଣା ସମ୍ମୁଖରେ ଆସିଅଛି। ଆତ୍ମ ସମର୍ପଣ ମାଓବାଦୀ ମାନେ ଜଙ୍ଗଲରେ ଲୁଚାଇ ଥିବା ଟଙ୍କା ଆଣିବାକୁ ଯାଇଥିଲେ। ଗରିଆବନ୍ଧ ପୋଲିସ ଆତ୍ମସମର୍ପଣ କରିଥିବା ୨ ମାଓବାଦୀ ସହ ୧ ଜଣ ସହଯୋଗୀଙ୍କୁ ଗିରଫ କରିଛନ୍ତି। ଘଟଣା ସ୍ଥଳରେ ଟିଫିନ୍ ଡବା ରେ ବିଡ଼ା ବିଡ଼ା ୫୦୦ ଟଙ୍କିଆ ନୋଟ ୨୧ ଲକ୍ଷ ଟଙ୍କା ଜବତ କରିଥିଲେ। ପୋଲିସ ପୂର୍ବରୁ ତାଙ୍କ ଉପରେ ତୀକ୍ଷ୍ଣ ନଜର ରହିଥିବା ବେଳେ ତାଙ୍କ ଗତିବିଧି ଉପରେ ନଜର ରହିଥିଲା। ଟିଫିନ୍ ଡବା ନେଇ ଫେରୁଥିବା ବେଳେ ତାଙ୍କୁ ସେହି ଜଙ୍ଗଲରେ ପୋଲିସ ଘେର ଧରିଥିଲେ। ଗରିଆବନ୍ଧ ପୋଲିସ ଘଟଣାସ୍ଥଳ ରେ ଟିଫିନ୍ ଡବାରୁ ୨୧ ଲକ୍ଷ ଟଙ୍କା ଜବତ କରିଛନ୍ତି। ଆତ୍ମ ସମର୍ପଣ ମାଓ ଦୁଇ ମହିଳା ମାନେ ତାଙ୍କ ସହଯୋଗୀଙ୍କୁ ନେଇ ଜଙ୍ଗଲରେ ଲୁଚାଇଥିବା ମାଟି ତଳରେ ଟଙ୍କା ପୋତିଥିଲେ। ସେହି ଟଙ୍କାକୁ ଆଣିବା ପାଇଁ ଦୁଇ ମହିଳା ମାଓ ସହ ଜଣେ ସମର୍ଥକ ଯାଇ ଆଣିବା ପ୍ରାୟସ କରୁଥିଲେ। ତାଙ୍କ ପ୍ରୟାସ କୁ ପୋଲିସ ଭଣ୍ଡୁର କରି ତାଙ୍କୁ ଗିରଫ କରିଛନ୍ତି। ସମ୍ବାଦିକ ସମ୍ମିଳନୀ ରେ ଅତିରିକ୍ତ ପୋଲିସ ଆରକ୍ଷୀ ଅଧୀକ୍ଷକ ପକ୍ଷରୁ ଏସପି ସାମ୍ବାଦିକ ସମ୍ମିଳନୀ ରେ ସୂଚନା ଦେଇଛନ୍ତି। ସୁକମା ଜିଲ୍ଲାର ଗାମଗୁଲାର ଗ୍ରାମର ସାଙ୍ଗୋ ଔରଫ ରୋଶନୀ,ଚଳପତିର ମୁଖ୍ୟ ଗାଡ ଥିଲେ। ଦ୍ୱିତୀୟ ସୁକମା ଜିଲ୍ଲା ଏଟେଗଟ୍ଟା ବୁଦ୍ଧରୀ ମୁଚାକି ଔରଫ ସୋନୀ,ତୃତୀୟ ଆରୋପି ଭୂତଟୋଣ୍ଡା ଗ୍ରାମ ମେନପୁର୍ର ନୋହର ମରକାମଙ୍କୁ ଗିରଫ କରିଛନ୍ତି। ଘଟଣା ସ୍ଥଳରୁ୩ ଗୋଟି ମୋବାଇଲ୍ ଫୋନ୍,ଏକ ବାଇକ ଜବତ କରିଛନ୍ତି। ଏହି ସମ୍ପର୍କରେ ଅତିରିକ୍ତ ପୋଲିସ ଆରକ୍ଷୀ ଅଧୀକ୍ଷକ କର୍ଣ୍ଣ ଓକେ ସୂଚନା ଦେଇଛନ୍ତି। ଭାରତ ଦଣ୍ଡ ସହିତା ଅନୁଧାୟୀ ଧାରା ୩୦୮ (୨),୬୧ (୨) ଅଧିନିୟମ ୟୁଏପିଏ ଅନୁଧାୟୀ ୧୭, ୧୮, ୨୦, ୩୮ ଓ ୪୦ ମାମଲା ଦର୍ଜ କରିଛନ୍ତି।



ସୌମ୍ୟରଞ୍ଜନ ମାମଲା: ବିଦ୍ୟାଭାରତୀଙ୍କ ଆତ୍ମସମର୍ପଣ

ଗଜପତି,୨।୧୧(ନି.ସୂ):ବହୁଚର୍ଚ୍ଚିତ ସହାୟକ ବନ ସଂରକ୍ଷକ ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ମାମଲା ପୁଣିଥରେ ଚର୍ଚ୍ଚାର ପରିସରକୁ ଫେରିଛି। ଦୀର୍ଘ ସମୟର ଅପେକ୍ଷା ଓ ଆଇନଗତ ପ୍ରକ୍ରିୟା ପରେ ଏହି ମାମଲାର ଅଭିଯୁକ୍ତ ତଥା ମୃତ ସୌମ୍ୟରଞ୍ଜନଙ୍କ ପତ୍ନୀ ବିଦ୍ୟାଭାରତୀ ପଣ୍ଡା ପାରଳାଖେମୁଣ୍ଡି ଉପଖଣ୍ଡ ବିଚାର ବିଭାଗୀୟ ଅଦାଲତରେ ଆତ୍ମସମର୍ପଣ କରିଛନ୍ତି। ଉଚ୍ଚ ନ୍ୟାୟାଳୟରେ ତାଙ୍କ ଆଗୁଆ ଜାମିନ ଆବେଦନ ଖାରଜ ହେବା ପରେ ଏହି ପଦକ୍ଷେପ ନେଇଥିବା ଜଣାପଡ଼ିଛି। ତାଙ୍କର ଏହି ଆତ୍ମସମର୍ପଣ ସହ ମାମଲାର ପରବର୍ତ୍ତୀ ନ୍ୟାୟିକ ପ୍ରକ୍ରିୟା ନେଇ ନୂଆ ଆଲୋଚନା ଆରମ୍ଭ ହୋଇଛି। ୨୦୨୧ ମସିହାରେ ଗଜପତି ଜିଲ୍ଲାରେ କାର୍ଯ୍ୟରତ ସହାୟକ ବନ ସଂରକ୍ଷକ ସୌମ୍ୟରଞ୍ଜନ ମହାପାତ୍ର ନିଜ ସରକାରୀ ବାସଭବନରେ ଦଗ୍ଧ ଅବସ୍ଥାରେ ଉଦ୍ଧାର ହୋଇଥିଲେ।ପରବର୍ତ୍ତୀ ସମୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣା ସେତେବେଳେ ସମଗ୍ର ଗଜପତି ଜିଲ୍ଲାରେ ଏବଂ ଓଡ଼ିଶାରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଥିଲା। ପରିବାରର ଅଭିଯୋଗ ଓ ତଦନ୍ତର ପ୍ରଶ୍ନ ମୃତ ସୌମ୍ୟରଞ୍ଜନଙ୍କ ପିତା ଅଭିରାମ ମହାପାତ୍ର ତତ୍କାଳୀନ ବିଭାଗୀୟ ବନ ଅଧିକାରୀ ସଂଗ୍ରାମ କେଶରୀ ବେହେରା, ରୋଷେୟା ମନ୍ମଥ କୁମ୍ଭ ଏବଂ ବୋହୂ ବିଦ୍ୟାଭାରତୀ ପଣ୍ଡାଙ୍କ ବିରୋଧରେ ହତ୍ୟା ସମ୍ପର୍କିତ ଅଭିଯୋଗ ଆଣିଥିଲେ। ଏହାପରେ ମାମଲାଟି ତଦନ୍ତ, ଆଇନଗତ ଲଢ଼େଇ ଓ ନ୍ୟାୟିକ ପ୍ରକ୍ରିୟା ଦେଇ ଗତି କରିଥିଲା। ଅନ୍ୟ ଦୁଇ ଅଭିଯୁକ୍ତଙ୍କ ହାଜର ପରେ ଏବେ ବିଦ୍ୟାଭାରତୀ ଦୀର୍ଘଦିନ ଧରି ଅଦାଲତରେ ବ୍ୟକ୍ତିଗତ ଭାବେ ହାଜର ହେବା ପ୍ରସଙ୍ଗକୁ ନେଇ ଆଇନଗତ ପ୍ରକ୍ରିୟା ଜାରି ରହିଥିଲା। ସର୍ବୋଚ୍ଚ ନ୍ୟାୟାଳୟରେ ଆବେଦନ ଖାରଜ ହେବା ପରେ ଉପଖଣ୍ଡ ବିଚାର ବିଭାଗୀୟ ଅଦାଲତରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଥିବା ଖବର ପ୍ରକାଶ ପାଇଥିଲା। ଏହାପରେ ପୂର୍ବତନ ବିଭାଗୀୟ ବନ ଅଧିକାରୀ ସଂଗ୍ରାମ କେଶରୀ ବେହେରା ଓ ରୋଷେୟା ମନ୍ମଥ କୁମ୍ଭ ଅଦାଲତରେ ହାଜର ହୋଇଥିଲେ ଏବଂ ବିଚାର ବିଭାଗୀୟ ହାଜତକୁ ଯାଇଥିଲେ। ଏବେ ବିଦ୍ୟାଭାରତୀଙ୍କ ଆତ୍ମସମର୍ପଣ ଫଳରେ ମାମଲାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଆରମ୍ଭ ହୋଇଛି। ଆଗାମୀ ଶୁଣାଣିରେ କେଉଁ ଦିଗ ଗୁରୁତ୍ୱ ପାଇବ? ବିଦ୍ୟାଭାରତୀଙ୍କ ଆତ୍ମସମର୍ପଣ ପରେ ଅଦାଲତ ତାଙ୍କୁ ନେଇ କେଉଁ ନିର୍ଦ୍ଦେଶ ଦେବେ? ଜାମିନ ସମ୍ପର୍କିତ ପରବର୍ତ୍ତୀ ଆଇନଗତ ପଦକ୍ଷେପ କ'ଣ ହେବ?ଏବଂ ମାମଲାର ବିଚାର କେଉଁ ଦିଗରେ ଆଗକୁ ବଢ଼ିବ? ତାହା ଏବେ ଗୁରୁତ୍ୱପୂର୍ଣ୍ଣ। ଦୀର୍ଘ ପାଞ୍ଚ ବର୍ଷ ଧରି ନ୍ୟାୟିକ ଆଇନଗତ ଲଢ଼େଇ ଚାଲିଥିବା ଏହି ମାମଲାର ଅନେକ ପ୍ରଶ୍ନର ଉତ୍ତର ଏବେ ଉପଖଣ୍ଡ ବିଚାର ବିଭାଗୀୟ ଅଦାଲତର ପରବର୍ତ୍ତୀ ଶୁଣାଣି ଓ ନିର୍ଦ୍ଦେଶ ଉପରେ ସମସ୍ତଙ୍କ ନଜର କେନ୍ଦ୍ରିତ ହୋଇଛି।



ବାତ୍ୟା 'ମୁରାସୁ' ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ବୈଠକ

କଳାହାଣ୍ଡି,୨/୧୧(ନି.ସୂ): ବାତ୍ୟା 'ମୁରାସୁ'ର ପ୍ରଭାବରେ ଆସନ୍ତା କାଲି ୩ତାରିଖଠାରୁ ଦକ୍ଷିଣ ଓଡ଼ିଶାରେ ବର୍ଷାର ପ୍ରଭାବ ବୃଦ୍ଧି ପାଇବା ସମ୍ଭାବନା ଥିବାବେଳେ ୩ ଓ ୪ ତାରିଖରେ ଦକ୍ଷିଣ ଓଡ଼ିଶା ର ବିଭିନ୍ନ ସ୍ଥାନରେ ପବନ ସହ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲାପାଳଙ୍କ ଓସ୍ୱାନ ଗୃହ ରେ କଳାହାଣ୍ଡି ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ଏକ ଆଭାସୀ ସମୀକ୍ଷା ବୈଠକ ମାଧ୍ୟମରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଡିଓ ଓ ତହସିଲଦାରଙ୍କ ସହ ଜିଲ୍ଲାର ବାତ୍ୟା ମୁକାବିଲା ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ସଫଳ ମୁକାବିଲା ପାଇଁ ସମସ୍ତ ବିଭାଗକୁ ସଜାଗ ଓ ପ୍ରସ୍ତୁତ ରହିବା ସହ ନିଜ ନିଜ କର୍ମସ୍ଥଳରେ ଉପସ୍ଥିତ ରହି ଦାୟିତ୍ୱ ସମ୍ପାଦନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।ଏଥିସହିତ, ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। କୌଣସି ଅଧିକାରୀ କିମ୍ବା କର୍ମଚାରୀ ପୂର୍ବାନୁମତି ବିନା ମୁଖ୍ୟାଳୟ ଛାଡ଼ି ଯାଇପାରିବେ ନାହିଁ। ସମସ୍ତଙ୍କୁ ମୁଖ୍ୟାଳୟରେ ରହି ସତର୍କତାର ସହ ନିଜ ନିଜ ଦାୟିତ୍ୱ ତୁଲାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଜନସାଧାରଣଙ୍କ ସୁରକ୍ଷା ଓ ଧନଜୀବନର ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଆବଶ୍ୟକୀୟ ପ୍ରସ୍ତୁତି ଓ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି।ସତର୍କତା ପଦକ୍ଷେପ ସ୍ୱରୂପ ବଜ୍ରପାତ ସହ ବନ୍ୟାରୁ ରକ୍ଷା ପାଇବା ପାଇଁ ସମସ୍ତ ନଦୀକୂଳ ନିକଟବର୍ତ୍ତୀ ଗ୍ରାମ ମାନଙ୍କରେ ମାଇକ ଦ୍ୱାରା ପ୍ରଚାର, ଜିଲ୍ଲା,ବ୍ଲକ,ତହସିଲ, ବିଜ୍ଞାପିତ ପରିଷଦ ମ୍ୟୁନିସିପାଲଟି କାର୍ଯ୍ୟାଳୟରେ ୨୪/୭ କଣ୍ଟ୍ରୋଲ ରୁମ୍, ଭୂସ୍ଖଳନ ଆଶଙ୍କା ଥିବା ଥୁଆମୂଲ୍ ରାମପୁର,ଲାଞ୍ଜିଗଡ,ଏମ ରାମପୁର ଓ କୋକସରା ବ୍ଲକରେ ଆଗୁଆ ବ୍ୟବସ୍ଥା,୨୮ ଟି ସ୍କୁଲରେ ଅସ୍ଥାୟୀ ଆଶ୍ରୟ କେନ୍ଦ୍ର,ବେଲଖଣ୍ଡି, ରାସତୁମେର, ବାଲିଛଡା, କୁଟେନ୍ ଗାଁ ଠାରେ ବହୁମୁଖୀ ବନ୍ୟା ଆଶ୍ରୟ କେନ୍ଦ୍ର ସ୍ଥାପନ, ଗର୍ଭବତୀ ମହିଳାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର,ସ୍ୱାସ୍ଥ୍ୟ କେନ୍ଦ୍ରରେ ମୋଟ ୧୯୦୦ ସାପ କାମୁଡ଼ା ଇଞ୍ଜେକ୍ସନ ଉପଲବ୍ଧ,୧୭୬୬ ପଲିଥିନ୍ ରୋଲ, ଯଥେଷ୍ଟ ପରିମାଣର ଚୁଡ଼ା, ଗୁଡ଼ ଓ ବିସ୍କୁଟ ମହଯୁଦ,ରନ୍ଧା ଖାଦ୍ୟର ବ୍ୟବସ୍ଥା କରାଯାଇଛି।ଜିଲ୍ଲାପାଳ ଆସନ୍ତାକାଲି ତା ୩.୧୧.୨୦୨୬ ରିଖ ଜିଲ୍ଲାର ସମସ୍ତ ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର ଛୁଟି ଘୋଷଣା କରିବାପାଇଁ ପଦକ୍ଷେପ ନେବାକୁ ଡି ଇ ଓ ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ଙ୍କୁ ଗୋଲାମୁଣ୍ଡା ଓ ଧର୍ମଗଡ,ସି ଡି ଓ ଜିଲ୍ଲାପରିଷଦଙ୍କୁ କଳମପୁର ଓ ଜୁନାଗଡ,ଉପ ଜିଲ୍ଲାପାଳ ଧର୍ମଗଡଙ୍କୁ କୋକସରା ଓ ଜୟପାଟଣା,ଉପ ଜିଲ୍ଲାପାଳ ଭବାନୀପାଟଣାଙ୍କୁ କେସିଙ୍ଗା ବ୍ଲକ ର ବିଶେଷ ଦାୟିତ୍ୱ ସହ ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ଅର୍ପଣ କରାଯାଇଛି।ଜିଲ୍ଲାପାଳ ରାସ୍ତା ,ପୋଲ, ଗମନାଗମନ,ବିଦ୍ୟୁତ୍ ସରାବରାହ,ପାନୀୟ ଜଳ, ଟେଲିକମ ସେବା, ସ୍ୱାସ୍ଥ୍ୟ ସେବା, ଅଗ୍ନିଶମ ,ଖାଦ୍ୟ ଯୋଗାଣ ଅଧିକାରୀଙ୍କୁ ନିଜ ଦାୟିତ୍ୱ ସୁଚାରୁ ରୂପେ ତୁଲାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳ ସମସ୍ତ ବି ଡି ଓ ସମ୍ଭାବ୍ୟ ପ୍ରଭାବିତ ଲୋକଙ୍କୁ ସ୍ଥାନାନ୍ତରଣ ପ୍ରକ୍ରିୟା ଆରମ୍ଭ କରିବା ଓ ତଦ ସମ୍ବନ୍ଧିୟ ରିପୋର୍ଟ ଶୀଘ୍ର ପ୍ରେରଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ।



ତାଳଚେର ବିଦ୍ୟୁତ୍ ଉପଭୋକ୍ତା କମିଟି ପକ୍ଷରୁ ଟାଟା ହଟାଓ, ଓଡିଶା ବଞ୍ଚାଓ ଶୋଭାଯାତ୍ରା

ତାଳଚେର,(ନି.ସୂ):ଓଡିଶାରେ ଟାଟା ପାଓ୍ୱାର କଂପାନୀ ପକ୍ଷରୁ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଶୋଷଣ କରାଯାଉଥିବାରୁ ଏନେଇ ତାଳଚେର ବିଦ୍ୟୁତ୍ ଉପଭୋକ୍ତା କମିଟି ଓ ଟାଟାରେ ନିୟୋଜିତ ଠିକା କର୍ମଚାରୀଙ୍କ ପକ୍ଷରୁ ମିଳିତ ଭାବରେ ଟାଟା ହଟାଓ-ଓଡିଶା ବଂଚାଓ ଅଭିଯାନ ନେଇ ସହରରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି ।ଆସନ୍ତା ନଭେମ୍ବର ୪ ରିଖରେ ଭୁବନେଶ୍ୱର ଠାରେ ବିଦ୍ୟୁତ୍ ଉପଭୋକ୍ତା କମିଟି ଓ ଟାଟାରେ ନିୟୋଜିତ ଠିକା କର୍ମଚାରୀଙ୍କ ପକ୍ଷରୁ ମିଳିତ ଭାବରେ ଏକ ସମାବେଶ ହେଉଥିବାରୁ ଏଥିରେ ହଜାର ହଜାର ସଂଖ୍ୟାରେ ଜନସାଧାରଣ ଯୋଗଦେବାକୁ ନିବେଦନ କରାଯାଇଛି । ସ୍ମାର୍ଟ ମିଟର ନାମରେ ଅଧିକ ଅର୍ଥ ଆଦାୟ, ଅଘୋଷିତ ବିଦ୍ୟୁତ୍ କାଟ୍, କେବୁଲ୍ ପରିବର୍ତ୍ତନ ଓ ଘରୋଇ କେବୁଲ୍ ବଦଳ ନାମରେ ୧୧୨୮ ଟଙ୍କା ଆଦାୟ, ମିଟର ସ୍ଥାନାନ୍ତରଣ ପାଇଁ ୭୯୮ ଟଙ୍କା, ମିଟର ଯାଞ୍ଚ ନାମରେ ୫୯୦ ଟଙ୍କା ଏପରି ଭାବରେ ବେନିୟମ୍ ଆଦାୟକୁ ବିରୋଧ କରାଯାଉଅଛି ।ସେହିପରି ଏନଫୋର୍ସମେଂଟ୍ ନାମରେ ଅଧିକ ଜୋରିମନା ଆଦାୟ, ବକେୟା ବିଲ୍ ରେ ମନଇଚ୍ଛା ଅର୍ଥ ଯୋଡିବା, ଧମକ୍ ପୂର୍ଣ୍ଣ ଭାବେ ବିଦ୍ୟୁତ୍ ସଂଯୋଗ କାଟିବା, ସଠିକ୍ ବିଲ୍ ଓ କାଗଜପତ୍ର ନଦେବା, ମିଟର ଜମ୍ପ ଯୋଗୁଁ ଅଧିକ ବିଲ୍ ଆସିବା ଏବଂ ମନଇଚ୍ଛା ମିଟର ଚାର୍ଜ ଆଦାୟ ଭଳି ଅନ୍ୟାୟକୁ କମିଟି ଘୋର ନିନ୍ଦା କରୁଛି । ଅଧିକ କୋଇଲା ଜାଳି ଦେଶର ସବୁଠାରୁ ଅଧିକ ବିଜୁଳି ଉତ୍ପାଦନ କରି ତାଳଚେରବାସୀଙ୍କୁ ପ୍ରଦୂଷଣରେ ଜର୍ଜରିତ କରି ବିଭିନ୍ନ ମାରାତ୍ମକ ରୋଗରେ ଶୀକାର ହେଉଥିବାରୁ ତାଳଚେରବାସୀଙ୍କୁ ଏନଟିପିସି ପକ୍ଷରୁ ମାଗଣା ବିଜୁଳି ଯୋଗାଇ ଦେବା ପାଇଁ ଉପଭୋକ୍ତା କମିଟି ସରକାରଙ୍କ ପାଖରେ ଦାବୀ କରୁଅଛି । ଲୋକଙ୍କ ସ୍ୱାର୍ଥ ରକ୍ଷା ପାଇଁ ବିଭିନ୍ନ ନାରାବାଜି ଦେଇ ଉପଭୋକ୍ତା କମିଟି ପକ୍ଷରୁ ନଖିଆ ସାହୁ, କେଶବ ଭୂତିଆ, ସୁଲେଖ ସେଠୀ, ଖଗେଶ୍ୱର ନାଏକ, ପ୍ରଫୁଲ ନାଏକ, ବିଜୟ ମିଶ୍ର, ଶ୍ରୀକାନ୍ତ ଦାସ, ପ୍ରଦୀପ ମହାରଣା, ବାପି ମହାନ୍ତି, ସତ୍ୟାନନ୍ଦ ମହାନ୍ତି, ଅଶ୍ୱିନୀ ଶତପଥି, ଉତ୍କଳ ସିଂ, ସୁରଥ ରଥ ପ୍ରମୁଖ ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ ।



ବାରଙ୍ଗ ବ୍ଲକରେ ଚାଉଳ ବଣ୍ଟନକୁ ନେଇ ଅବ୍ୟବସ୍ଥା ଅଭିଯୋଗ

୧୬ ପଞ୍ଚାୟତ ପାଇଁ ୩୬ ଡିଲରଙ୍କ ଉପରେ ଅଧିକ ଚାପ; ଷ୍ଟକ୍ ଅଭାବ, ଲିଙ୍କ୍ ଫେଲ୍ ଓ ଓଜନ ତ୍ରୁଟିରେ ଡିଲରଙ୍କଠାରୁ ଖାଉଟି ପର୍ଯ୍ୟନ୍ତ ହନ୍ତସନ୍ତ

ଫୁଲନଖରା,(ନି.ସୂ) : ଗରିବ ଓ ଅସହାୟ ପରିବାରଙ୍କୁ ଖାଦ୍ୟ ସୁରକ୍ଷା ଯୋଗାଇଦେବା ଲକ୍ଷ୍ୟରେ ସରକାରଙ୍କ ପକ୍ଷରୁ ରାସନ୍ ଚାଉଳ ବଣ୍ଟନ କରାଯାଉଛି। ମାତ୍ର କଟକ ଜିଲ୍ଲାର ବାରଙ୍ଗ ବ୍ଲକ ଅଞ୍ଚଳରେ ଚାଉଳ ବଣ୍ଟନ ବ୍ୟବସ୍ଥାକୁ ନେଇ ବିଭିନ୍ନ ଅଭିଯୋଗ ସାମ୍ନାକୁ ଆସୁଛି। ନିର୍ଦ୍ଧାରିତ ସମୟରେ ଚାଉଳ ମିଳୁନଥିବା, ଡିଲରଙ୍କ ପାଖକୁ ଆବଶ୍ୟକ ମୁତାବକ ଚାଉଳ ଷ୍ଟକ ପହଞ୍ଚିବାରେ ବିଳମ୍ବ, ଇ-ପିଓଏସ୍ ମେସିନ୍‌ରେ ଲିଙ୍କ ସମସ୍ୟା ଏବଂ ଚାଉଳ ବସ୍ତାର ଓଜନକୁ ନେଇ ଅସନ୍ତୋଷ ଦେଖାଦେଉଥିବା ଅଭିଯୋଗ ହୋଇଛି। ଏହାର ପ୍ରଭାବରେ ଡିଲରଙ୍କଠାରୁ ଆରମ୍ଭ କରି ସାଧାରଣ ଖାଉଟି ପର୍ଯ୍ୟନ୍ତ ସମସ୍ତେ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା କୁହାଯାଉଛି।ସୂଚନାନୁଯାୟୀ, ବାରଙ୍ଗ ବ୍ଲକରେ ମୋଟ ୧୬ଟି ଗ୍ରାମ ପଞ୍ଚାୟତ ଅଧୀନରେ ୩୬ ଜଣ ରାସନ୍ ଡିଲରଙ୍କ ଜରିଆରେ ଖାଉଟିଙ୍କୁ ଚାଉଳ ବଣ୍ଟନ କରାଯାଉଛି। ତେବେ ଅଞ୍ଚଳର ଜନସଂଖ୍ୟା ବୃଦ୍ଧି, ହିତାଧିକାରୀଙ୍କ ସଂଖ୍ୟା ବଢ଼ିବା ଏବଂ ନୂତନ ଡିଲର ନିଯୁକ୍ତି ନେଇ ଦୀର୍ଘଦିନ ଧରି ଉଦ୍ୟମ ହୋଇନଥିବା ଅଭିଯୋଗ ମଧ୍ୟରେ ଅନେକ ଡିଲରଙ୍କ ଉପରେ ଅଧିକ କାର୍ଯ୍ୟଭାର ପଡୁଛି। ବିଶେଷକରି ଦୀର୍ଘଦିନ ଧରି ପୁରୁଣା ଡିଲରମାନେ ଚାଉଳ ବଣ୍ଟନ କରୁଥିବାବେଳେ ଜନସଂଖ୍ୟା ବୃଦ୍ଧି ସହିତ ହିତାଧିକାରୀଙ୍କ ସଂଖ୍ୟା ମଧ୍ୟ ବଢ଼ିଛି। ଫଳରେ ଅନେକ ଡିଲରଙ୍କ ଅଧୀନରେ ଶହ ଶହ ରାସନ୍ କାର୍ଡ ରହିଥିବାରୁ ବଣ୍ଟନ କାର୍ଯ୍ୟରେ ଚାପ ବଢୁଥିବା କୁହାଯାଉଛି। ଅନ୍ୟପକ୍ଷରେ, ଡିଲରଙ୍କ ପାଖକୁ ଚାଉଳ ଷ୍ଟକ ନିୟମିତ ଭାବେ ଏବଂ ଠିକ୍ ସମୟରେ ପହଞ୍ଚୁନଥିବା ଅଭିଯୋଗ ରହିଛି। ଷ୍ଟକ୍ ଆସିବାରେ ବିଳମ୍ବ ହେଲେ ଡିଲରମାନେ ନିର୍ଦ୍ଧାରିତ ସମୟରେ ଖାଉଟିଙ୍କୁ ଚାଉଳ ଯୋଗାଇବାରେ ଅସୁବିଧାରେ ପଡୁଛନ୍ତି। ଏହାଦ୍ୱାରା ଦୂରଦୂରାନ୍ତରୁ ରାସନ୍ ନେବାକୁ ଆସୁଥିବା ହିତାଧିକାରୀଙ୍କୁ ବାରମ୍ବାର ଡିଲରଙ୍କ ପାଖକୁ ଦୌଡ଼ିବାକୁ ପଡୁଛି। ଅନେକ ସମୟରେ ଦିନମଜୁରିଆ ଓ ଶ୍ରମଜୀବୀ ଲୋକମାନେ କାମଧନ୍ଦା ଛାଡ଼ି ରାସନ୍ ପାଇଁ ଅପେକ୍ଷା କରୁଥିବାରୁ ସେମାନଙ୍କ ଦୈନନ୍ଦିନ ଜୀବନ ମଧ୍ୟ ପ୍ରଭାବିତ ହେଉଛି। ପୂର୍ବରୁ ହିତାଧିକାରୀଙ୍କୁ ମୁଣ୍ଡପିଛା ୫ କିଲୋଗ୍ରାମ ଚାଉଳ ମିଳୁଥିବାବେଳେ ବର୍ତ୍ତମାନ ପ୍ରଚଳିତ ଯୋଜନା ଅନୁଯାୟୀ ଅତିରିକ୍ତ ୫ କିଲୋଗ୍ରାମ ଚାଉଳ ଯୋଗାଇ ଦିଆଯାଉଥିବା ନେଇ ଆଲୋଚନା ହେଉଛି। ଏହାଦ୍ୱାରା ହିତାଧିକାରୀଙ୍କୁ ଅଧିକ ଚାଉଳ ମିଳୁଥିଲେ ମଧ୍ୟ ବଣ୍ଟନ ବ୍ୟବସ୍ଥାରେ ସ୍ୱଚ୍ଛତା, ସମୟାନୁବର୍ତ୍ତିତା ଓ ସୁବ୍ୟବସ୍ଥା ରହିବା ଜରୁରୀ ବୋଲି ମତ ପ୍ରକାଶ ପାଇଛି। ସରକାରୀ ଯୋଜନାର ସୁଫଳ ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ଠିକ୍ ସମୟରେ ପହଞ୍ଚିବା ଉଚିତ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି।ଚାଉଳ ବଣ୍ଟନ ପ୍ରକ୍ରିୟାରେ ଇ-ପିଓଏସ୍ ମେସିନ୍ର ଲିଙ୍କ୍ ସମସ୍ୟା ମଧ୍ୟ ଏକ ପ୍ରମୁଖ ସମସ୍ୟା ଭାବେ ଦେଖାଦେଉଛି। ଅନଲାଇନ୍ ଲିଙ୍କ୍ ଠିକ୍ ଭାବେ କାମ ନକରିବା କିମ୍ବା ମେସିନ୍‌ରେ ତ୍ରୁଟି ଦେଖାଦେବା ଯୋଗୁଁ ହିତାଧିକାରୀଙ୍କ ଆଙ୍ଗୁଠି ଛାପ ଓ ଅନ୍ୟାନ୍ୟ ଆବଶ୍ୟକ ପ୍ରକ୍ରିୟା ସମ୍ପନ୍ନ କରିବାରେ ବିଳମ୍ବ ହେଉଥିବା ଅଭିଯୋଗ ରହିଛି। ଏପରି ପରିସ୍ଥିତିରେ ଡିଲରମାନେ ଚାହିଁଲେ ମଧ୍ୟ ଠିକ୍ ସମୟରେ ଚାଉଳ ବଣ୍ଟନ କରିପାରୁନଥିବା ବେଳେ ଖାଉଟିମାନେ ଦୀର୍ଘ ସମୟ ଅପେକ୍ଷା କରି ନିରାଶ ହେଉଛନ୍ତି। ତେଣୁ ଏହି ବୈଷୟିକ ସମସ୍ୟାର ସ୍ଥାୟୀ ସମାଧାନ ସହିତ ମେସିନ୍‌ଗୁଡ଼ିକୁ ସଚଳ ରଖିବା ଦିଗରେ ଯୋଗାଣ ବିଭାଗ ତତ୍ପର ହେବା ଆବଶ୍ୟକ ବୋଲି ଦାବି ହେଉଛି। ଏହାସହ ୫୦ କିଲୋଗ୍ରାମ୍ ଚାଉଳ ଲେଖାଥିବା ବସ୍ତାରେ ପ୍ରକୃତ ଓଜନ ଠିକ୍ ରହୁନଥିବା ନେଇ ମଧ୍ୟ କେତେକ ଡିଲର ଅଭିଯୋଗ କରିଥିବା କୁହାଯାଉଛି। ବସ୍ତାରେ ଉଲ୍ଲେଖ ଥିବା ଓଜନ ଓ ବାସ୍ତବ ଓଜନ ମଧ୍ୟରେ ତାରତମ୍ୟ ରହିଲେ ଚାଉଳ ବଣ୍ଟନ ସମୟରେ ଡିଲରମାନେ ସମସ୍ୟାରେ ପଡୁଛନ୍ତି। ଏପରି ଅଭିଯୋଗର ସତ୍ୟତା ଯାଞ୍ଚ କରିବା ସହିତ ଚାଉଳ ବସ୍ତାର ଓଜନ ନିୟମିତ ଭାବେ ଯାଞ୍ଚ କରାଯିବା ଜରୁରୀ। ଯଦି ଓଜନରେ କୌଣସି ତ୍ରୁଟି ରହିଛି, ତେବେ ତାହାର ଦାୟିତ୍ୱ ନିର୍ଦ୍ଧାରଣ କରି ଉଚିତ ପଦକ୍ଷେପ ନିଆଯିବା ଆବଶ୍ୟକ।ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କୁ ନିର୍ଦ୍ଧାରିତ ପରିମାଣର ଚାଉଳ ଯୋଗାଇଦେବାର ବ୍ୟବସ୍ଥା ଥିବାବେଳେ ବଣ୍ଟନ ପ୍ରକ୍ରିୟାରେ ଏପରି ସମସ୍ୟା ଦେଖାଦେବା ଚିନ୍ତାର ବିଷୟ। ଯୋଗାଣ ବ୍ୟବସ୍ଥାରେ ସ୍ୱଚ୍ଛତା ଓ ନିୟମିତତା ରହିଲେ ହିଁ ଯୋଜନାର ପ୍ରକୃତ ସୁଫଳ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରିବ। ତେଣୁ ଚାଉଳ ଷ୍ଟକ୍ର ନିୟମିତ ଯୋଗାଣ,ଇ-ପିଓଏସ୍ ମେସିନ୍ର ସୁଚାରୁ ପରିଚାଳନା,ବସ୍ତାର ଓଜନ ଯାଞ୍ଚ ଏବଂ ଆବଶ୍ୟକତା ଅନୁଯାୟୀ ନୂତନ ରାସନ୍ ଡିଲର ନିଯୁକ୍ତି ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି। ଏହି ପରିପ୍ରେକ୍ଷୀରେ ନିଆଳି ଓ ବାଙ୍କୀ ବିଧାନସଭା କ୍ଷେତ୍ରର ଜନପ୍ରତିନିଧିଙ୍କ ସମେତ ଯୋଗାଣ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ଉଠିଛି।



ନଭେମ୍ବର ୩ରୁ ୫ "କଟକ ନାଟ୍ୟୋତ୍ସବ-୨୦୨୬" ଚୂଡାନ୍ତ ପର୍ଯ୍ୟାୟ



କଟକ, ୦୨/୧୧(ନି.ସୂ): ନାଟ୍ୟକଳା ଓ ଅଭିନୟ ପ୍ରତି ଛାତ୍ରଛାତ୍ରୀଙ୍କ ଆଗ୍ରହ, ସୃଜନଶୀଳତା ତଥା ପ୍ରତିଭାର ବିକାଶ ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ "କଟକ ନାଟ୍ୟୋତ୍ସବ" ଦ୍ୱିତୀୟ ସଂସ୍କରଣର ଚୂଡାନ୍ତ ପର୍ଯ୍ୟାୟ ନଭେମ୍ବର ୩ରୁ ୫ ତାରିଖ ପର୍ଯ୍ୟନ୍ତ ରେଭେନ୍ସା ବିଶ୍ୱବିଦ୍ୟାଳୟର ସେଭେନ୍ ପିଲାର୍ସ ଅଫ୍ ୱିସଡମ୍‌ଠାରେ ଅନୁଷ୍ଠିତ ହେବ । ପ୍ରତିଦିନ ପୂର୍ବାହ୍ନ ୧୦ଟାରୁ ନାଟକ ପରିବେଷଣ ଆରମ୍ଭ ହୋଇ ଅପରାହ୍ନ୪ଟା ପର୍ଯ୍ୟନ୍ତ ଚାଲିବ। ଏହି ପର୍ଯ୍ୟାୟରେ ମୋଟ ୧୦ଟି ଦଳ ସେମାନଙ୍କ ନାଟ୍ୟ ପ୍ରତିଭା ପ୍ରଦର୍ଶନ କରିବେ । ଆସନ୍ତା କାଲି ପୂର୍ବାହ୍ନ ୧୦ ଘଟିକା ସମୟରେ ମଞ୍ଚପୂଜା ଅନୁଷ୍ଠିତ ହେବ ଓ ପରେ ପରେ ବିଜୁ ପଟ୍ଟନାୟକ ଫିଲ୍ମ ଓ ଟେଲିଭିଜନ ଇନଷ୍ଟିଚ୍ୟୁଟ ପକ୍ଷରୁ ନାଟକ ମହାବାହୁ ପରିବେଷଣ କରାଯିବ । ଗତବର୍ଷ ଭଳି ଚଳିତ ବର୍ଷ ମଧ୍ୟ ନାଟ୍ୟୋତ୍ସବର ବିଜେତା ଦଳକୁ ବାଲିଯାତ୍ରାର ବୈଷ୍ଣବ ପାଣି ମଞ୍ଚରେ ପ୍ରଦର୍ଶନ କରିବାର ସୁଯୋଗ ପ୍ରଦାନ କରାଯିବ । ଦଳଗତ ପୁରସ୍କାର ବ୍ୟତୀତ ବିଭିନ୍ନ ବ୍ୟକ୍ତିଗତ ଓ କଳାତ୍ମକ ବିଭାଗରେ ମଧ୍ୟ ପୁରସ୍କାର ପ୍ରଦାନ କରାଯିବ ।ଦର୍ଶକମାନେ ଏହି ନାଟକଗୁଡ଼ିକୁ ବିନାମୂଲ୍ୟରେ ଉପଭୋଗ କରିବାର ସୁଯୋଗ ପାଇବେ। ପୂର୍ବରୁ ନେତାଜୀ ସଂସ୍କୃତି ଭବନଠାରେ ଅକ୍ଟୋବର ୫ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ସେମିଫାଇନାଲ ଆୟୋଜିତ ହୋଇଥିଲା । ଏହି ପର୍ଯ୍ୟାୟରେ ମୋଟ ୧୩ଟି ଦଳ ସେମାନଙ୍କ ନାଟ୍ୟ ପ୍ରତିଭା ପ୍ରଦର୍ଶନ କରିଥିଲେ । ନାଟ୍ୟ ବିଶେଷଜ୍ଞ ତଥା ବିଚାରକମଣ୍ଡଳୀଙ୍କ ଦ୍ୱାରା ନାଟକଗୁଡ଼ିକର ମୂଲ୍ୟାୟନ କରାଯାଇ ୧୦ ଟି ଦଳକୁ ଚୂଡାନ୍ତ ପର୍ଯ୍ୟାୟକୁ ଚୟନ କରାଯାଇଥିଲା । ଏହି ନାଟ୍ୟୋତ୍ସବ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନାଟ୍ୟକଳା ପ୍ରତି ରୁଚି ବୃଦ୍ଧି କରିବା ସହ କଟକର ସମୃଦ୍ଧ ନାଟ୍ୟ ଐତିହ୍ୟ ଓ ଓଡ଼ିଆ ନାଟ୍ୟକଳାର ଗୌରବମୟ ପରମ୍ପରାକୁ ଆହୁରି ସମୃଦ୍ଧ କରିବାରେ ସହାୟକ ହେବ ।

ବେଆଇନ ମଦ ବିକ୍ରି ବିରୋଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ଜିଲ୍ଲା ପ୍ରଶାସନ : ମହିଳାମାନଙ୍କୁ ଆଶ୍ୱାସନ ଦେଲେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ

ନବରଙ୍ଗପୁର,୦୨/୧୧(ନି.ସୂ):ନବରଙ୍ଗପୁର ପୌରପାଳିକା କାର୍ଯ୍ୟାଳୟଠାରେ ଆୟୋଜିତ ମିଳିତ ଜନ ଅଭିଯୋଗ ଶୁଣାଣିରେ ବେଆଇନ ମଦ ବିକ୍ରି ସମ୍ପର୍କରେ ଅଭିଯୋଗ ନେଇ ଆସିଥିବା ମହିଳାମାନଙ୍କୁ ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ଓ ଆରକ୍ଷୀ ଅଧୀକ୍ଷକ ଶ୍ରୀ କଶ୍ୟପ ପାର୍ଥ ଜଗଦୀଶ ଆଶ୍ୱାସନା ଦେଇ କହିଛନ୍ତି ଯେ, ବେଆଇନ ମଦ ବିକ୍ରି ବିରୋଧରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।ପୋଲିସ ଓ ଅବକାରୀ ବିଭାଗର ମିଳିତ ଟିମ୍ ପକ୍ଷରୁ ଚଢ଼ାଉ କରାଯାଇ ବେଆଇନ ମଦ ଜବତ କରିବା ସହ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନାନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ। ଏଥିସହ ଜିଲ୍ଲାର ଜନସାଧାରଣ ବେଆଇନ ମଦ ବିକ୍ରି ସମ୍ପର୍କିତ କୌଣସି ସୂଚନା ପାଇଲେ ତୁରନ୍ତ ପ୍ରଶାସନକୁ ଅବଗତ କରାଇବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି, ଯାହାଦ୍ୱାରା ତୁରନ୍ତ ଚଢ଼ାଉ ଓ ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ସମ୍ଭବ ହୋଇପାରିବ।ଶୁଣାଣି ସମୟରେ ମହିଳାମାନେ ଭାଟିସାଲଗୁଡ଼ା ଏବଂ ଡାବୁଗାଁ ବ୍ଲକରେ ଥିବା ଗୋଟିଏ ଲେଖାଏଁ ମଦ ଦୋକାନର ନବୀକରଣ ପ୍ରକ୍ରିୟା ପାଇଁ ପ୍ରକାଶିତ ଟେଣ୍ଡର ବିଜ୍ଞପ୍ତିକୁ ବାତିଲ କରିବା ନିମନ୍ତେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଜିଲ୍ଲାପାଳ ଉକ୍ତ ଦାବିପତ୍ରକୁ ସରକାରଙ୍କ ନିକଟକୁ ପ୍ରେରଣ କରାଯିବ ଏବଂ ସରକାରଙ୍କ ସ୍ତରରେ ଏ ସମ୍ପର୍କରେ ଆବଶ୍ୟକ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ସୂଚନା ଦେଇଥିଲେ।



ବନ୍ୟାଞ୍ଚଳରେ ଆଶ୍ୱସ୍ତି: ଟ୍ୟାଙ୍କରରେ ପାନୀୟ ଜଳ



ହିଞ୍ଜିଳିକାଟୁ,୨।୧୧(ନି.ସୂ): ବାତ୍ୟା ଅର୍ଣ୍ଣବ ପ୍ରଭାବରେ ୩ ଦିନ ଧରି ଲଗାଣ ବର୍ଷା ଯୋଗୁଁ ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ଘୋଡାହାଡ ନଦୀର ଜଳସ୍ତର ବୃଦ୍ଧି ପାଇବା ସହ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ହିଞ୍ଜିଳିକାଟୁ ପୌରାଞ୍ଚଳ ଶ୍ୟାମଳାଇ ନଗର, ଶ୍ରୀକ୍ଷେତ୍ର ମାର୍ଗ ସମେତ ସ୍ଥାନୀୟ ବ୍ଲକର ଖରିଡା, ଗିରିଆ, ଆଳପୁର, ବୁରୁପଡା, ପୋଡଙ୍ଗି, ଖଣ୍ଡରା, ଚାନ୍ଦୁଲି, ବଳରାମପୁର ଗ୍ରାମର ଲୋକେ ଜଳଘେରରେ ରହିଥିଲେ। ପ୍ରଶାସନ ପକ୍ଷରୁ ଆବଶ୍ୟକତା ଅନୁସାରେ ଶୁଖିଲା ଖାଦ୍ୟ ଯୋଗାଣ କରାଯାଉନଥିବା ଅଭିଯୋଗ ହୋଇଛି। ଫଳରେ ସଂପୃକ୍ତ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଏପରିକି ସ୍ଥାନୀୟ ବ୍ଲକର ବୁରୁପଡା ଗ୍ରାମରେ ଏଯାବତ୍ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ରହିଛି। ଜଳବନ୍ଦୀ ଘେରରେ ରହିଥିବା ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନେଇ ଦାବି ହୋଇଥିଲା। ହିଞ୍ଜିଳିକାଟୁ ବିଡ଼ିଓ ସାଗରୀକା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶରେ ହିଞ୍ଜିଳିକାଟୁ ଗ୍ରାମ୍ୟ ପରିମଳ ଓ ଜଳଯୋଗାଣ ବିଭାଗ ପକ୍ଷରୁ ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ଦଳେଇ ଓ ସନ୍ତୋଷ କୁମାର ଦାଶ ବିଭିନ୍ନ ଗ୍ରାମ ପରିଦର୍ଶନ କରିଥିଲେ। ପାନୀୟ ଜଳ ଯୋଗାଣ ଏକାନ୍ତ ଆବଶ୍ୟକ ରହିଥିବାରୁ ବିଭାଗ ପକ୍ଷରୁ ବସୁଧା ଯୋଜନାରେ ବସୁଧା ଯାନ ଦ୍ୱାରା ଜଳକୁ ବିଶୁଦ୍ଧ କରାଯାଇ ଟ୍ୟାଙ୍କର ଯୋଗେ ବିଭିନ୍ନ ଗ୍ରାମକୁ ପାନୀୟ ଜଳ ଯୋଗାଣ କରାଯାଉଥିବା ଦେଖିବାକୁ ମିଳିଛି। ଏଥିସହ ବନ୍ୟା ପ୍ରଭାବିତ ୧୧ଟି ଗ୍ରାମରେ ଥିବା ନଳକୂପ ଓ ଜଳଉତ୍ସ ଗୁଡିକୁ ଯୁଦ୍ଧକାଳୀନ ଭିତ୍ତିରେ ବ୍ଲିଚିଂ ପକାଇ ବିଶୋଧନ କରାଯାଇଛି। ମକରଝୋଲ ଗ୍ରାମ ପଞ୍ଚାୟତ ଅଧୀନ ବଳରାମପୁର ଗ୍ରାମକୁ ଜେନେରେଟର ସାହାଯ୍ୟରେ ଓଭରହେଡ୍ ଟ୍ୟାଙ୍କରୁ ପାନୀୟ ଜଳ ଯୋଗାଣ କରାଯାଇଛି। ପ୍ରଶାସନ କିମ୍ବା ଜନ ପ୍ରତିନିଧି ମାନଙ୍କ ପକ୍ଷରୁ ବନ୍ୟା ପ୍ରଭାବିତଙ୍କୁ ରିଲିଫ କିମ୍ବା ରନ୍ଧା ଖାଦ୍ୟ ଯୋଗାଣ କରାଯାଉନଥିବା ବେଳେ ସ୍ୱେଚ୍ଛାସେବୀ ସଂଗଠନ ଓ ହିଞ୍ଜିଳି ପୁଲିସ ପ୍ରଶାସନ ପକ୍ଷରୁ କିଛି ଗ୍ରାମକୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ପ୍ରଶାସନ କିମ୍ବା ଜନ ପ୍ରତିନିଧି ମାନଙ୍କ ପକ୍ଷରୁ ବନ୍ୟା ପ୍ରଭାବିତଙ୍କୁ ସହାୟତା ପ୍ରଦାନ କରାଯାଉନଥିବାରୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସମୟରେ ରାଜ୍ୟର ଶାସକ ଦଳକୁ ଏହାର ସଠିକ ଜବାବ ଦିଆଯିବ ବୋଲି ବନ୍ୟା ବିପନ୍ନ ଗ୍ରାମବାସୀମାନେ କହିଛନ୍ତି। ରାଜ୍ୟ ସରକାରଙ୍କ ସମେତ ଜିଲ୍ଲା ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏ ଦିଗରେ ଦୃଷ୍ଟି ଦେଇ ବନ୍ୟା ପ୍ରଭାବିତ ଅଞ୍ଚଳର ଜନସାଧାରଣଙ୍କୁ ତୁରନ୍ତ ରିଲିଫ ପ୍ରଦାନ ସହ ମୌଳିକ ସମସ୍ୟାର ସମାଧାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

ମାଟି ଅତଡା ଖସି ଶ୍ରମିକ ମୃତ

ପଟ୍ଟାମୁଣ୍ଡାଇ,୨/୧୧(ନି.ସୂ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଲୁରିଆ ପଂଚାୟତ ସିଦ୍ଧବାଲି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଶ୍ରମିକ ପିଲର ପାଇଁ ମାଟି ଖୋଳୁଥିବା ବେଳେ ମାଟି ଅତଡା ଖସି ଗାତ ଭିତରେ ପୋତି ହୋଇ ପଡିବାରୁ ତାର ମୃତ୍ୟୁ ଘଟିଛି। ତାହାର ନାଁ ବିଦୁର ଦଳାଇ(୪୮)ବୋଲି ଜଣା ପଡ଼ିଛି। ମୃତ ବିଦୁର ଜଣେ ଗରିବ ଶ୍ରମିକ ଅଟେ। ଗତକାଲି ବିଦୁର ସିଦ୍ଧବାଲି ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ମଜୁରୀରେ ପିଲର ଗାତ ଖୋଳୁ ଥିବା ସମୟରେ ମାଟି ଅତଡା ଖସିବାରୁ ସେ ସମ୍ପୂର୍ଣ୍ଣ ପୋତି ହୋଇ ପଡିବାରୁ ଶ୍ୱାସ ରୁଦ୍ଧ ହୋଇ ମୃତ୍ୟୁ ବରଣ କରିଥିଲେ। ଘର ପାଖ ପଡ଼ୋଶୀମାନେ ମାଟି କାଢି ତାର ମର ଶରୀର କୁ ମାଟି ତଳୁ ବାହାର କରିଥିଲେ। ବାଲୁରିଆ ପଂଚାୟତ ର ପୂର୍ବତନ ସରପଞ୍ଚ ରତିକାନ୍ତ ସାହାଣୀ ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ ଙ୍କୁ ଭେଟି ଏହି ଶ୍ରମିକଙ୍କୁ ରେଡ଼କ୍ରସରୁ ସହାୟତା ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି।

ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା



ପଟ୍ଟାମୁଣ୍ଡାଇ,୨/୧୧(ନି.ସୂ): ସମାଜରେ ବରିଷ୍ଠ ନାଗରିକମାନଙ୍କୁ ଅନେକ ସମୟରେ ଅଣଦେଖା କରାଯାଉଥିଲେ ମଧ୍ୟ ପଟ୍ଟାମୁଣ୍ଡାଇର ଅଗ୍ରଣୀ ସାରସ୍ୱତାନୁଷ୍ଠାନ ପ୍ରତିଭା ସମ୍ମାନ ପରିଷଦ ଏକ ଅଭିନବ ଢ଼ଙ୍ଗରେ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।ପରିଷଦର ସଭାପତି ବିଶିଷ୍ଟ ଗବେଷକ ତଥା ଗାଳ୍ପିକ ଡଃ ନୀଳମଣି ଲେଙ୍କାଙ୍କ ପୌ।ରହିତ୍ୟରେ ସ୍ଥାନୀୟ ଆଶୀର୍ବାଦ ଆଶ୍ରମ ଅଗଣାରେ ସ୍ୱରତୀର୍ଥ ସଂଗୀତାନୁଷ୍ଠାନ ଶ୍ରେଣୀ କକ୍ଷରେ ଅନୁଷ୍ଠିତ ଏଇ ସମ୍ବର୍ଦ୍ଧନା ଉତ୍ସବରେ ଅତିଥି ମନୋରଞ୍ଜନ ଦାଶ,ମୁଖ୍ୟ ଅତିଥି ଭାବେ ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟର ଅଧ୍ୟାପିକା ଡଃ ଚିତ୍ରା କାନ୍ତି ସେଠୀ, ମୁଖ୍ୟ ବକ୍ତା ଭାବେ ଏଚ୍.ଏନ.ଏସ୍ କଲେଜର ପ୍ରାକ୍ତନ ଅଧକ୍ଷ ଡଃ ଲକ୍ଷ୍ମଣ କୁମାର ଦାଶ ଓ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସଂଗୀତଗୁରୁ ରବୀନ୍ଦ୍ର ନାଥ ମିଶ୍ର ଯୋଗଦେଇ ବରିଷ୍ଠ ମାନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରିଲେ ସମାଜ ଶୃଙ୍ଖଳିତ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଆକର୍ଷଣ ସ୍ୱାସ୍ଥ୍ୟ ଓ ଆଧ୍ୟାତ୍ମିକ କ୍ଷେତ୍ରରେ ସାମଗ୍ରିକ ସେବା ଓ ତ୍ୟାଗ ପାଇଁ ବରିଷ୍ଠ ନାଗରିକ ଶ୍ରୀଯୁକ୍ତ ରବୀନ୍ଦ୍ର ନାଥ ଦାଶ ଏବଂ କୃଷି ଓ ସାମାଜିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ନାଗରିକ ଶ୍ରୀ ଯୁକ୍ତ ତ୍ରିଲୋଚନ ଜେନାଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱରତୀର୍ଥର ତ୍ୱଲା ଅଧ୍ୟାପକ ଅମୃତରଞ୍ଜନ ଦାସ ଅତିଥି ପରିଚୟ ଓ କଣ୍ଠଶିଳ୍ପୀ ସାଗରୀକା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସ୍ୱରତୀର୍ଥର ସମସ୍ତ ଛାତ୍ରଛାତ୍ରୀ,କର୍ମଚାରୀ ଓ ଛାତ୍ରାଭିଭାବକ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

ବରିଷ୍ଠ ନାଗରିକ ମାନେ ମନରେ ବିଷାଦକୁ ସ୍ଥାନ ଦିଅନ୍ତୁ ନାହିଁ, ହୋପ ଏଜ ପକ୍ଷରୁ ଆଲୋଚନା ଚକ୍ର



କଟକ,୧/୧୧(ନି.ସୂ):ହୋପ ଏଜ ଟ୍ରଷ୍ଟ ପକ୍ଷ ରୁ ଆଜି ସନ୍ଧ୍ୟା ରେ ମରକତ ନଗର ସେକ୍ଟର ୭ ସ୍ଥିତ ଆଶ୍ରୟ ଦି ସେଲଟର ପରିସରରେ ବରିଷ୍ଠ ନାଗରିକ ମାନଙ୍କର ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ବିକାଶ ସଂପର୍କ ରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ନିଖିଳ ଉତ୍କଳ ଶ୍ରୀ ଅରବିନ୍ଦ ପାଠଚକ୍ର ସଂଗଠନ ର ମୁଖ୍ୟ ପ୍ରସାଦ ତ୍ରିପାଠୀ ମୁଖ୍ୟ ଆଲୋଚକ ରୂପେ ଯୋଗ ଦେଇ କହିଲେ ଯେ ବରିଷ୍ଠ ନାଗରିକ ମାନେ ମନରେ ଆଦୌ ନକାରାତ୍ମକ ଚିନ୍ତାଧାରା ସ୍ଥାନ ଦେବା ଉଚିତ ନୁହେଁ.ନିଜକୁ ସର୍ବଦା ସକ୍ରିୟ ଓ ଆନନ୍ଦ ମୁଖର ରଖିବାକୁ ପ୍ରୟାସ କରନ୍ତୁ. ଏହା ଦ୍ୱାରା ପରିଣତ ବୟସ ରେ ଜୀବନ ସୁଖ,ଶାନ୍ତିରେ ପରିପୂର୍ଣ୍ଣ ହୋଇ ଯିବ ବୋଲି ଶ୍ରୀ ତ୍ରିପାଠୀ ପ୍ରକାଶ କରିଥିଲେ । ସଭାପତି କିଶୋର ଶତପଥୀଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ର ରେ ଟ୍ରଷ୍ଟି ଡ଼ଃ ସତ୍ୟ ରାୟ, ଉପ ସଭାପତି ବିଜୟ ପୃଷ୍ଟି, ସଂପାଦକ ରଂଜିତ ସାହୁ, ଯୁଗ୍ମ ସଂପାଦିକା ସୁଜାତା ପଟ୍ଟନାୟକ, ବୃନ୍ଦାବନ ହୋତା,ପ୍ରମିଳା ଦାସବର୍ମା, ଇଂ କେ. କେ ଦାସ ବର୍ମା, କସ୍ତୁରୀ ରାୟ, ହିମାଂଶୁ ବାଳା ପଟ୍ଟନାୟକ, ଉତ୍କଳ ଭୂଷଣ ରାଉତରାୟ, ପି କେ ସାହୁ, ପ୍ରମୋଦ ପଟ୍ଟନାୟକ, ଶଶି ଭୂଷଣ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ରସ ରାଜ ନାୟକ ସଂଗୀତ ପରିବେଷଣ କରିଥିଲେ ।

ତାଳଚେର ବିକ୍ରମପୁର ସ୍ଥିତ ବିଦ୍ୟୁତ କଲୋନୀରେ ବାଲାଜୀ କମ୍ପାନୀର ଦାଦାଗିରି



ତାଳଚେର, ୨।୧୧ (ନି.ସୂ) ତାଳଚେର ବ୍ଲକ ଅନ୍ତର୍ଗତ ବିକ୍ରମପୁର ବିଦ୍ୟୁତ କଲୋନୀ ସ୍ଥିତ ବାଲାଜୀ କମ୍ପାନୀର ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ମନୋମୁଖୀ କାର୍ଯ୍ୟ ପାଇଁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କଲୋନୀର ଘର ସମ୍ମୁଖ ଭାଗରେ ଧାଡି ଧାଡି ଟିପସ୍ ବୋଝେଇ ହାଇବ୍ୱା ଟ୍ରକ । କମ୍ପାନୀର କଲୋନୀ ମଝି ରାସ୍ତା ପାଖରେ ଥିବା ଉଏବ୍ରିଜକୁ ଦୈନିକ କମ୍ପାନୀର ଟ୍ରକ ଓ ମେସିନ ଗୁଡିକ ପାଇଁ ସକାଳୁ ଯାତାୟାତ କରୁଥିବା ସ୍କୁଲ ଓ କଲେଜ ଛାତ୍ର ଛାତ୍ରୀଙ୍କ ଗାଡି ।ଏହି ରାସ୍ତାଟି ତାଳଚେରର - ଅନୁଗୋଳ ମୁଖ୍ୟ ରାସ୍ତାକୁ ସଂଯୋଗ କରୁ ଥିବାରୁ ଏହି ରାସ୍ତାରେ ସମସ୍ତ ବସ୍ ଠାରୁ ଆରମ୍ଭ କରି ଆମ୍ବୁଲାନ୍ସ ଯାତାୟାତ କରୁଛି । ତେଣୁ ପ୍ରଶାସନ ଏଥିପ୍ରତି ତୁରନ୍ତ ଧ୍ୟାନ ଦେବା ପାଇଁ ଜନସାଧାରଣଙ୍କ ଅଭିଯୋଗ ।ଏହି କମ୍ପାନୀରେ କାର୍ଯ୍ୟରତ କର୍ମଚାରୀଙ୍କୁ ମଧ୍ୟ ଜୋତା ଓ ଟୋପି କମ୍ପାନୀ କର୍ତ୍ତୃପକ୍ଷ ଦେଉ ନଥିବା କର୍ମଚାରୀଙ୍କ ଅଭିଯୋଗ ହେଉଛି ।


ଗୋଡୋମୁଣ୍ଡାରେ ଦଣ୍ଡପାଟ ଦଶହରା ମହୋତ୍ସବ ପାଳିତ



ଧର୍ମଗଡ଼, ୨।୧୧ (ନି ସୂ) କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଅନ୍ତର୍ଗତ ଗଡମୁଣ୍ଡା ଗ୍ରାମରେ ଦଣ୍ଡପାଟ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ସର୍ବମଙ୍ଗଳା ଘାଟୀମୁଣ୍ଡାଇଣୀଙ୍କ ବାର୍ଷିକ ଦଣ୍ଡପାଟ ଦଶହରା ମହୋତ୍ସବ ଭକ୍ତି ଓ ଉତ୍ସାହର ସହ ପାଳିତ ହୋଇଯାଇଛି ।ଏହି ଅବସରରେ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓଙ୍କ ସମେତ ଧର୍ମଗଡ଼ ବ୍ଲକ ସଭାପତି ଡାକେ ଲହଜଲ, କୋକସରା ବ୍ଲକ ସଭାପତି ସୁଶାନ୍ତ ବେହେରା, ଜିଲ୍ଲା ପରିଷଦ ସଭ୍ୟ ହେମନ୍ତ ମାଝୀ, ଗୋପୀ ମହାନନ୍ଦ, ଜିଲ୍ଲା ସାଧାରଣ ସମ୍ପାଦକ ଦିବ୍ୟ ସିଂହଦେଓ, ସମ୍ପାଦକ ପ୍ରଶାନ୍ତ ତିୱାରୀ ଓ ଯୋଗୀନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ମା'ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିବା ସହ ଭବ୍ୟ ମଶାଲ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ଅବସରରେ ସମଗ୍ର ଅଞ୍ଚଳର ସୁଖ, ଶାନ୍ତି, ସମୃଦ୍ଧି ଓ ମଙ୍ଗଳ କାମନା କରି ମା'ଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା।

ରାଇରଙ୍ଗପୁର ତହସିଲ ଅମିନଙ୍କ ବିରୋଧରେ ଦୁର୍ନୀତି ଓ ଦୁର୍ବ୍ୟବହାର ଅଭିଯୋଗ

ବଦଳି ଦାବି କରି ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର



ରାଇରଙ୍ଗପୁର,୨।୧୧(ନି ସୂ) : ରାଇରଙ୍ଗପୁର ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ଅମିନ ଶ୍ରୀ ସନ୍ଦୀପ ବେହେରାଙ୍କ ମନମୁଖୀ କାର୍ଯ୍ୟକଳାପ, ଦୁର୍ନୀତି ଓ ଅସଦାଚରଣ ବିରୋଧରେ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ତାଙ୍କୁ ତୁରନ୍ତ ଏଠାରୁ ବଦଳି କରିବା ଦାବିରେ ରାଇରଙ୍ଗପୁର ତହସିଲ ଅନ୍ତର୍ଗତ ବିଭିନ୍ନ ରାଜସ୍ୱ ଗ୍ରାମର ବାସିନ୍ଦାମାନେ ଅତିରିକ୍ତ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି । ଅଭିଯୋଗ ଅନୁଯାୟୀ, ଉକ୍ତ ଅମିନ ସାଧାରଣ ଲୋକଙ୍କ ଠାରୁ ଅସାଧୁ ଉପାୟରେ ଟଙ୍କା ଆଦାୟ କରୁଥିବା ବେଳେ ଲୋକଙ୍କ ସହ ଦୁର୍ବ୍ୟବହାର କରୁଛନ୍ତି । ଏପରିକି ସେ କିଛି ନିର୍ଦ୍ଦିଷ୍ଟ ଜାତି ପ୍ରତି ଘୃଣାଭାବ ପୋଷଣ କରିବା ସହ ଲୋକଙ୍କୁ ହୀନ ଦୃଷ୍ଟିରେ ଦେଖି ଅଶ୍ରାବ୍ୟ ଭାଷା ପ୍ରୟୋଗ କରୁଥିବା ନେଇ ଦାବିପତ୍ରରେ ଉଲ୍ଲେଖ ରହିଛି । କ୍ଷେତ୍ର ପରିଦର୍ଶନ ବେଳେ ମଧ୍ୟ ଗ୍ରାମବାସୀଙ୍କ କୌଣସି ଦୋଷ ନ ଥାଇ ସେମାନଙ୍କୁ ଅଯଥାରେ କଦର୍ଯ୍ୟ ଭାଷାରେ ଗାଳିଗୁଲଜ କରୁଥିବା ଅଭିଯୋଗ ହୋଇଛି । ଅଞ୍ଚଳବାସୀଙ୍କ ସମ୍ମାନ ରକ୍ଷା ତଥା ନିରପେକ୍ଷ ପ୍ରଶାସନିକ ସେବା ପାଇଁ ଅମିନ ଶ୍ରୀ ବେହେରାଙ୍କୁ ଏହି ତହସିଲରୁ ତୁରନ୍ତ ଅନ୍ୟତ୍ର ବଦଳି କରାଯାଉ ବୋଲି ଗ୍ରାମବାସୀମାନେ ପ୍ରଶାସନ ନିକଟରେ ଦୃଢ଼ ଦାବି ଜଣାଇଛନ୍ତି ।

କାଦୁଆଣିରେ ସରକାରୀ ଜମି ଜବରଦଖଲ ଅଭିଯୋଗ

- ବେଆଇନ ଗୃହନିର୍ମାଣ ବନ୍ଦ ସହ ନିରପେକ୍ଷ ତଦନ୍ତ ଦାବି
- ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ



ବହଳଦା,୨।୧୧ (ନି.ସୂ): ମୟୂରଭଞ୍ଜ ଜିଲ୍ଲା ବହଳଦା ତହସିଲ ଅନ୍ତର୍ଗତ କାଦୁଆଣି ମୌଜାରେ ଥିବା ସରକାରୀ ଜମିକୁ ବେଆଇନ ଭାବେ ଜବରଦଖଲ କରି ଗୃହନିର୍ମାଣ କରାଯାଉଥିବା ନେଇ ଅଭିଯୋଗ ଉଠିଛି। ଏହାକୁ ନେଇ ସ୍ଥାନୀୟ ଗ୍ରାମବାସୀ ମାନେ ବାମନଘାଟୀ ଉପଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ବେଆଇନ ନିର୍ମାଣ କାର୍ଯ୍ୟ ତୁରନ୍ତ ବନ୍ଦ କରିବା ଏବଂ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, କାଦୁଆଣି ମୌଜାର ଖାତା ନଂ-୧୦୫, ପ୍ଲଟ୍ ନଂ-୪୫୫, କିସମ-ଜଙ୍ଗଲ/ ଗୋଚର ଜମିଟି ସର୍ବସାଧାରଣଙ୍କ ବ୍ୟବହାର ଓ ଜନହିତ ଉଦ୍ଦେଶ୍ୟରେ ରହିଛି। କିନ୍ତୁ ଶିବ ମହାନ୍ତ, ପିତା-ହରିପଦ ମହାନ୍ତ ଏବଂ ତାଙ୍କ ସହଯୋଗୀମାନେ ଉକ୍ତ ଜମିକୁ ଜବରଦଖଲ କରି ସେଠାରେ ବେଆଇନ ଭାବେ ଗୃହନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବା ନେଇ ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

ଏଥିସହ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ସହାୟତାରେ ସରକାରୀ ଜମିକୁ ନିଜ ନାମରେ ନାମଜାରୀ କରାଇବା ପାଇଁ ଉଦ୍ୟମ ହେଉଥିବା ମଧ୍ୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଭଳି କାର୍ଯ୍ୟ ଫଳରେ ଗ୍ରାମର ଗୋଚର ଜମି ଓ ସର୍ବସାଧାରଣଙ୍କ ବ୍ୟବହାର ପ୍ରଭାବିତ ହେବା ସହ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି ସମ୍ପର୍କରେ ପୂର୍ବରୁ ମଧ୍ୟ ଆପତ୍ତିପତ୍ର ଦାଖଲ କରାଯାଇଥିବା ଗ୍ରାମବାସୀ ଦର୍ଶାଇଛନ୍ତି। ଏବେ ପୁନର୍ବାର ଉପଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇ ଉକ୍ତ ଜମିର ସରକାରୀ ରେକର୍ଡ ଯାଞ୍ଚ, ସ୍ଥଳ ପରିଦର୍ଶନ ଓ ନିରପେକ୍ଷ ତଦନ୍ତ କରିବା ସହ ନିର୍ମାଣ କାର୍ଯ୍ୟ ବନ୍ଦ କରି ଜମିକୁ ଜବରଦଖଲମୁକ୍ତ କରିବାକୁ ଦାବି କରିଛନ୍ତି। ତେବେ ଉକ୍ତ ଜମିର ପ୍ରକୃତ ସ୍ଥିତି କ'ଣ ଏବଂ ଅଭିଯୋଗର ସତ୍ୟତା କେତେ, ତାହା ପ୍ରଶାସନିକ ତଦନ୍ତ ପରେ ସ୍ପଷ୍ଟ ହେବ। ଏବେ ଏହି ଘଟଣାରେ ଉପଜିଲ୍ଲା ପ୍ରଶାସନ କି ପଦକ୍ଷେପ ଗ୍ରହଣ କରୁଛି, ତାହାକୁ କାଦୁଆଣି ଗ୍ରାମବାସୀ ଅପେକ୍ଷା କରିଛନ୍ତି।

ସ୍କୁଲ ପଡ଼ିଆରେ ବାଣ ଦୋକାନ

ଅଘଟଣ ପାଇଁ ଦାୟୀ ରହିବ କିଏ ?



ପଟ୍ଟାମୁଣ୍ଡାଇ ୨।୧୦ (ନି.ସୂ): ପଟ୍ଟାମୁଣ୍ଡାଇ ସହରର ପ୍ରମୁଖ ଭାଗରେ ଥିବା ଏମ ଏନ ହାଇସ୍କୁଲ ପଡ଼ିଆରେ ବାଣ ଦୋକାନ ଖୋଲିବା ପାଇଁ ପ୍ରଶାସନ ନିଷ୍ପତ୍ତି ନେଇଛି। ଏହି ପଡ଼ିଆରେ ସବୁ ବାଣ ଦୋକାନ ଖୋଲିବ ମାତ୍ର ସ୍କୁଲ ପଡ଼ିଆରେ ଏଭଳି ବିପଦଜନକ ନିଷ୍ପତ୍ତି ପିଲାମାନଙ୍କ ପାଇଁ ବିପଦର କାରଣ ପାଲଟି ବନିତ। ଶହ ଶହରୁ ଅଧିକ ପିଲା ପାଠ ପଢୁଥିବା ଏହି ସ୍କୁଲ ପଡ଼ିଆରେ ଖେଳା ଖେଳି ସହ ଅନ୍ୟ ପିଲାମାନେ ମଧ୍ୟ ଏଠାରେ ଖେଳକୁଦ କରିଥାନ୍ତି। ଏଭଳି ପରିସ୍ଥିତିରେ ପ୍ରଶାସନର ଏଭଳି ନିଷ୍ପତ୍ତି ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ଖବର ନେବାରୁ ଜଣା ପଡ଼ିଛି, କରୋନା ପରେ ଭିଡ଼ ନିୟନ୍ତ୍ରଣ ପାଇଁ ପ୍ରଶାସନ ଏଠାରେ ବାଣ ଦୋକାନ କରିବା ପାଇଁ ନିଷ୍ପତି ନେଇଥିଲା। ଏହି ନିଷ୍ପତିକୁ ସ୍କୁଲ ଅଭିଭାବକ ଓ ବୁଦ୍ଧିଜୀବୀମାନେ ବିରୋଧ କରିଥିଲେ। ସେତବେଳେ ପ୍ରଶାସନ ପକ୍ଷରୁ କୁହାଯାଇଥିଲା ଯେ ଏହା ଏକ ଅସ୍ଥାୟୀ ନିଷ୍ପତି ପରେ ଅନ୍ୟ ଯାଗାକୁ ସ୍ଥାନାନ୍ତର କରାଯିବ। ମାତ୍ର ସେହିଦିନ ଠାରୁ ଏଠାରେ ବାଣ ଦୋକାନ ଖୋଲା ଯାଉଛି। ପ୍ରଶାସନ ସହର ବାଣ ଦୋକାନକୁ ଦୀପାବଳି ପାଇଁ ଖୋଲିବା ପାଇଁ ଯାଗା ସହ ଅନୁମତି ପାଇଁ ଦୁଇ ହଜାର ରୁ ପାଞ୍ଚ ହଜାର ପର୍ଯ୍ୟନ୍ତ ଅର୍ଥ ଆଦାୟ ବି କରୁଛି। ଏହି ଅର୍ଥ ନେବା ସମୟରେ କୌଣସି ବିଲ ଉଠା ବାଣ ଦୋକାନୀଙ୍କୁ ଦିଆ ଯାଇନାହିଁ। ଏହି ବାବଦରେ ପ୍ରଶାସନ ଲକ୍ଷାଧିକ ଟଙ୍କାର ମୁନାଫା କମାଉଛି। ଦୀପାବଳି ପାଇଁ ଯେଉଁ ୫୦ରୁ ଉର୍ଦ୍ଧ ବାଣ ଦୋକାନ ଖୋଲା ଯାଉଛି। ତାହା ସ୍କୁଲ ପିଲା ଓ ସାଧାରଣ ଲୋକଙ୍କ ପାଇଁ ବିପଦ କୁ ଡାକୁ ଥିବା ବେଳେ ପ୍ରଶାସନ ଏଭଳି ଦୂରଦୃଷ୍ଟି ହୀନ ନିଷ୍ପତି ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ଜିଲ୍ଲା ପ୍ରଶାସନ ଘଟଣା ପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

ଟିପିଗୁଡ଼ାରେ ବିଜେପି ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ

ସରକାରୀ ଯୋଜନାକୁ ତୃଣମୂଳ ସ୍ତରରେ ପହଞ୍ଚାଇବାକୁ ଗୁରୁତ୍ୱ



ଧର୍ମଗଡ଼, ୨।୧୧(ନିସୂ) : କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଅଞ୍ଚଳର ଟିପିଗୁଡ଼ା ମଣ୍ଡଳରେ ଭାରତୀୟ ଜନତା ପାର୍ଟିର କାର୍ଯ୍ୟକାରିଣୀ ବୈଠକ ମଣ୍ଡଳ ସଭାପତି ଲଳିତ ବାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ବୈଠକରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ଼ ବିଧାୟକ ତଥା ଯୋଜନା ବୋର୍ଡ ଅଧ୍ୟକ୍ଷ ସୁଧୀର ପାଟ୍ଟଯୋଷୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସାଧାରଣ ସମ୍ପାଦକ ହିମାଂଶୁ ଶେଖର ପଣ୍ଡା, ଜିଲ୍ଲା ଉପସଭାନେତ୍ରୀ ସୁକାନ୍ତି ସା, ଜିଲ୍ଲା ସମ୍ପାଦକ ତଥା ମଣ୍ଡଳ ପ୍ରଭାରୀ ହେମନ୍ତ କୁମାର ମାଝୀ, ବ୍ଲକ ଅଧ୍ୟକ୍ଷା ବବିତା ପାଟ୍ଟଯୋଷୀ, ବିଭୁଦତ୍ତ ପ୍ରଧାନୀ ଓ ଶିଶୁଦେବ ମୁଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ ।ବୈଠକରେ ସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡ଼ିକୁ ତୃଣମୂଳ ସ୍ତରରେ ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ବୁଥ୍ ସଭାପତି, ଶକ୍ତିକେନ୍ଦ୍ର ପ୍ରମୁଖ ଓ ମଣ୍ଡଳର ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ସକ୍ରିୟ ଭାବେ କାର୍ଯ୍ୟ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ ।ମଣ୍ଡଳ ସାଧାରଣ ସମ୍ପାଦକ ଗଣେଶ ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ମଣ୍ଡଳ ଉପସଭାପତି ଜଗତ ରାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


ସ୍ୱର୍ଗତ ସଂଜୟ କୁମାର ମହାନ୍ତିଙ୍କ ଶୋକ ଦିବସ ଅବସରରେ ମାଗଣା ଦନ୍ତଚିକିତ୍ସା ଶିବିର



ମାହାଙ୍ଗା,୦୨।୧୧(ନି.ସୂ) ଶ୍ରୀ ହନୁମାନ ଭକ୍ତ ମଣ୍ଡଳୀ ସେବା ଟ୍ରଷ୍ଟ ଏବଂ କଳିଙ୍ଗଭାରତୀ ଫାଉଣ୍ଡେସନ ନୂଆଦିଲ୍ଲୀ ଆନୁକୂଲ୍ୟରେ ମାହାଙ୍ଗା ବ୍ଲକର ନାହାଙ୍ଗ ପଂଚାୟତ ଅନ୍ତଗତ ସରକାରୀ କେନ୍ଦ୍ର ଉପ ବିଦ୍ୟାଳୟ ନାହାଙ୍ଗ ପରିସରରେ ସର୍ଗତ ସଂଜୟ କୁମାର ମହାନ୍ତିଙ୍କ ଶୋକ ଦିବସ ପାଳନ ଅବସରରେ ଏକ ମାଗଣା ଦନ୍ତ ଚିକିତ୍ସା ଶିବିର କଳିଙ୍ଗ ଇନ୍ଷ୍ଟିଚ୍ୟୁଟ ଅଫ ଡେ।ଲ ସାଇସ୍, କିଟ୍, ଭୁବନେଶ୍ୱର ତରଫରୁ ଅନୁଷ୍ଠିତ ହୋଇଯାଇଛି । ଏହି ଦନ୍ତ ଚିକିତ୍ସା ଶିବିରରେ ଦନ୍ତ ଚିକିତ୍ସକ ଡ. ସୋବେଶ ଦାସ, ଡ. ସୁଚିତ୍ରା ମଣ୍ଡଳ, ସହଯୋଗୀ ଚିକିତ୍ସକ ଡ. ଦେବାସ୍ମୃତୀ, ଡ. କିରଣ ବୋଡା,ଡ. ଅଙ୍କିତ୍, ଡ. ରୁପ୍ସା, ଡ. ସୁପ୍ରିୟା,ଡ.ସସ୍ମିତା, ଡ.ରାଧୁକା, ଡ. ବନଜା, ଡ. ପ୍ରିୟଙ୍କା, ଡ. ଆସ୍ଥା, ସହଯୋଗୀ ସଂଚାଳକ ଦେବେନ୍ଦ୍ର ବେହେରା, ସର୍ଣ୍ଣଲତା ନାୟକ, ଯୋଗଦେଇ ୧୦୦ରୁ ଉର୍ଦ୍ଧ ଦନ୍ତରୋଗୀର ଚିକିତ୍ସା କରାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କଳିଙ୍ଗଭାରତୀ ଫାଉଣ୍ଡେସନର ଅଧ୍ୟକ୍ଷ ଇଂ. ଅକ୍ଷୟ କୁମାର ସାମଲ, ରଶ୍ମିତା ମହାନ୍ତି, ଅକ୍ଷୟ କୁମାର ଷଡ଼ଙ୍ଗୀ, ଇଂ. ବିଜୟ କୁମାର ସାମଲ, ପବିତ୍ରମୋହନ ପ୍ରଧାନ, ଚୌ. ରମାକାନ୍ତ ପ୍ରହରାଜ, ମଦନମୋହନ ସାହୁ, ଅଭୟ କୁମାର ସାହୁ, ଜ୍ୟୋତିରଂଜନ ମହାନ୍ତି, ସୁକାନ୍ତ ମହାପାତ୍ର, ସତ୍ୟାନନ୍ଦ ସାହୁ, ପ୍ରଫୁଲ୍ଲ କୁମାର ତ୍ରିପାଠୀ, ରାୟଗୁରୁ ସନ୍ତୋଷ କୁମାର ମହାପାତ୍ର, ପ୍ରଫୁଲ୍ଲ କୁମାର ସିଂହ, ଶରତ ଚନ୍ଦ୍ର ଦାଶ, ପ୍ରଫୁଲ୍ଲ କୁମାର ସାହୁ, କୈଳାସ ଚନ୍ଦ୍ର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ । ସ୍ଥାନୀୟ ଅଂଚଳରେ ମାଗଣା ଦନ୍ତ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିବାରୁ ବହୁ ଦନ୍ତରୋଗୀ ଉପକୃତ ହୋଇଥିବାରୁ ଅୟୋଜକମାନଙ୍କ ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଇଛି ।

ତୈଳିକ ସାହୁ ସମାଜର ଚନ୍ଦାବଂଶୀୟ ବଡ ଭାଇ ପାରିବାରିକ ନୂଆଖାଇ ଭେଟଘାଟ


୩୫ ଖଣ୍ଡ ଗ୍ରାମରୁ ୨ ହଜାରରୁ ଅଧିକ ପରିବାର ସଦସ୍ୟଙ୍କ ଯୋଗଦାନ



ମ.ରାମପୁର, ୧୧/୦୧ (ନି.ସୂ): ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ଅବସରରେ କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ବ୍ଲକ୍ ବମକ ଗ୍ରାମରେ ତୈଳିକ ହଳଦିଆ ସାହୁ ସମାଜର ଚନ୍ଦା ବଂଶୀୟ ବଡଭାଇ ପରିବାରିକ ନୂଆଖାଇ ଭେଟଘାଟ ଆନନ୍ଦ ଉତ୍ସାହର ସହ ପାଳିତ ହୋଇଯାଇଛି। ଭେଟଘାଟ ପରିଚାଳନା କମିଟି ସଭାପତି ଜଗମୋହନ ସାହୁଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ୩୨ ଖଣ୍ଡ ଗ୍ରାମରୁ ୨ ହଜାର ରୁ ଅଧିକ ଚନ୍ଦା ବଂଶୀୟ ପରିବାର ସଦସ୍ୟ ଯୋଗ ଦେଇଥିଲେ ।କାର୍ଯ୍ୟକ୍ରମର ପ୍ରାରମ୍ଭରେ ବମକ ଗ୍ରାମର ଅଗାଧୁ ପରିବାରରୁ ଚଣ୍ଡୀ ଦେବୀଙ୍କ ପୀଠରୁ ମଶାଲ ଯାତ୍ରା ବାହାରି ଗ୍ରାମ ପରିକ୍ରମା କରି କାର୍ଯ୍ୟକ୍ରମସ୍ଥଳରେ ପହଞ୍ଚିଥିଲା। ଏହାପରେ ଚନ୍ଦା ବଂଶୀୟ ପରିବାରର ରୀତିନୀତି ଅନୁଯାୟୀ ମା' ଚଣ୍ଡୀଙ୍କ ପୂଜାର୍ଚ୍ଚନା ପରେ ନୂଆଖାଇ ପର୍ବ ଆରମ୍ଭ ହୋଇଥିଲା ।ଏହି ଅବସରରେ ମୁଖ୍ୟ ଅତିଥି – ଅରକ୍ଷିତ ସାହୁ (ଅଁଲାପାଲି) ,ରାଧାକାନ୍ତ ସାହୁ (ଘାଗୁର୍ଲି),ନାଭିଦତ୍ୟ ସାହୁ(ଲାଛୁଟ),ତ୍ରିଲୋଚନ ସାହୁ (ଟକାରୁମାଳ),ଗୋବର୍ଦ୍ଧନ ସାହୁ (ବାଦୀପଡା),ସୁବେନ୍ଦୁ ସାହୁ (ଦିଗଶିରା) ଙ୍କ ସମେତ ଅନ୍ୟ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରାଯାଇ ଉପଢୌକନ ପ୍ରଦାନ ସହ ସ୍ୱାଗତ କରାଯାଇଥିଲା। ଉପସଭାପତି –ବାବୁଲାଲ ସାହୁ (ଦିଗଶିରା),ସମ୍ପାଦକ ମୋହନଲାଲ ସାହୁ(ଟକାରୁମାଳ)ଯୁଗ୍ମ ସମ୍ପାଦକ – ଟିକେଶ୍ୱର ସାହୁ (ଅଂଲାପଲି) ଓ କୋଷାଧ୍ୟକ୍ଷ ଭୈରବ ସାହୁ(ରେଗେଡା) କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଲଳିତ ମୋହନ ସାହୁ(ରେଗେଡା) ମଞ୍ଚ ପରିଚାଳନା କରିଥିବାବେଳେ ।ସାଂସ୍କୃତିକ କାର୍ଯ୍ୟକ୍ରମରେ ପରିବେଷଣ ସହ ବିଭିନ୍ନ ଗ୍ରାମରୁ ଆସିଥିବା ଲୋକ ମାନଙ୍କ ପକ୍ଷରୁ ଆକର୍ଷଣୀୟ ନୃତ୍ୟ ପରିବେଷଣ କରାଯାଇଥିଲା ।ଭେଟ ଘାଟରେ ଯୋଗଦେଇଥିବା ସମସ୍ତେ ପରସ୍ପରକୁ ନୂଆଖାଇ ଜୁହାର, ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଏହି ଭେଟଘାଟ ମାଧ୍ୟମରେ ଚନ୍ଦା ବଂଶୀୟ ବଡଭାଇ ପରିବାର ମଧ୍ୟରେ ଭାଇଚାରା, ସାମାଜିକ ଏକତା ଓ ପାରିବାରିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ନେଇ ମତ ପ୍ରକାଶ ପାଇଥିଲା ।ଆଗାମୀ ଦିନରେ ଏହି ଏକତା ଓ ଭାଇ ଚାରା କୁ ଆହୁରି ମଜବୁତ କରିବା ଉପରେ ସମସ୍ତେ ମତ ପ୍ରକାଶ କରିଥିଲେ। ଏଠାରେ ସହଯୋଗର ହାତ ବଢାଇଥିଲେ ବମକ ଚନ୍ଦା ବଂଶୀୟ ବଡଭାଇ ପରିବାର ଗ୍ରାମ୍ୟ କମିଟି । ସମସ୍ତେ ପରିବାରର ସଦସ୍ୟମାନଙ୍କୁ ଏକତ୍ରିତ କରି ନୂଆଖାଇ ଭେଟଘାଟ ଆୟୋଜନ କରିଥିବାରୁ ସଭାପତି ଓ କର୍ମ କର୍ତ୍ତା ମାନଙ୍କୁ ଉପସ୍ଥିତ ସଦସ୍ୟମାନେ ଧନ୍ୟବାଦ ଜଣାଇଥିଲେ।

ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ହସ୍ତକ୍ଷେପ


୪୫ ବର୍ଷିୟ ମୋହନଙ୍କୁ ମିଳିଲା ଭିନ୍ନକ୍ଷମ ଭତ୍ତା



ନୂଆପଡା,୨।୧୧ (ନି.ସୂ): ନୂଆପଡ଼ା ଜିଲ୍ଲା ଜନ୍ଦ୍ରାମୁଣ୍ଡା ଗ୍ରାମର ଜଣେ ଦିବ୍ୟାଙ୍ଗ ମୋହନ ମାଝୀ (୪୫ ବର୍ଷ) ତାଙ୍କର ଭିନ୍ନକ୍ଷମ ପ୍ରମାଣପତ୍ର ନଥିବା ଏବଂ ମଧୁବାବୁ ପେନ୍ସନ୍ ଯୋଜନା ଅଧୀନରେ ଦିବ୍ୟାଙ୍ଗ ପେନ୍ସନ୍ ନପାଇବାରୁ ସେ ବହୁତ କଷ୍ଟ ଓ ଅସୁବିଧାରେ ଜୀବନଯାପନ କରୁଥିଲେ । ମୋହନଙ୍କର ଦୁଇଜଣ ନାବାଳକ ସନ୍ତାନ ଅଛନ୍ତି, ଯାହାଙ୍କ ବୟସ ପ୍ରାୟ ୧୦ ବର୍ଷ ଓ ୧୨ ବର୍ଷ । ପତ୍ନୀ ମୋହନଙ୍କର ଏ ଭଳି ଅବସ୍ଥା ଯୋଗୁଁ କେତେ ବର୍ଷ ପୂର୍ବେ ଛାଡ଼ି ପଳାଇଥିବା ରୁ ନିଜର ଦୈନନ୍ଦିନ ଆବଶ୍ୟକତା ସହିତ ଦୁଇଜଣ ନାବାଳକ ସନ୍ତାନଙ୍କ ରକ୍ଷଣାବେକ୍ଷଣ କରିବାରେ ବହୁତ ଅସୁବିଧା ହେଉଥିଲା । ପୂର୍ବରୁ ବହୁବାର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଗୁଡିକୁ ଯାଇ ଆବେଦନ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିଲା ।

ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନୂଆପଡ଼ାର ସଚିବ ନବନୀତା ଦାଶ ଅଧିକାର ମିତ୍ର ସୁବଳ ରଣା ଙ୍କୁ ପଠାଇଥିଲେ । ସୁବଳ ମୋହନ ଓ ତାଙ୍କ ଦୁଇ ପୁଅଙ୍କୁ ଭେଟି ଆବଶ୍ୟକୀୟ ଦଲିଲପତ୍ର ସଂଗ୍ରହ ଓ ବ୍ୟବସ୍ଥା କରିବାରେ ସହାୟତା କରିଥିଲେ, ଡାକ୍ତରୀ ବୋର୍ଡକୁ ତାଙ୍କୁ ନେଇ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଚିକିତ୍ସା ପରୀକ୍ଷା ଓ ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଁ ଆବେଦନ କରିବାରେ ସହାୟତା କରିଥିଲେ ଓ ତାଙ୍କର ଦୁଇଜଣ ନାବାଳକ ପୁଅଙ୍କୁ ଶିଶୁ କଲ୍ୟାଣ କମିଟି ସମ୍ମୁଖ କୁ ନେଇ ବିଭିନ୍ନ ସରକାରୀ ଯୋଜନାରେ ତାଙ୍କୁ ଅନ୍ତର୍ଭୁକ୍ତ କରି ସହାୟତା କରିବାକୁ ଆବେଦନ କରିଥିଲେ । ଏହା ପରେ ସେ ମୋହନଙ୍କ ପାଇଁ ମଧୁବାବୁ ପେନ୍ସନ୍ ଯୋଜନା ଅଧୀନରେ ପେନ୍ ?ସନ୍ ପ୍ରାପ୍ତି ପାଇଁ ଆବେଦନ ମଧ୍ୟ କରିଥିଲେ ଓ ସବୁବେଳେ ବ୍ୟାଙ୍କ କୁ ଯିବାରେ ଅସୁବିଧା ହେବ ବୋଲି ତାଙ୍କୁ ଭତ୍ତା ଟଙ୍କା ନଗଦ ଦିଆଯାଉ ବୋଲି ମଧ୍ୟ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ । ପ୍ରଥମ ଥର ପାଇଁ ଭତ୍ତା ଟଙ୍କା ନିଜ ହାତରେ ପାଇ ମୋହନ ଭାରି ଖୁସି ହୋଇଥିଲେ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ସଚିବ ଓ ଅଧିକାର ମିତ୍ରଙ୍କୁ ତାଙ୍କର ସମୟୋଚିତ ହସ୍ତକ୍ଷେପ ପାଇଁ ଅଶେଷ ଧନ୍ୟବାଦ ଜଣାଇଥିଲେ ।

କୃଷ୍ଣଚନ୍ଦ୍ରପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୫ତମ ପ୍ରତିଷ୍ଠା ଦିବସ ପାଳିତ




ବେତନଟୀ, ୨।୧୧ (ନି.ସୂ): ବେତନଟୀ ଥାନା ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୫ତମ ପ୍ରତିଷ୍ଠା ଦିବସ ଅତ୍ୟନ୍ତ ଉତ୍ସାହ ଏବଂ ଆନନ୍ଦୋଲ୍ଲାସର ସହିତ ପାଳିତ ହୋଇଯାଇଛି। କୃଷ୍ଣଚନ୍ଦ୍ରପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ମନ୍ଦାକିନୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠାତା ଜଗେନ୍ଦ୍ର ମହାନ୍ତ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିବାବେଳେ, ପ୍ରାକ୍ତନ ସମ୍ପାଦକ ଠୁମ୍ପୁ ମାଝୀ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ନିଜର ମୂଲ୍ୟବାନ ବକ୍ତବ୍ୟ ପ୍ରଦାନ କରିଥିଲେ। ଇଂରାଜୀ ବିଭାଗର ଅଧ୍ୟାପକ ଶ୍ରୀ ସେକାବତ ଅଲ୍ଲୀ କାର୍ଯ୍ୟକ୍ରମଟିକୁ ସୁଚାରୁରୂପେ ସଂଯୋଜନା କରିଥିଲେ। କଲେଜ ପ୍ରତିଷ୍ଠାର ସମସ୍ତ ଦିବଙ୍ଗତ ଉଦ୍ୟୋକ୍ତାମାନଙ୍କ ସ୍ମୃତିରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଅତିଥି ତଥା ପ୍ରତିଷ୍ଠାତା ବିଦ୍ୟାଳୟର ମୁଖ୍ୟ ଫାଟକର ନିର୍ମାଣ କାର୍ଯ୍ୟକୁ ନେଇ ବିଶେଷ ଖୁସି ବ୍ୟକ୍ତ କରିବା ସହିତ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି ଓ ସମୃଦ୍ଧି କାମନା କରିଥିଲେ। ରସାୟନ ବିଜ୍ଞାନ ବିଭାଗର ଅଧ୍ୟାପକ ଭୂପାଳଚନ୍ଦ୍ର ପ୍ରଧାନ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ।

ସମ୍ମାନିତ ଅତିଥି ଭାବରେ ଅଧ୍ୟାପକ ଅଭୟ କୁମାର ସେନାପତି, ଭବେନ୍ଦ୍ର କୁମାର ଦେ, ଭୂପାଳଚନ୍ଦ୍ର ପ୍ରଧାନ, ସଞ୍ଜିତ କୁମାର ଦାସ ପ୍ରମୁଖ ଯୋଗଦାନ କରିଥିଲେ । ଏହି ସଭାକାର୍ଯ୍ୟକୁ ସଫଳ କରିବାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ସକ୍ରିୟ ଭାବେ ସହଯୋଗ କରିଥିଲେ। ସହଯୋଗୀମାନଙ୍କ ମଧ୍ୟରେ ଭରତଚନ୍ଦ୍ର ସି, ଶ୍ରୀକାନ୍ତ ଦାସ, ସେକାବତ ଅଲ୍ଲୀ, ଭବେନ୍ଦ୍ର କୁମାର ଦେ, ଅଜିତ କୁମାର ବେହେରା, ଅଭୟ କୁମାର ସେନାପତି, ଜାମିନୀକାନ୍ତ ଗିରି, ଗଜେନ୍ଦ୍ର ପ୍ରସାଦ ବେହେରା, ସଞ୍ଜିତ କୁମାର ଦାସ, ଭୂପାଳଚନ୍ଦ୍ର ପ୍ରଧାନ, ପ୍ରତିଭା ମଞ୍ଜରୀ ସାହୁ, ବିଷ୍ଣୁ ନାରାୟଣ ଜେନା, ଭବାନୀଶଙ୍କର ମହାନ୍ତ, ତପତୀ ତପସ୍ୱିନୀ ଆଚାର୍ଯ୍ୟ, ଇନ୍ଦିରା ମହାନ୍ତ, ମନୋରଞ୍ଜନ ବେହେରା, ମନୋହର ବେହେରା, ବସନ୍ତ ବାରିକ, ଉମାକାନ୍ତ ବେହେରା, ପ୍ରକାଶଚନ୍ଦ୍ର ରାଜ, ସର୍ବେଶ୍ୱର ପରିଡା, ଲଳିତ ନାରାୟଣ ମହାନ୍ତ, ବୈଲୋଚନ ମହାନ୍ତ, ଲକ୍ଷ୍ମୀକାନ୍ତ ମହାନ୍ତ, ବିନୋଦା ମହାନ୍ତ, ମନମୋହନ ମହାନ୍ତ, ମମତା ମହାନ୍ତ, ନିର୍ମାଲ୍ୟ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଶିକ୍ଷା ବିଭାଗର ଅଧ୍ୟାପକ ଜାମିନୀକାନ୍ତ ଗିରି ଉପସ୍ଥିତ ସମସ୍ତ ଅତିଥି, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଜାମଦା ବ୍ଲକର କଚ୍ଚା ରାସ୍ତା ପକ୍କାକରଣ ଦାବି: ଉପଜିଲ୍ଲାପାଳଙ୍କୁ ଗଣସ୍ୱାକ୍ଷରିତ ଦାବିପତ୍ର ପ୍ରଦାନ

ସମାଧାନ ନହେଲେ ରାଜରାସ୍ତାକୁ ଓହ୍ଲାଇବାକୁ ଆନ୍ଦୋଳନକାରୀଙ୍କ କଡ଼ା ଚେତାବନୀ



ବିଜାତଳା, ୨/୧୧ (ନି.ସୂ): ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକର ବିଭିନ୍ନ ଅଞ୍ଚଳରେ ଦୀର୍ଘଦିନ ଧରି ଶୋଚନୀୟ ଅବସ୍ଥାରେ ପଡ଼ିରହିଥିବା କଚ୍ଚା ରାସ୍ତାଗୁଡ଼ିକୁ ତୁରନ୍ତ ପକ୍କା ରାସ୍ତାରେ ପରିଣତ କରିବା ଦାବି ଜୋର ଧରିଛି। ଏନେଇ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ୍) ମୟୂରଭଞ୍ଜ ଜିଲ୍ଲା କମିଟିର ଉପସଭାପତି ଘନଶ୍ୟାମ ପିଙ୍ଗୁଆଙ୍କ ନେତୃତ୍ୱରେ ଅଞ୍ଚଳବାସୀ ଏକଜୁଟ ହୋଇ ବାମନଘାଟୀ ଉପଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଗଣସ୍ୱାକ୍ଷରିତ ଦାବିପତ୍ର ପ୍ରଦାନ କରିଛନ୍ତି।

ସୂଚନା ଅନୁଯାୟୀ, ଜାମଦା ବ୍ଲକର ବିଭିନ୍ନ ପଞ୍ଚାୟତରେ ଥିବା ଅନେକ ଗ୍ରାମୀଣ ରାସ୍ତା ଦୀର୍ଘଦିନ ଧରି ଅବହେଳିତ ହୋଇ ପଡ଼ିରହିଛି। ବିଶେଷକରି ବର୍ଷାଦିନେ ରାସ୍ତାଗୁଡ଼ିକ କାଦୁଅମୟ ହୋଇଯାଉଥିବାରୁ ଛାତ୍ରଛାତ୍ରୀ, ରୋଗୀ ଓ ସାଧାରଣ ଲୋକଙ୍କ ଯାତାୟାତରେ ନାନା ସମସ୍ୟା ଉପୁଜୁଛି। ଏପରିକି ବିଦ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ଜରୁରୀ ସେବାକୁ ଯିବାଆସିବା କରିବାରେ ଲୋକେ ହଇରାଣ ହେଉଛନ୍ତି। ଦାବିପତ୍ରରେ ହେଁସଡ଼ା ଗ୍ରାମ ପଞ୍ଚାୟତର କୁଟେଇପାଲ ବାକ୍ରା ସାହି ଛକଠାରୁ ଧଳପୁର ଗୋଦାସାହି ଛକ ପର୍ଯ୍ୟନ୍ତ ପ୍ରାୟ ୩ କିଲୋମିଟର ରାସ୍ତା ପକ୍କାକରଣ କରିବାକୁ ଦାବି ହୋଇଛି। ଏହି ରାସ୍ତା ଅଧୀନରେ ତିନୋଟି ପ୍ରାଥମିକ ବିଦ୍ୟାଳୟ, ଧଳପୁର ହାଇସ୍କୁଲ, ଏମ୍.ଇ. ସ୍କୁଲ ଓ ପଞ୍ଚାୟତ କାର୍ଯ୍ୟାଳୟ ରହିଛି।

ସେହିପରି ଚାଉଳିଆଁ ପଞ୍ଚାୟତର କାହ୍ନୁ ନଦୀ ଛକଠାରୁ ମହିଷକୁଦର ପର୍ଯ୍ୟନ୍ତ ଆର.ଡି. ରାସ୍ତାରେ ରାଧାନଗର, ମହିଷକୁଦର ଓ ରଙ୍ଗାମାଟିଆ ଛକକୁ ସାମିଲ କରି ପ୍ରାୟ ୫ କିଲୋମିଟର ରାସ୍ତା ନିର୍ମାଣ, ଜାମଦା ବନ୍ଧେ ଛକଠାରୁ ବାବୁନୁମା ରଙ୍ଗାମାଟିଆ ଗୁମାଳ ପର୍ଯ୍ୟନ୍ତ ପ୍ରାୟ ୫ କିଲୋମିଟର ରାସ୍ତା ଏବଂ ବାଜାଲ ସାହିଠାରୁ ବଡ଼ଶିଆ ପର୍ଯ୍ୟନ୍ତ ପ୍ରାୟ ୫ କିଲୋମିଟର କଚ୍ଚା ରାସ୍ତାର ଉନ୍ନତୀକରଣ ପାଇଁ ଦାବି କରାଯାଇଛି। ଏହି ଦାବିକୁ ସମର୍ଥନ ଜଣାଇ ବହୁ ସଂଖ୍ୟକ ଗ୍ରାମବାସୀ ଗଣସ୍ୱାକ୍ଷର କରିଛନ୍ତି। ସ୍ୱାକ୍ଷରକାରୀଙ୍କ ମଧ୍ୟରେ ପ୍ରମେଶ୍ୱର ବାନରା, ସୁରେନ୍ଦ୍ର ପିଙ୍ଗୁଆ, ରମେଶ ଚନ୍ଦ୍ର ଦିଗୀ, ଶାସ୍ତ୍ରୀ ଦିଗୀ, ସାଲଖୁ ହାଁସଦାଃ, ମହେଶ୍ୱର ସର୍ଦ୍ଦାର, ନାରାୟଣ ହାଁସଦାଃ, ପୀତାମ୍ବର ବାର୍ଦ୍ଦା, ଚୈତନ୍ୟ ପ୍ରସାଦ ହେମ୍ବ୍ରମ, ଦାଶରଥୀ ବାଙ୍କିରା, ସଞ୍ଜୀବ କୁମାର କାଲୁଣ୍ଡିଆ, ଚନ୍ଦ୍ରମୋହନ ସୋରେନ, ସାଗେନ ପୂର୍ତ୍ତି, ମଙ୍ଗଲ ମାରାଣ୍ଡି, କୁନୁ ମାରାଣ୍ଡି, ଭାଗବତ ମାଝୀ, ମିଥୁନ ଦିଗୀ, ସାୱନା ସୋଏ ଓ ଲକ୍ଷ୍ମଣ ସୋଏଙ୍କ ସମେତ ବହୁ ବ୍ୟକ୍ତିବିଶେଷ ରହିଛନ୍ତି। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ବାରମ୍ବାର ଦାବି ଓ ଅଭିଯୋଗ ସତ୍ତ୍ୱେ ରାସ୍ତା ନିର୍ମାଣ ଦିଗରେ ଆଶାନୁରୂପ ପଦକ୍ଷେପ ନିଆଯାଇନାହିଁ। ତେଣୁ ଆଉ ବିଳମ୍ବ ନକରି ଉକ୍ତ ରାସ୍ତାଗୁଡ଼ିକର ସ୍ଥାୟୀ ନିର୍ମାଣ ପାଇଁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି। ଦାବିଗୁଡ଼ିକର ସମାଧାନ ନହେଲେ ଆଗାମୀ ଦିନରେ ଜାମଦା ବ୍ଲକବାସୀଙ୍କୁ ନେଇ ବ୍ୟାପକ ଆନ୍ଦୋଳନ କରାଯିବା ସହ ରାଜରାସ୍ତାକୁ ଓହ୍ଲାଇବାକୁ ଜେଏମ୍ଏମ୍ ଜିଲ୍ଲା କମିଟି ପକ୍ଷରୁ କଡ଼ା ଚେତାବନୀ ଦିଆଯାଇଛି।

ଅବ୍ୟବସ୍ଥା ଘେରରେ ଚାଲିଛି ପାଢେଲ ଅଞ୍ଚଳ ହାଇସ୍କୁଲ

ପାଟଣାଗଡ଼ ୦୨।୧୧ (ନି.ସୂ):ଏହା ଏକ ଅତ୍ୟନ୍ତ ଦୁଃଖଦାୟକ ଏବଂ ଚିନ୍ତାଜନକ ବିଷୟ ହୋଇଛି । ବିଦ୍ୟାଳୟ ବା ଏବଂ ମହାବିଦ୍ୟାଳୟକୁ ମଣିଷ ଗଢା କାରଖାନା ଓ ପବିତ୍ର ଜ୍ଞାନର ମନ୍ଦିର କୁହାଯାଇଥିବା ବେଳେ ସ୍କୁଲ ପରିସରରେ ଥିବା ଲାଇବ୍ରେରୀ ହଲ ଯଦି ସାଇକେଲ ଷ୍ଟାଣ୍ଡ ପାଲଟିଯାଏ ଏବଂ ସୁରକ୍ଷା ପାଇଁ ପାଚେରୀ ନଥାଏ ତେବେ ଏହା ଶିକ୍ଷାନୁଷ୍ଠାନର ଅବ୍ୟବସ୍ଥାକୁ ସ୍ପଷ୍ଟ ଭାବେ ଦର୍ଶାଉଛି । ଏଭଳି ଏକ ଅବ୍ୟବସ୍ଥା ଘେରରେ ଚାଲିଛି ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ଲକ ପାଢେଲ ଅଞ୍ଚଳ ହାଇସ୍କୁଲ । ଗାଁ ତଥା ଆଖପାଖ ଅଞ୍ଚଳର ବଦଦାନ୍ୟ ବ୍ୟକ୍ତି ବିଶେଷଙ୍କ ଉଦ୍ୟମରେ ୧୯୯୩ ମସିହାରୁ ଆରମ୍ଭ ହୋଇଥିଲା ଏହି ବିଦ୍ୟାଳୟ । ଯାହାର ନାଁ ରଖାଯାଇଛି ଅଞ୍ଚଳ ହାଇସ୍କୁଲ। ଦୀର୍ଘ ବର୍ଷ ପରେ ହାଇସ୍କୁଲ ଟି ବ୍ଲକ ଗ୍ରାଣ୍ଟ ପାଇସାରିଛି। ହାଇସ୍କୁଲ ର ଚର୍ତୁପାଶ୍ୱର୍ରେ ସ୍ଥାୟୀ ପାଚେରୀ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଲାଇବ୍ରେରୀ ହଲ ବାରଣ୍ଡାରେ , ଗଛମୂଳରେ ଛାତ୍ରଛାତ୍ରୀ ମାନେ ଖରା ବର୍ଷା



■ପାଚେରୀ ନାହିଁ, ବାରଣ୍ଡା ପାଲଟିଛି ସାଇକେଲ ଷ୍ଟାଣ୍ଡ
■ବିଜ୍ଞାନ ଶିକ୍ଷକ ଅଭାବରୁ ପାଠପଢ଼ା ଠପ୍

ବୟସରେ ସାଇକେଲ ରହୁଛନ୍ତି। ଅପରପକ୍ଷରେ ହାଇସ୍କୁଲରେ ଅଷ୍ଟମ ରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ୧୦୪ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରିଛନ୍ତି। ଛାତ୍ର ଙ୍କ ଅନୁପାତ ମୁତାବକ ଶ୍ରେଣୀ ଶିକ୍ଷକ ଶିକ୍ଷୟିତ୍ରୀ ଷ୍ଟାଫ୍ ରହିଥିବା ବେଳେ ରସାୟନ ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ, ଏବଂ ପ୍ରାଣୀ ବିଜ୍ଞାନ ଶିକ୍ଷକ ନାହାନ୍ତି। ଯାହାଫଳରେ ଛାତ୍ରଛାତ୍ରୀମାନେ ବିଜ୍ଞାନ ପାଠ୍ୟକ୍ରମ ରେ ଅସୁବିଧା ସମ୍ମୁଖୀନ ହେଉଥିବା ଅଭିଭାବକ ମହଲରେ ଅଭିଯୋଗ ହେଉଛି। ବିଦ୍ୟାଳୟ ର ଚତୁଃପାର୍ଶ୍ୱରେ ସ୍ଥାୟୀ ପାଚେରୀ ଓ ସାଇକେଲ ଷ୍ଟାଣ୍ଡ ନିର୍ମାଣ ସହ ସିବିଜେଡ ବିଜ୍ଞାନ ଶିକ୍ଷକ ନିଯୁକ୍ତି କରିବାକୁ ଅଭିଭାବକମାନେ ଦାବି କରିଛନ୍ତି। ଛାତ୍ରଛାତ୍ରୀ ମାନଙ୍କ ସୁରକ୍ଷା ପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଅଭିଭାବକମାନେ ଦାବି କରିଛନ୍ତି।

ଇନ୍‌ଡୋର୍ ଷ୍ଟାଡିଅମ୍ ନିର୍ମାଣକୁ ନେଇ ପୁଣି ତେଜିଲା ବିବାଦ

ଚାଞ୍ଚରାଗୁଡା ପଞ୍ଚାୟତବାସୀଙ୍କ ସମେତ ଆଖପାଖ ଲୋକେ ଜିଲ୍ଲାପାଳଙ୍କୁ ଦରଖାସ୍ତପତ୍ର ପ୍ରଦାନ

ବିଷମକଟକ: ୦୨।୧୧ (ନି.ସୂ): ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକ ଠାରେ ସରକାରଙ୍କ ଦ୍ୱାରା ଅନୁମୋଦନ ହୋଇ ନିର୍ମାଣ ହେବାକୁ ଥିବା ଇନ୍‌ଡୋର୍ ଷ୍ଟାଡିୟମ୍‌କୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ସୂଚନା ମୁତାବକ ଷ୍ଟାଡିୟମ୍ ଟି ବିଷମ କଟକ ବ୍ଲକ ଚାଞ୍ଚରାଗୁଡା ପଞ୍ଚାୟତ ପଟାମୁଣ୍ଡା ଠାରେ ନିର୍ମାଣ କରିବାକୁ ସରକାରଙ୍କ ଦ୍ୱାରା ସ୍ଥାନ ଧାର୍ଯ୍ୟ କରାଯାଇଛି। ଏହି ସୂଚନା ପାଇବା ପରେ ଚାଞ୍ଚରାଗୁଡା ପଂଚାୟତ ଅଞ୍ଚଳବାସୀ ଏବଂ ଆଖପାଖ ଅଞ୍ଚଳର ଖେଳାଳି ଅତ୍ୟନ୍ତ ଖୁସି ରହିଥିବା ବେଳେ ଅନ୍ୟପକ୍ଷରେ ବିଷମ କଟକ ଅଞ୍ଚଳବାସୀ ଏବଂ କ୍ରୀଡ଼ାବିତ୍ ଓ ବୁଦ୍ଧିଜୀବି ଏହାକୁ ତୀବ୍ର ବିରୋଧ କରି କହିଛନ୍ତି କି ସହର ଠାରୁ ବହୁ ଦୂରରେ ଷ୍ଟାଡିୟମ୍ ଟି ନିର୍ମାଣ



ହେଲେ ସ୍ଥାନୀୟ ଖେଳାଳି ଓ ଛାତ୍ରଛାତ୍ରୀ ଏହାର ସୁବିଧା ପାଇବାରୁ ବଞ୍ଚିତ ହେବେ। ଏନ୍.ଏ.ସି ପରିସୀମା ମଧ୍ୟରେ ଷ୍ଟାଡିୟମ୍ ଟି ନିର୍ମାଣ ହେଲେ କ୍ରୀଡ଼ାବିତ୍ ଓ ଛାତ୍ରଛାତ୍ରୀ ସମସ୍ତ ପ୍ରକାର ସୁବିଧା ପାଇଁ ପାରିବେ ବୋଲି ବିଷମକଟକବାସୀ ଦାବି କରିଛନ୍ତି।

ଏ ନେଇ ବିଷମକଟକବାସୀ ଏବଂ କ୍ରୀଡ଼ାବିତ୍ ଓ ରାଜନୈତିକ ଦଳ, ବିଭିନ୍ନ ସଙ୍ଗଠନ ଦଳ ତହସିଲଦାରଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଦରଖାସ୍ତ ପତ୍ର ମଧ୍ୟ ପ୍ରଦାନ କରିଛନ୍ତି। ଅପରପକ୍ଷେ ଚାଞ୍ଚରାଗୁଡା ପଞ୍ଚାୟତବାସୀ ବାସୀ ଏହାକୁ ବିରୋଧ କରିଛନ୍ତି। ଯେଉଁ ସ୍ଥାନରେ ଷ୍ଟାଡିୟମ୍ ନିର୍ମାଣ ପାଇଁ ସ୍ଥାନ ସ୍ଥିର ହୋଇଛି ସେହିଠାରେ ହିଁ ନିର୍ମାଣ କରିବା ପାଇଁ ଦାବି କରିଛନ୍ତି। ସରପଞ୍ଚ ଦୟାନିଧି ଓ୍ୱାଡାକା,ସମିତି ସଭ୍ୟ ସୁମନ୍ତ କରକରିଆ ଓ ବୁଦ୍ଧିଜୀବୀଙ୍କ ନେତୃତ୍ୱରେ ଅଞ୍ଚଳବାସୀ ଏକତ୍ର ହୋଇ ଆଜି ସ୍ଥାନୀୟ ତହସିଲଦାରଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଉକ୍ତ ସ୍ଥାନରେ ଯଦି ଇନ୍ ଡୋର୍ ଷ୍ଟାଡିୟମ୍ ନିର୍ମାଣ କରା ନ ଯାଏ ତେବେ ଅଗାମୀଦିନରେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲେଇବାକୁ ଚେତାବନୀ ଦେଇଛନ୍ତି ।

ସୋନପୁର ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି: ୬୨ଟି ଦରଖାସ୍ତ ଗ୍ରହଣ



ସୁବର୍ଣ୍ଣପୁର, ୦୨।୧୧ (ନି.ସୂ): ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ ଦେବାଶିଷ ସିଂହ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କେ.କେ ହରିପ୍ରସାଦ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ସର୍ବମୋଟ ୬୨ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିଲା। ୪୭ଟି ବ୍ୟକ୍ତିଗତ ଏବଂ ୧୫ଟି ସାମୂହିକ ଦରଖାସ୍ତ ଥିଲା। ୬ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା ଏବଂ ଗୋଟିଏ ଅଭିଯୋଗ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ସମ୍ବନ୍ଧୀୟ ଥିଲା। ଅବଶିଷ୍ଟ ଦରଖାସ୍ତ ଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କ ନିକଟକୁ ପ୍ରେରଣ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର, ସହାୟକ ଜିଲ୍ଲାପାଳ ଅଭିଯୋଗ ଶାଖା ପ୍ରିୟଦର୍ଶିନୀ ସାହୁ ପ୍ରମୁଖ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ରାଧାକୁଣ୍ଡରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ବୁଡ଼, ମୌଳିକ ସୁବିଧା ଅଭାବକୁ ନେଇ ଅସନ୍ତୋଷ

ମୋରଡା, ୦୨।୧୧ (ନି.ସୂ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ନାକିଚୁଆ ପଞ୍ଚାୟତର କାନପୁର ଗ୍ରାମସ୍ଥିତ ପ୍ରଭୁ ଶ୍ୟାମାନନ୍ଦ ଗୋସ୍ୱାମୀଙ୍କ ସମାଧିପୀଠ ପରିସରରେ ଥିବା ପବିତ୍ର ରାଧାକୁଣ୍ଡରେ କାର୍ତ୍ତିକ ମାସ ଅଷ୍ଟମୀ ତିଥିରେ ଲକ୍ଷାଧିକ ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି। ଗତକାଲି ମଧ୍ୟରାତ୍ରିରୁ ଏହି ପବିତ୍ର ସ୍ନାନ ଉତ୍ସବରେ ଓଡ଼ିଶା ସମେତ ପଡ଼ୋଶୀ ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳରୁ ଭକ୍ତଙ୍କ ସମାଗମ ହୋଇଥିଲା।

ଶ୍ରଦ୍ଧାଳୁମାନେ ରାଧାକୁଣ୍ଡରେ ଦୀପ ଓ ଧୂପ ଅର୍ପଣ କରିବା ସହ ଶ୍ରୀରାଧାରାଣୀଙ୍କ ସ୍ନାନ ତୀର୍ଥରେ ବୁଡ଼ ପକାଇ ନିଜ ନିଜର ମନସ୍କାମନା ପୂରଣ ପାଇଁ ପ୍ରାର୍ଥନା କରିଥିଲେ। ଭକ୍ତିମୟ ପରିବେଶ ମଧ୍ୟରେ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇପଡ଼ିଥିଲା। କିମ୍ବଦନ୍ତୀ ଅନୁଯାୟୀ, ଭକ୍ତଶିରୋମଣି ପ୍ରଭୁ ଶ୍ୟାମାନନ୍ଦ ଗୋସ୍ୱାମୀ ଏହି ସ୍ଥାନରେ ଜୀବନ୍ତ



ସମାଧି ଗ୍ରହଣ କରି ଦେହତ୍ୟାଗ କରିଥିବାରୁ ଏହା ଶ୍ୟାମାନନ୍ଦ ସମାଧିପୀଠ ମଠ ଭାବେ ପରିଚିତ। ବୃନ୍ଦାବନରୁ ରାଧାକୃଷ୍ଣଙ୍କ ବିଗ୍ରହ ଆଣି ଏଠାରେ ସ୍ଥାପନ କରି ପୂଜାର୍ଚ୍ଚନା କରିବାର ପରମ୍ପରା ରହିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଦୀର୍ଘ ୨୫ ବର୍ଷ ଧରି ଏଠାରେ ରାଧାକୁଣ୍ଡ ସ୍ନାନ ଉତ୍ସବ ପାଳିତ ହୋଇଆସୁଛି। କାନପୁର ଗ୍ରାମବାସୀ ଓ ମଠ ପରିଚାଳନା କମିଟିର ଉଦ୍ୟମରେ ପ୍ରତିବର୍ଷ କାର୍ତ୍ତିକ ମାସର ଅଷ୍ଟମୀ ତିଥିରେ ଏହି ଉତ୍ସବ ମହାସମାରୋହରେ ଆୟୋଜିତ ହେଉଛି। ପ୍ରତିବର୍ଷ ଏଠାରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବଢୁଥିବା ବେଳେ ଏହାର ପରିଚାଳନା ଓ ଭିତ୍ତିଭୂମି ବିକାଶକୁ ନେଇ ପ୍ରଶ୍ନ ଉଠିଛି।

ତେବେ ଏତେ ବଡ଼ ଧାର୍ମିକ ସମାଗମ ସତ୍ତ୍ୱେ ପୋଲିସ ପ୍ରଶାସନର ସୁରକ୍ଷା ବ୍ୟବସ୍ଥା ବ୍ୟତୀତ ଅନ୍ୟାନ୍ୟ ମୌଳିକ ସୁବିଧା ଦିଗରେ ସରକାରୀ ସ୍ତରରେ ଆଖିଦୃଶିଆ ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ହୋଇଛି। ବିଶେଷକରି ମହିଳା ଶ୍ରଦ୍ଧାଳୁଙ୍କ ସ୍ନାନ ପାଇଁ ସ୍ୱତନ୍ତ୍ର ଘାଟ, ବସ୍ତ୍ର ପରିବର୍ତ୍ତନ ଗୃହ ଓ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା ନଥିବାରୁ ଦୂରଦୂରାନ୍ତରୁ ଆସୁଥିବା ମହିଳା ଭକ୍ତମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ, ରାଧାକୁଣ୍ଡ ଚାରିପାଖରେ ଯଥେଷ୍ଟ ଖୋଲା ସ୍ଥାନ ଥିଲେ ମଧ୍ୟ ସୁବ୍ୟବସ୍ଥିତ ଭିଡ଼ ନିୟନ୍ତ୍ରଣ ଓ ଆବଶ୍ୟକୀୟ ଭିତ୍ତିଭୂମି ଅଭାବରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଠେଲାପେଲା ପରିସ୍ଥିତି ଉପୁଜୁଥିବା ଦେଖାଯାଇଛି। ଏଭଳି ସ୍ଥିତିରେ ରାଧାକୁଣ୍ଡର ଗୁରୁତ୍ୱକୁ ଦୃଷ୍ଟିରେ ରଖି ପୋଖରୀର ଚାରିପାଖରେ ସୁରକ୍ଷିତ ସ୍ନାନଘାଟ ନିର୍ମାଣ, ମହିଳାଙ୍କ ପାଇଁ ବସ୍ତ୍ର ପରିବର୍ତ୍ତନ ଗୃହ, ପାନୀୟ ଜଳ, ପରିମଳ ଓ ଉନ୍ନତ ଆଲୋକ ବ୍ୟବସ୍ଥା କରିବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହୋଇଛି। ସରକାର ଏହି ପବିତ୍ର ସ୍ଥାନର ବିକାଶ ପ୍ରତି ଦୃଷ୍ଟି ଦେଲେ ଆଗାମୀ ଦିନରେ ଏହା ଏକ ପ୍ରମୁଖ ଧାର୍ମିକ ଓ ପର୍ଯ୍ୟଟନସ୍ଥଳୀ ଭାବେ ପରିଚୟ ହାସଲ କରିପାରିବ ବୋଲି ମତପ୍ରକାଶ ପାଇଛି। ତେବେ ଶ୍ରଦ୍ଧାଳୁଙ୍କ ବଢୁଥିବା ସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନ କେବେ ଏହି ପୀଠର ବିକାଶ ପାଇଁ ଠୋସ୍ ପଦକ୍ଷେପ ଗ୍ରହଣ କରୁଛି, ତାହାକୁ ଏବେ ଅପେକ୍ଷା।

ନଭେମ୍ବର ୪ରେ ବୌଦ୍ଧଠାରେ ପେନସନ ଅଦାଲତ

ସୁବର୍ଣ୍ଣପୁର, ୦୨।୧୧ (ନି.ସୂ): ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ବକେୟା ପେନସନ ଓ ଅନ୍ୟାନ୍ୟ ଅବସରକାଳୀନ ପ୍ରାପ୍ୟର ତ୍ୱରିତ ସମାଧାନ ନିମନ୍ତେ ଆସନ୍ତା ନଭେମ୍ବର ୪ ତାରିଖ ଦିନ ବୌଦ୍ଧଠାରେ ଏକ ଜିଲ୍ଲାସ୍ତରୀୟ ପେନସନ ଅଦାଲତ ଅନୁଷ୍ଠିତ ହେବ। ଓଡ଼ିଶା ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଏବଂ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଏହି ଅଦାଲତ ଅନୁଷ୍ଠିତ ହେବ। ସୁବର୍ଣ୍ଣପୁର ଜିଲ୍ଲାର ଯେଉଁ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ ମୃତ ସରକାରୀ କର୍ମଚାରୀଙ୍କ ଉତ୍ତରାଧିକାରୀଙ୍କ ପେନସନ କିମ୍ବା ଅନ୍ୟାନ୍ୟ ଅବସରକାଳୀନ ପ୍ରାପ୍ୟ ବକେୟା ରହିଛି, ସେମାନେ ଆବଶ୍ୟକ କାଗଜପତ୍ର ସହ ନଭେମ୍ବର ୪ ତାରିଖ ଅପରାହ୍ନ ୨.୩୦ ରୁ ୫.୩୦ ମଧ୍ୟରେ ବୌଦ୍ଧଠାରେ ଅନୁଷ୍ଠିତ ପେନସନ ଅଦାଲତରେ ଉପସ୍ଥିତ ରହି ନିଜର ଅଭିଯୋଗ ଜଣାଇପାରିବେ। ଏହି ସୁଯୋଗର ସଦୁପଯୋଗ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷ ଦ୍ୱାରା ସମସ୍ତ ପେନସନ ଦାବିଦାରଙ୍କୁ ଅନୁରୋଧ କରାଯାଇଛି। ଏହି ଅଦାଲତରେ ସୁବର୍ଣ୍ଣପୁର ଜିଲ୍ଲାର ପେନସନ ସମ୍ବନ୍ଧୀୟ ଦୀର୍ଘଦିନର ବିଚାରାଧୀନ ମାମଲା, ଅବସରକାଳୀନ ପ୍ରାପ୍ୟ ପ୍ରଦାନରେ ବିଳମ୍ବ ଏବଂ ଅନ୍ୟାନ୍ୟ ପେନସନ ସମ୍ବନ୍ଧୀୟ ଅଭିଯୋଗର ସମାଧାନ ଦିଗରେ ପଦକ୍ଷେପ ନିଆଯିବ। ଏଥିସହ ଅବସର ଦିନ ହିଁ ପେନସନ, ଗ୍ରାଚୁଇଟି ଓ ଭବିଷ୍ୟନିଧି ପ୍ରଦାନ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଜଣାଯାଇଛି।

ଓଡିଶା ଗ୍ରାମୀଣ ବ୍ୟାଙ୍କ ନୂତନ ଏଟିଏମ୍‌ର ଶୁଭାରମ୍ଭ

ବୋରିଗୁମ୍ମା ୨/୧୧: ବୋରିଗୁମ୍ମା ସ୍ଥିତ ଓଡିଶା ଗ୍ରାମୀଣ ବ୍ୟାଙ୍କ କାର୍ଯ୍ୟାଳୟ ପାର୍ଶ୍ୱରେ ଓଡିଶା ଗ୍ରାମୀଣ ବ୍ୟାଙ୍କ ର ନୂତନ ଏଟିଏମ ଶୁଭାରମ୍ଭ ହୋଇଯାଇଛି।ମୁଖ୍ୟ ଅତିଥି ଭାବେ ଓଜିବି ର ଜେନେରାଲ ମେନେଜର ବାସୁଦେବ ରାଉତରାୟ ଓ ସମ୍ମାନିତ ଅତିଥି ଭାବେ ରିଜିଓନାଲ ମେନେଜର ରମେଶ ମହାକୁଡ଼ ଯୋଗ ଦେଇ ନୂତନ ଏଟିଏମ ର ଶୁଭାରମ୍ଭ କରିଥିଲେ।ନୂତନ ଏଟିଏମ ଆଜିଠାରୁ କାର୍ଯ୍ୟକ୍ଷମ ହୋଇଛି।ଏହି ପରିପ୍ରେକ୍ଷୀରେ ମୁଖ୍ୟ ଅତିଥି ବାସୁଦେବ ରାଉତରାୟ ତିନି ଜଣ ମହିଳା ପିଏମଏଫଏମଇ ଯୋଜନାରେ ପ୍ରତ୍ୟେକ ଙ୍କୁ ରେ ୪,୮୯,୦୦୦ ଟଙ୍କା, ତିନି ଜଣ ଙ୍କୁ ଲକ୍ଷପତି ଦିଦି ଯୋଜନାରେ ପ୍ରତ୍ୟେକ ଙ୍କୁ ଏକ ଲକ୍ଷ ଟଙ୍କା ଓ ଦୁଇ ଜଣଙ୍କୁ ଅନ୍ୟ ଯୋଜନାରେ ୮ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଥିଲା।ନୂତନ ଏଟିଏମ ଦ୍ୱାରା ଓଜିବି ଗ୍ରାହକ ସମେତ ଅନ୍ୟ ବ୍ୟାଙ୍କ ର ଗ୍ରାହକ ମାନେ ଅତି ସହଜରେ ଟଙ୍କା ଉଠାଇ ପାରିବେ।



ଅନ୍ୟ ମାନଙ୍କ ମଧ୍ୟରେ ଓଡିଶା ଗ୍ରାମୀଣ ବ୍ୟାଙ୍କ ଏଚଓଡ଼ି ଦିଗ ବିଜୟ ଦାସ, ରାଉତ, ରିଜିଓନାଲ ଆଡ଼ଭାନ୍ସ ମେନେଜର ରବ୍ରଜମୋହନ ରାଉତ, ଏଡ଼ମିନ ରାଜ ବାହାଦୂର ବର୍ମା ଓଜିବି ର ଅବସରପ୍ରାପ୍ତ କର୍ମଚାରୀ ଜେ. ଶଙ୍କର ରାଓ, ବାଳକୃଷ୍ଣ ନାୟକ, ରାମାନନ୍ଦ ପଣ୍ଡା ଓ ସ୍ୱୟଂ ସହାୟକ ଗୋଷ୍ଠୀ ର ମହିଳା ମାନେ ଉପସ୍ଥିତ ଥିଲେ।ଆଜିର କାର୍ଯ୍ୟକ୍ରମ କୁ ଓଡିଶା ଗ୍ରାମୀଣ ବ୍ୟାଙ୍କର ବ୍ରାଞ୍ଚ ମେନେଜର ପ୍ରତିକ୍ଷା ଦାସ ପରିଚାଳନା କରିଥିଲେ।

ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସହାୟତା ପ୍ରଦାନ

କଣ୍ଟିଗଡ଼ିଆ ,୨ ।୧୧(ନି ସୂ): ଧର୍ମଶାଳା ନିର୍ବାଚନମଣ୍ଡଳୀ ଜାରକା ଅଂଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଗରିବ ଓ ଅବହେଳିତମାନଙ୍କୁ ନିରନ୍ତର ସହାୟତା ପ୍ରଦାନ କରାଯାଉଛି । ଧର୍ମଶାଳା ବିଧାୟକ ହିମାଂସୁ ଶେଖର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଏହି ଟ୍ରଷ୍ଟ ମାଧ୍ୟମରେ ବିଧାୟକ ଶ୍ରୀ ସାହୁ ଗରିବ, ଅବହେଳିତମାନଙ୍କୁ ସହାୟତାର ହାତ ବଢାଉଛନ୍ତି । ଏହିକ୍ରମରେ ବିଧାୟକ ଶ୍ରୀ ସାହୁଙ୍କ ନିର୍ଦ୍ଦେଶକ୍ରମେ ଟ୍ରଷ୍ଟର ସଦସ୍ୟମାନେ ଗୋଡ ଭାଙ୍ଗି ଥିବା ଚିକିତ୍ସା ପାଇଁ ତରଞ୍ଜିଆ ଗ୍ରାମର ମହେନ୍ଦ୍ର ସାମଲ, ଅଣ୍ଟାର ଚିକିତ୍ସା ପାଇଁ ତରଞ୍ଜିଆ ଗ୍ରାମର ନକୁଳ ଚନ୍ଦ୍ର ସାମଲ, ଆର୍ଥିକ ଅନାଟନରେ ଥିବା କୁମାରୀ ପଞ୍ଚାୟତ ଜାମୁବଣିଆ ଗ୍ରାମର ପ୍ରିୟଦର୍ଶିନୀ ସାହୁ, ସାଇକେଲ କିଣିବା ପାଇଁ ରେଖିଦେଇପୁର ଗ୍ରାମର ଗୀତାଞ୍ଜଳି ମଲ୍ଲିକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସେହିପରି ସାଇକେଲ କିଣିବା ପାଇଁ ମଧୁସୂଦନପୁର ପଞ୍ଚାୟତ ମଧୁସୂଦନପୁର ଗ୍ରାମର ପ୍ରଫୁଲ୍ଲ ସାହୁ, ସାଇକେଲ କିଣିବା ପାଇଁ ଓଡିଶୋ ପଞ୍ଚାୟତ କରଞ୍ଜିଆରୀ ଗ୍ରାମର ନରେନ୍ଦ୍ର କୁମାର ନନ୍ଦୀ, ଅସହାୟ ପରିବାରକୁ ଘର ମରାମତି ପାଇଁ ଉତ୍ତରପ୍ରତାପ ପଞ୍ଚାୟତ ଅଲିଶାପାଟଣା ଗ୍ରାମର ବାସନ୍ତୀ ସେଠୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଟ୍ରଷ୍ଟର ସଦସ୍ୟମାନେ ସେମାନଙ୍କ ଘରକୁ ଯାଇ ଏହି ଆର୍ଥିକ ସହାୟତା ଦେଇଥିଲେ। ଗରିବ, ନିଷ୍ପେସିତ ଓ ଅବହେଳିତ ପରିବାରକୁ ଚିହ୍ନଟ କରାଯାଇ ଟ୍ରଷ୍ଟ ମାଧ୍ୟମରେ ସବୁ ସହାୟତା ପ୍ରଦାନ ଜାରି ରହିବ ବୋଲି ବିଧାୟକ ଶ୍ରୀ ସାହୁ ସୂଚନା ଦେଇଛନ୍ତି।




୬ଜିଲ୍ଲାର ଅବକାରୀ ଅଧୀକ୍ଷକଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା,୨।୧୧ :ରାଜ୍ୟରେ ଅବକାରୀ ବିଭାଗର କାର୍ଯ୍ୟକଳାପକୁ ଅଧିକ କ୍ରିୟାଶୀଳ, ସ୍ୱଚ୍ଛ ତଥା ସୁଦୃଢ଼ କରିବା ଉଦ୍ଦେଶ୍ୟରେ ରାଜ୍ୟ ଅବକାରୀ କମିଶନରଙ୍କ ନିର୍ଦ୍ଦେଶକ୍ରମେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଆହୂତ ହୋଇଛି। ଆସନ୍ତାକାଲି ଅର୍ଥାତ୍ ନଭେମ୍ବର ୩ ତାରିଖ ପୂର୍ବାହ୍ନ ୧୧ଟା ୩୦ ମିନିଟ୍‌ରେ ଭର୍ଚୁଆଲ୍ ବା ଭିଡିଓ କନଫରେନ୍ସିଂ (ଭିସି) ମାଧ୍ୟମରେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ଏହି ସମୀକ୍ଷା ବୈଠକରେ ଯୋଗଦେବା ପାଇଁ ରାଜ୍ୟର ୬ଟି ପ୍ରମୁଖ ଅବକାରୀ ଜିଲ୍ଲା ଯଥା ସୁବର୍ଣ୍ଣପୁର, କେନ୍ଦ୍ରାପଡ଼ା, ନୟାଗଡ଼, ଭଦ୍ରକ, ବ୍ରହ୍ମପୁର ଏବଂ ବାଲେଶ୍ୱରର ଅବକାରୀ ଅଧୀକ୍ଷକ (ସୁପରିନଟେଣ୍ଡେଣ୍ଟ ଅଫ୍ ଏକ୍ସାଇଜ) ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କେବଳ ଜିଲ୍ଲା ଅଧୀକ୍ଷକ ନୁହନ୍ତି, ବରଂ ପ୍ରତ୍ୟେକ ଜିଲ୍ଲାର କ୍ଷେତ୍ରସ୍ତରୀୟ ଅଧିକାରୀ (ଫିଲ୍ଡ ଅଫିସର) ମାନେ ମଧ୍ୟ ନିଜ ନିଜ ଜିଲ୍ଲା ଅଧୀକ୍ଷକଙ୍କ ସହିତ ଏହି ବୈଠକରେ ଉପସ୍ଥିତ ରହିବାକୁ ବାଧ୍ୟତାମୂଳକ କରାଯାଇଛି। ଏହି ଭିସି ବୈଠକ ପାଇଁ ଆବଶ୍ୟକ ଲିଙ୍କ୍ ଖୁବ୍ ଶୀଘ୍ର ସମ୍ପୃକ୍ତ ଅଧିକାରୀମାନଙ୍କ ନିକଟକୁ ପଠାଯିବ ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶ। ବିଶେଷ କରି ସମ୍ପୃକ୍ତ ଜିଲ୍ଲାଗୁଡ଼ିକରେ ବେଆଇନ ମଦ କାରବାର ରୋକିବା, ଚୋରା ଚାଲାଣ ଉପରେ କଡ଼ା ନଜର ରଖିବା, ନିଶା କାରବାର ବିରୋଧରେ ବ୍ୟାପକ ଚଢ଼ାଉ ଜାରି ରଖିବା ଏବଂ ରାଜସ୍ୱ ଆଦାୟ ବୃଦ୍ଧି କରିବା ଭଳି ବିଭିନ୍ନ ବିଷୟ ଉପରେ ଏହି ବୈଠକରେ ବିସ୍ତୃତ ଆଲୋଚନା ହେବାର ସମ୍ଭାବନା ରହିଛି। ଏହାସହ ଚଳିତ ଆର୍ଥିକ ବର୍ଷର ଲକ୍ଷ୍ୟ ହାସଲ ତଥା ପଡ଼ିରହିଥିବା ବିଭିନ୍ନ ଅବକାରୀ ମାମଲାର ତ୍ୱରିତ ସମାଧାନ ପାଇଁ ଉଚ୍ଚପଦସ୍ଥ ଅଧିକାରୀମାନଙ୍କୁ ଆବଶ୍ୟକ ମାର୍ଗଦର୍ଶନ ଓ କଡ଼ା ନିର୍ଦ୍ଦେଶ ଦିଆଯିବ। କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କ ଉପସ୍ଥିତି ଯୋଗୁଁ ଜିଲ୍ଲାର ବାସ୍ତବ ସ୍ଥିତି, ସମସ୍ୟା ଓ ସଫଳତା ସମ୍ପର୍କରେ ସିଧାସଳଖ ତଥ୍ୟ ଆଲୋଚନା ହୋଇପାରିବ ବୋଲି ଆଶା କରାଯାଉଛି। ତେଣୁ ସମସ୍ତ ନିର୍ଦ୍ଦେଶିତ ଅଧିକାରୀଙ୍କୁ ସମ୍ପୂର୍ଣ୍ଣ ରିପୋର୍ଟ ଓ ତଥ୍ୟ ସହ ଠିକ୍ ସମୟରେ ଭିସିରେ ଯୋଡ଼ି ହେବା ପାଇଁ ସତର୍କ କରାଯାଇଛି।

ପୁଜାରିଗୁଡ଼ାରେ ଶ୍ରୀ ତୁଳସୀ ସହସ୍ର ଅର୍ଚ୍ଚନ ଓ ବିଶେଷ ବାସୁଦେବ ମହାଯଜ୍ଞ ଅନୁଷ୍ଠିତ

ରାୟଗଡ଼ା ୨/୧୧: ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ପୁଜାରିଗୁଡ଼ା ଗ୍ରାମର ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ଅବସ୍ଥିତ ଶ୍ରୀ ରାଧାକୃଷ୍ଣ ମନ୍ଦିରରେ ସତସଙ୍ଗ ସହ ଶ୍ରୀ ତୁଳସୀ ସହସ୍ର ଅର୍ଚ୍ଚନ ଓ ବିଶେଷ ବାସୁଦେବ ମହାଯଜ୍ଞ ଶ୍ରଦ୍ଧା ଓ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ପୂଜ୍ୟ ଯୋଗୀ ଶ୍ରୀ ଚୈତନ୍ୟ ରାମ୍ ଜିଙ୍କ ତତ୍ତ୍ୱାବଧାନରେ ଏହି ଧାର୍ମିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।



ଏଥିରେ ବୃନ୍ଦାବନସ୍ଥିତ ରାମଜାନକୀ ଆଶ୍ରମରୁ ବ୍ରହ୍ମଚାରୀ ଅମିତ୍ ଜି ଯୋଗଦେଇ ବିଶେଷ ବାସୁଦେବ ମହାଯଜ୍ଞର ବିଭିନ୍ନ ବୈଦିକ ରୀତିନୀତି ଓ ପୂଜାବିଧି ସମ୍ପାଦନ କରିଥିଲେ। ଏହି ଅବସରରେ ଶ୍ରୀ ତୁଳସୀ ସହସ୍ର ଅର୍ଚ୍ଚନ ମାଧ୍ୟମରେ ଭଗବାନ ଶ୍ରୀ ବିଷ୍ଣୁଙ୍କ ପ୍ରତି ଭକ୍ତି ଓ ସମର୍ପଣ ଭାବ ପ୍ରକାଶ କରାଯାଇଥିଲା। ସତସଙ୍ଗ ମାଧ୍ୟମରେ ଆଧ୍ୟାତ୍ମିକ ଚିନ୍ତାଧାରା, ଧାର୍ମିକ ଚେତନା ଓ ମାନବୀୟ ମୂଲ୍ୟବୋଧର ମହତ୍ତ୍ୱ ଉପରେ ଯୋଗୀ ଶ୍ରୀ ରାମ୍ ଜି ଆଲୋକପାତ କରିଥିଲେ। ଏହି ଧାର୍ମିକ ଆୟୋଜନ ଫଳରେ ପୁଜାରିଗୁଡ଼ା ଗ୍ରାମରେ ଏକ ଆଧ୍ୟାତ୍ମିକ ଓ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ମନ୍ଦିର ପରିଚାଳନା କମିଟି ଓ କର୍ତ୍ତା ଭାବେ ନେମାଳପୁରି ଚନ୍ଦ୍ରଶେଖର ରାଓଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବି. କାମେଶ୍ୱର ନାଇଡୁ, ଜି. ଶ୍ରୀନିବାସ ରାଓ, ଗଣେଶ, ପି. ରମେଶ ବାବୁ, ତାରକେଶ୍ୱର ରାଓ ମୁରଲୀ, ସୁମନ ଦମ୍ପତି, ଜି. ଚିନାମ ନାଇଡୁ ଓ ପଣ୍ଡିତ ଧର୍ମେନ୍ଦ୍ର ପାଣ୍ଡେ ପ୍ରମୁଖ ଯୋଗ ଦେଇ ସଞ୍ଚାଳନ କରିଥିଲେ। ଭଗବାନଙ୍କ ଆଶୀର୍ବାଦ କାମନା କରି ଅଞ୍ଚଳର ବହୁ ଭକ୍ତମାନେ ଏହି ଧାର୍ମିକ ଅନୁଷ୍ଠାନରେ ସାମିଲ ହୋଇଥିଲେ।

ଲରମ୍ଭା କପ୍ ଫୁଟବଲ୍ ମ୍ୟାଚ ଉଦଘାଟିତ



କ୍ୟୁଟର ଫାଇନାଲରେ ସୁନାମୁଦି ଦଳ

ପାଟଣାଗଡ଼ ୨।୧୧: ପାଟଣାଗଡ଼ ବ୍ଲକ ଲରମ୍ଭା ଆଦର୍ଶ କ୍ଲବ୍ ଆନୁକୂଲ୍ୟ ସ୍ଥାନୀୟ ଖେଳ ପଡ଼ିଆରେ ଲରମ୍ଭା କପ୍ ଫୁଟବଲ୍ ମ୍ୟାଚ ସୋମବାର ଉଦଘାଟିତ ହୋଇଛି। ଲରମ୍ଭା ଥାନା ଅଧିକାରୀ ଭାନୁ ଶଙ୍କର ଯାଦବ ମୁଖ୍ୟ ଅତିଥି,ସର୍ବ ଭାରତୀୟ ସ୍ୱାଲାଖ ବିନ୍ଧ୍ୟଗିରୀବାସୀ ବିଞ୍ଝାଲ ସମାଜ ଉପ ଲାଟସଭାପତି ତଥା ମ୍ୟାଚ ର ସଭାପତି , ପଙ୍କଜ କୁମାର ଦଣ୍ଡସେନା,ରୁଦ୍ରମଣି ଖର୍ସେଲ, ହରେକୃଷ୍ଣ ଧରୁଆ,ଶ୍ରୀମନ୍ତ ପାଣ୍ଡେ, ମାୟାଧର ରାୟ, ନରେନ୍ଦ୍ର ବେହେରା,ଜୀବର୍ଦ୍ଧନ ଡୁଡୁକା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ମ୍ୟାଚକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଉଦଘାଟନୀ ମ୍ୟାଚ ପ୍ରଥମ ଲିଗ୍ ମ୍ୟାଚ୍ ଖୁଣ୍ଟସମଲାଇ ଓ ସୁନାମୁଦି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁନାମୁଦି ଦଳ ବିଜୟୀ ହାସଲ କରିଥିଲା। ଦ୍ୱିତୀୟ ଲିଗ୍ ମ୍ୟାଚରେ ଦହିତା ଓ ଭାଲୁପିଟା ଦଳ ମଧ୍ୟରେ ସଂଘର୍ଷ ପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହେଇଥିଲା। ପରିଶେଷରେ ଟ୍ରାଇକ ବେକରେ ସୁନାମୁଦି ୨ /୧ ଗୋଲ ରେ ସୁନା ମୁଦି ଦଳ କ୍ୟୁଟରଫାଇନାଲକୁ ପଦାର୍ପଣ କରିଛି।ଖେଳ ଆରମ୍ଭ ରୁ ମାଟି ମାତା ଗ୍ରାମ୍ୟ ଦେବାଦେବୀ ପୂଜାର୍ଚ୍ଚନା କରା ଯାଇଥିଲା କ୍ଷ ସେହିପରି ଆଜିର ଦ୍ୱିତୀୟ ମ୍ୟାଚ୍ ରେଫରି ସରୋଜ କୁମାର ଭୋଇ ମ୍ୟାଚ ପରିଚାଳନା କରିଥାବେଳେ ଶିବ ବାଗ ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବ୍ ର ସଭାପତି ଚନ୍ଦ୍ରଶେଖର ବାଗ, କ୍ୟାପଟେନ୍ ଆଲୋକ ରାୟ,ସହ କ୍ୟାପଟେନ୍ ଭକ୍ତ ଧରୁଆ ଙ୍କ ସହ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ମ୍ୟାଚ ନଭେମ୍ବର ୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

କରଞ୍ଜିଆ ଠାରେ ଡାକ ଚୌପାଲ 'ସରକାରୀ ସେବା ଆମ ଦ୍ୱାର ଦେଶରେ ' କାର୍ଯ୍ୟକ୍ରମ ଅନୁଷ୍ଠିତ

ଡାକ ବିଭାଗ ଦ୍ୱାରା ପ୍ରଣିତ ବିଭିନ୍ନ ଯୋଜନାରେ ହିତାଧିକାରୀ ଉପଯୋଗ କରିବାକୁ ଆହ୍ୱାନ

କରଞ୍ଜିଆ ୨/୧୧: କରଞ୍ଜିଆ ଠାରେ ଡାକ ସେବା ଜନ ସେବାର ନାରାକୁ ଚରିତାର୍ଥ କରିବା ପାଇଁ ଡାକ ଚୌ।ପାଲ ଆଜି ମିଳନ ପଡିଆ ଠାରେ କରଞ୍ଜିଆ ଡାକଘର ମୁଖ୍ୟ ପରିଚାଳକ ନନ୍ଦ କିଶୋର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ମାନଙ୍କ ମଧ୍ୟରେ ରାଇରଙ୍ଗପୁର ସ୍ଥିତ ଡାକ ବିଭାଗ ସୁପରିଟେଣ୍ଡେଣ୍ଟ ଗୌରାଙ୍ଗ ଚରଣ ବେହେରା,ଡାକ ବିଭାଗ



ଇନ୍ସପେକ୍ଟର ରାଇରଙ୍ଗପୁର ତନ୍ମୟ କୁମାର ସାହୁ, କରଞ୍ଜିଆ ଇନ୍ସପେକ୍ଟର ରାଜେନ୍ଦ୍ର ପ୍ରସାଦ ଦାସ ଯୋଗଦାନ କରିଥିଲେ। ସାଲେଇବେଡା ଡାକଘର ପରିଚାଳକ ଅପର୍ଣ୍ଣା ମଲ୍ଲିକ,ହଳଦୀଆ ଡାକଘର ପରିଚାଳକ ସୌରଭ କୁମାର ଘଣା,ବକଳା ଡାକଘର ପରିଚାଳକ ସରୋଜିନୀ ମାଝୀ ପ୍ରମୁଖ ଡାକ ବିଭାଗ ଦ୍ୱାରା ପ୍ରଚଳିତ ବିଭିନ୍ନ ଯୋଜନାର ସହଯୋଗ ନେଇ କିପରି ନିଜ ନିଜର ଅର୍ଥନୈତିକ ମାନଦଣ୍ଡର ଉନ୍ନତି କରିହେବ ସେ ବିଷୟରେ ଆଲୋକପାତ କରିଥିଲେ।ଇ କମର୍ସ ଏବଂ ରପ୍ତାନୀ ସେବା, ପେମେଣ୍ଟ ବ୍ୟାଙ୍କ ସିଷ୍ଟମ, ଆର୍ଥିକ ସେବା, ନାଗରିକ କୈନ୍ଦ୍ରିକ ସେବା,ସ୍ମଲ ସେଭିଂସ ବ୍ୟାଙ୍କ ଆକାଉଣ୍ଟ ପଲିସି, ଇଣ୍ଡିଆ ପୋଷ୍ଟ ପେମେ,ଡାକ ବ୍ୟାଙ୍କ ଜୀବନ ବୀମା ଏବଂ ଗ୍ରାମୀଣ ଡାକ ଜୀବନ ବୀମା, ଆଧାର ସେବା ଓ ପାସପୋର୍ଟ ସେବା କିପରି ମିଳିପାରିବ ସେ ବିଷୟରେ ଉପସ୍ଥିତ ଥିବା ଓଭରସିଅର, ପୋଷ୍ଟ ମାଷ୍ଟର, ଇନ୍ସପେକ୍ଟର,ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ ତଥା ଜନସାଧାରଣଙ୍କୁ ଅବଗତ କରିଥିଲେ।

Printed Published and owned By Satya Brata Patra, Published from AT- Jhumpan, PO-Naguan, PS-Korai, Dist- Jajpur, Odisha, pin-755019 , Printed at M/S Janjalidevi Printers & Publishers, 131, Rajarani Nagar, Bhubaneswar, Dist-Khordha, Odisha, Pin-751014, E mail- nirbhaysuchana@gmail.com, advtnirbhaysuchana@gmail.com Mob: 9937403435

ସଂପାଦକ- ସତ୍ୟବ୍ରତ ପାତ୍ର

Editor - SATYA BRATA PATRA